

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 JANUARY 2022
Vol.No. 33 ■ No. 6 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଉପରମୁହାଁ କରୋନା : ରାଜ୍ୟରେ ରାତି ୯ରୁ ନାଇଟ୍ କର୍ଫ୍ୟୁ

- ମଲ୍, ଦୋକାନରେ ଭିଡ ହେଲେ ୭ ଦିନ ପାଇଁ ସିଲ୍ ହେବ, ବନ୍ଦ ରହିବ ସ୍କୁଲ
- ହୋଟେଲ , ରେଷ୍ଟୁରାଂଟ, ସିନେମା ହଲ୍ ୫୦% କ୍ଷମତାରେ ଚାଲିପାରିବ
- ପିକନିକ୍ , ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା , ପ୍ରଦର୍ଶନୀ ଉପରେ କଟକଣା
- ବିବାହରେ ୧୦୦, ଶୁଦ୍ଧିକ୍ରିୟାରେ ୫୦ ଲୋକଙ୍କୁ ଅନୁମତି

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବା ବେଳେ କଟକଣା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ରାଜ୍ୟର ସମସ୍ତ ସହରାଂଚଳରେ ଏଣିକି ରାତି ୯ଟାରୁ ନାଇଟ୍ କର୍ଫ୍ୟୁ ଆରମ୍ଭ ହେବ। ପୂର୍ବରୁ ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ଟାରୁ ଲାଗୁ ହେଉଥିଲା। ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍ଆରସି) ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି। କଟକଣା ମଧ୍ୟରେ ମାଟ୍ରିକ୍ ସମେଟିଭ୍ ପରୀକ୍ଷା ଚାଲିବ। ତେବେ ପରୀକ୍ଷା ସରିବା ପରେ ଆଗାମୀ ୮ ତାରିଖ ପରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ-କଲେଜ ଗୁଡ଼ିକ ବନ୍ଦ ରହିବ । କ୍ଲାସ ବନ୍ଦ ରହିଲେ ବି ଅନଲାଇନ ପାଠପଢ଼ା



ଚାଲୁ ରହିବ। ଦଶମ, ଦ୍ୱାଦଶ ପିଲାଙ୍କ ପାଇଁ ଛୋଟ ଛୋଟ ବ୍ୟାଚ୍ ରେ ଡାଉଟ୍ କ୍ଲିୟରିଂ କ୍ଲାସ କରିପାରିବେ ବୋଲି ଏସଆରସି କହିଛନ୍ତି। ଆସନ୍ତା ୭ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତର ରହିବ। ଏସ୍ଆରସି କହିଛନ୍ତି ଯେ, ଅତ୍ୟାବଶ୍ୟକ ସେବା ପାଇଁ କୋଭିଡ-୧୯ କଟକଣା ଲାଗୁ ହେବ ନାହିଁ। ମଲ, ମାର୍କେଟ, ହାଟ, ଦୋକାନ-ବଜାରରେ ଭିଡ଼ ହ୍ରାସ ପାଇଁ ସମସ୍ତେ ଉଦ୍ୟମ କରିବେ। ବ୍ୟବସାୟୀ ଓ ଦୋକାନୀମାନେ ଦାୟିତ୍ୱରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ସହିତ ସଂପୃକ୍ତ ବ୍ୟବସାୟିକ ଅନୁଷ୍ଠାନକୁ ପରବର୍ତୀ ୭ ଦିନ ପାଇଁ ସିଲ୍ କରାଯିବ। ଦୋକାନ ବା ମଲ୍ ରେ ଭିଡ ହେଲେ ଏଥିପାଇଁ ସମ୍ପୃକ୍ତ ମାଲିକ ଦାୟୀ ରହିବେ। ସେହିପରି ସାମାଜିକ, ଧାର୍ମିକ, ରାଜନୈତିକ, ଶୈକ୍ଷିକ କାର୍ଯ୍ୟକ୍ରମରେ ୧୦୦ ଲୋକ ଅଂଶଗ୍ରହଣ କରିପାରିବେ। ହଲ୍ କ୍ଷମତାର ୫୦ ପ୍ରତିଶତ ଲୋକ ରହିପାରିବେ। ହୋଟେଲ, କଲ୍ୟାଣ ମଣ୍ଡପ ଆଦିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଯାଇଛି। ବ୍ୟକ୍ତିଗତ ସମାରୋହ ଘର ଭିତରେ କରିପାରିବେ। ଧର୍ମାନୁଷ୍ଠାନ ଗୁଡ଼ିକ ବନ୍ଦ ରହିବ। କେବଳ ଧାର୍ମିକ ନୀତିର ଆୟୋଜନ ହେବ। କିନ୍ତୁ ଆୟୋଜନ ନେଇ ସ୍ଥାନୀୟ ପ୍ରଶାସନ ନେଇ ଏହାରି ଉପରେ ନିଷ୍ପତି ନେବେ। ପିକ୍‌ନିକ୍ କୁ ବାରଣ କରାଯାଇଛି। ସ୍କୁଲ କିମ୍ବା କଲେଜର ପିକନିକ୍, ଏସକର୍ସନ ସଂପୂର୍ଣ୍ଣ ଭାବେ ବାରଣ କରାଯାଇଛି। ନନ୍ଦନକାନନ ଆଦି ସ୍ଥାନରେ ଟିକେଟ୍ ପାଇଁ କ୍ୟୁରେ ରହିବାକୁ ପଡ଼ିବ। ଏସ୍ଆରସି କହିଛନ୍ତି,

▶▶ପୃଷ୍ଠା ୭

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଢ଼ିଲା : କାର୍ଯ୍ୟାନୁଷ୍ଠାନ ଆରମ୍ଭ

ନୂଆଦିଲ୍ଲୀ, ୦୫/୦୧ : ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି କରାଯାଇଥିବା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଛି। ଏହି ଘଟଣାରେ ଫିରୋଜପୁର ଏସଏସପିଙ୍କୁ ନିଲମ୍ବିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଫିରୋଜପୁରରେ ଏକ ମେଗା ରାଲିକୁ ସମ୍ବୋଧିତ କରିବାକୁ ଯାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ଆସୁଥିବା ଜାଣି ସେଠିକାର ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋଦି ଆସୁଥିବା ବାଟରେ ଏକ ଫ୍ଲାଏ ଓଭରକୁ ଅବରୋଧ କରିବାରୁ ମୋଦିଙ୍କ କାରକେଡ୍ ଫସିଯାଇଥିଲା । ଏମିତିକି ସେଠାରେ ମୋଦିଙ୍କ କାର ୨୦ ମିନିଟ୍ ଅଟକି ରହିଥିଲା । ପରେ ମୋଦି କାର୍ଯ୍ୟକ୍ରମ ବାତିଲ କରି ଫେରି ଆସିଥିଲେ। ଏହି ଘଟଣାରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ପଞ୍ଜାବ ସରକାରଙ୍କୁ ଚିଠି ଲେଖି



ରିପୋର୍ଟ ମାଗିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପାଇଁ ରାଜ୍ୟ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇ ନଥିବା ଗୃହମନ୍ତ୍ରଣାଳୟ କହିଛି । ଏହି ଘଟଣାରେ ରାଜନୀତି ଜୋର ଧରିଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ ସରକାରକୁ କଡ଼ା ସମାଲୋଚନା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ। ଯଦି ପ୍ରଧାନମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଦେଇ ପାରୁ ନାହାନ୍ତି ତେବେ ଏହି ସରକାର ଶାସନରୁ ଓହରି ଯିବା କଥା। ପଞ୍ଜାବରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସେ କହିଛନ୍ତି ଯେ, ପାକିସ୍ତାନ ସୀମାଠାରୁ ମାତ୍ର ୧୦ କିମି ଦୂରରେ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେଇ ପାରୁ ନାହାନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଶାସନରେ ରହିବା ଅଧିକାର ନାହିଁ। ତୁରନ୍ତ ସେ ଇସ୍ତଫା ଦେଇଦେବା ଉଚିତ ବୋଲି କହିଛନ୍ତି । ଏମିତିକି ଆଜିର ପରିସ୍ଥିତି ବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂଙ୍କ ସାହାଯ୍ୟ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ସେ ଏଡ଼ାଇ ଯାଇଥିଲେ ବୋଲି ବିଜେପି କହିଛି।

## ୬ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଏଥିପାଇଁ ୬ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ରହିଛି। ସେହିପରି ଜାନୁଆରୀ ୬ ତାରିଖରୁ ୭ ତାରିଖ ମଧ୍ୟରେ ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଆଦି ଜିଲ୍ଲାକୁ ବି କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବୁଷ୍ଟର ଡୋଜ୍ ନେଇ ସ୍ପଷ୍ଟିକରଣ ରଖିଲେ ଡାକ୍ତର ଭି.କେ. ପଲ୍

ଭୁବନେଶ୍ୱର,୦୫/୦୧(ନି.ପ୍ର): ବୁଷ୍ଟର ଡୋଜ୍ କାହାକୁ କେମିତି ଦିଆଯିବ ସେନେଇ ସ୍ପଷ୍ଟୀକରଣ ରଖିଛନ୍ତି ଡାକ୍ତର ଭି.କେ. ପଲ୍ । ତାଙ୍କ ସୂଚନା ଅନୁସାରେ, ଯିଏ ଯେଉଁ ଡୋଜ୍ ନେଇଥିବେ ତାଙ୍କୁ ସେଇ ଡୋଜ୍ ଦିଆଯିବ । ତେବେ ପ୍ରତିଷେଧ ଡୋଜ୍ ଭାବେ କୋଭାକ୍ସିନ୍ ଓ କୋଭିସିଲ୍ଡ ଡୋଜ୍ ନେଇପାରିବେ ବୋଲି ସେ କହିଛନ୍ତି । ଅର୍ଥାତ ଯିଏ କୋଭାକ୍ସିନ୍ ଡୋଜ୍ ନେଇଥିଲେ ବୁଷ୍ଟର ଡୋଜରେ ତାଙ୍କୁ ସେହି କୋଭାକ୍ସିନ୍ ଡୋଜ୍ ହିଁ ଦିଆଯିବ । ସେହିପରି ଯିଏ କୋଭିସିଲ୍ଡ ଟିକା ନେଇଥିଲେ ତାଙ୍କୁ ବୁଷ୍ଟର ଡୋଜରେ କୋଭିସିଲ୍ଡ ଟିକା ଦିଆଯିବ ବୋଲି ଡାକ୍ତର ଭି.କେ.ପଲ୍ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜାନୁଆରୀ ୧୦ ତାରିଖରୁ ସାରା ଦେଶରେ କୋଭିଡ୍ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ । ଏନେଇ ପ୍ରଧାନମନ୍ତ୍ରୀ ବହୁ ଦିନରୁ ଘୋଷଣା କରିସାରିଛନ୍ତି ।

# ମର୍ମନ୍ତୁଦ ସଡକ ଦୁର୍ଘଟଣା : ୧୬ ମୃତ, ୨୬ ଆହତ

ଭୁବନେଶ୍ୱର,୦୫/୦୧(ନି.ପ୍ର): ଝାଡଖଣ୍ଡ ପକୁର ଜିଲ୍ଲାରେ ମର୍ମନ୍ତୁଦ ସଡକ ଦୁଘଟଣା । ସାମ୍ନାରୁ ଆସୁଥିବା ଏକ ସିଲିଣ୍ଡର ବୋଝେଇ ଟ୍ରକ ସହ ଯାତ୍ରୀବାହୀ ବସ ମୁହାଁ ମୁହିଁ ହୋଇଛି । ଫଳରେ ଘଟଣା ସ୍ଥଳରେ ହିଁ ୧୬ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୨୬ ରୁ ଅଧିକ ଜଣ ଗୁରୁତର ଆହତ ହୋଇଛନ୍ତି । ତେବେ କୁହୁଡିଆ ପାଗ ହିଁ ଅଘଟଣର ମୁଖ୍ୟ କାରଣ ବୋଲି କୁହାଯାଉଛି । ତେବେ ବୁଧବାର, ସମୟ ପ୍ରାୟ ସକାଳ ୮.୩୦ ସମୟରେ ଝାଡଖଣ୍ଡ ପକୁର ଜିଲ୍ଲା ଗୋବିନ୍ଦପୁର ସହିବଙ୍ଗଜ ରାସ୍ତା ନିକଟରେ ଘଟିଥିଲା ଏହି ଅଭାବନୀୟ ଘଟଣା । ଯାତ୍ରୀବାହୀ ବସକୁ ଟ୍ରକ୍ ଧକ୍କା ଦେବାରୁ



ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଛନ୍ତି ୧୬ଜଣ ଯାତ୍ରୀ । ୪୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ବସଟି ସାମ୍ନାରୁ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ପାଗ କୁହୁଡିଆ ଥିବାରୁ ଆଗକୁ କିଛି ସ୍ପଷ୍ଟ ଦେଖା ଯାଉନଥିଲା । ଫଳରେ ସାମ୍ନାରୁ ଆସୁଥିବା ଟ୍ରକ ସହ ଯାତ୍ରୀବାହୀ ବସ ମୁହାଁ ମୁହି ହୋଇଥିଲା । ଘଟଣାରେ ୧୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ, ୨୬ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । କୁହୁଡି କାରଣରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା କୁହାଯାଉଛି । ଖରାପ ପାଗ, କୁହୁଡି ପାଇଁ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି । ତେବେ ଦୁର୍ଘଟଣାରେ ବସ୍ କି ଟ୍ରକର ତେଲଟାଙ୍କି ଫାଟି ନାହିଁ । ନହେଲେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇଥାନ୍ତା ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି । ଘଟଣାସ୍ଥଳରେ ପୋଲିସ ଓ ଦମକଳ ବାହିନୀ ପହଁଚି ତୁରନ୍ତ ଉଦ୍ଧାର କାମରେ ନିୟୋଜିତ ହୋଇଥିଲା । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦୁଃଖ ପ୍ରକାଶ କରିଛନ୍ତି । ସମସ୍ତ ଆହତଙ୍କୁ ଭଲ ଚିକିତ୍ସା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଅନ୍ୟପଟେ ଘଟଣା ସ୍ଥଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# କ୍ୟାବିନେଟ୍ ନିଷ୍ପତ୍ତି : ଏଣିକି ସହଜ ହେବ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ-୧୯୫୪ରେ ସଂଶୋଧନ କରିବାକୁ ରାଜ୍ୟ କ୍ୟାବିନେଟ ନିଷ୍ପତି ନେଇଛି । ଏହାଦ୍ୱାରା ଜଗନ୍ନାଥ ମନ୍ଦିରର ସ୍ଥାବର ସମ୍ପତିକୁ ବିକ୍ରି, ଲିଜ୍ ଓ ମଡଗେଜ ଆକାରରେ ହସ୍ତାନ୍ତର କରିବା ପାଇଁ ସରକାରଙ୍କର ପୂର୍ବ ଅନୁମୋଦନ ଦରକାର ପଡୁଥିଲା । କିନ୍ତୁ ଏହି ଅଧ୍ୟାଦେଶ ବଳରେ ଏଣିକି ସରକାରଙ୍କ ଅନୁମୋଦନ ଆବଶ୍ୟକ ପଡିବ ନାହିଁ ବୋଲି ବୈଠକ ପରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଏହି ନିଷ୍ପତି ପରେ ଏଣିକି ଶ୍ରୀମନ୍ଦିର ପ୍ରଶାସକ, ପରିଚାଳନା କମିଟି, ଜିଲ୍ଲାପାଳଙ୍କ



ନିକଟରେ ଆବେଦନ କରିପାରିବେ। ଶ୍ରୀଜଗନ୍ନାଥ ମନ୍ଦିର ତଥା ମନ୍ଦିର ପରିଚାଳନା କମିଟି ଅଧୀନରେ ଅନେକ ସ୍ଥାବର ଓ ଜମିବାଡିର ମାଲିକାନା ସତ୍ୱ ରହିଛି । ଏଥିରେ ପରିବର୍ତ୍ତନ ସହ ସଂପୃକ୍ତ ମାମଲାଗୁଡିକର ତୁରନ୍ତ ଫଇସଲା ଓ

▶▶ପୃଷ୍ଠା ୭

# ଭୁବନେଶ୍ୱରର ୫ଟି ସ୍ଥାନରେ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ରାଜଧାନୀର ବିଭିନ୍ନ ସ୍ଥାନରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ବୁଧବାର ଭୁବନେଶ୍ୱରର ୫ଟି ସ୍ଥାନରେ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଭୁବନେଶ୍ୱରର ଆଚାର୍ଯ୍ୟ ବିହାର ସାଇ ମନ୍ଦିର ନିକଟସ୍ଥ ଏକ ପ୍ଲଟରୁ ଏକାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଫଳରେ ଉକ୍ତ ଅଂଚଳକୁ ବିଏମସି ପକ୍ଷରୁ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ସେହିପରି ଆଚାର୍ଯ୍ୟ ବିହାର ଅନ୍ତର୍ଗତ ପାଣି ଟାଙ୍କି, ସତ୍ୟନଗର, ବାପୁଜୀ ନଗର, ଟଙ୍କପାଣି ରୋଡ଼ ଅଧିନସ୍ଥ ବିଷ୍ଣୁ ନଗର ଆଦି ଅଂଚଳମାନଙ୍କରେ ଏକାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ୫ଟି ଅଂଚଳର ସମସ୍ତ ଜନସାଧାରଣଙ୍କୁ ଘରେ ରହିବାକୁ କୁହାଯାଇଛି। କଂଟେନମେଂଟ ଜୋନ୍ ପରିସରକୁ କୌଣସି ବାହାର ଅଂଚଳର ଲୋକ ଯିବାକୁ ବାରଣ କରାଯାଇଛି। କଣ୍ଟେନମେଣ୍ଟ ସମୟରେ ଏହି ଅଂଚଳବାସୀଙ୍କ ପାଇଁ ବିଏମସି ପକ୍ଷରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ। ଏଥିପାଇଁ ବିଏମସି ପକ୍ଷରୁ ସ୍ୱତନ୍ତ୍ର ୱାର୍ଡ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି ।

# ଓଡ଼ିଶାରେ ଆଉ ୨୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ସାରା ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ କରୋନାର ଏହି ନୂଆ ଭାରିଏଣ୍ଟ ଲଗାତର ବୃଦ୍ଧି ପାଉଛି। ବୁଧବାର ଓଡ଼ିଶାରୁ ଆଉ ୨୪ ନୂଆ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ (ଆଇଏଲ୍ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ




ବିଭାଗକୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି। ଏହା ପୂର୍ବରୁ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୭ ଥିଲା। ଏଥିମଧ୍ୟରୁ ୫ ଜଣଙ୍କ ବିଦେଶ ଲିଙ୍କ୍ ରହିଥିବା ଜଣାପଡ଼ିଛି। ସେହିପରି ବାକି ୧୯ ଜଣ ସ୍ଥାନୀୟ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ମୋଟ ୨୧୮ ସାମ୍ପଲର ଜିନମ ସିକ୍ୱେନସିଂ କରାଯାଇଥିଲା। ୨୧୮ ସାମ୍ପଲରୁ ୨୪ଟି ଓମିକ୍ରନ୍ ଭାରିଏଣ୍ଟ ଥିବା ସୂଚନା ମିଳିଛି। ରାଜ୍ୟରେ ଆଜି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ମାତ୍ରାଧିକ ବଢ଼ିଛି। ଗତକାଲି ପାଖାପାଖି

▶▶ପୃଷ୍ଠା ୭

# ବରଗଡ ମଣ୍ଡିରେ ନଷ୍ଟ ହେଉଛି ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ

ବରଗଡ,୦୫/୦୧(ନି.ପ୍ର): ଅଦିନିଆ ବର୍ଷା ଯୋଗୁ ବରଗଡ଼ ଜିଲ୍ଲାରେ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜିଲ୍ଲା ଯୋଗାଣ ବିଭାଗର ଅବହେଳା ଯୋଗୁଁ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଲକ୍ଷାଧିକ ବସ୍ତା ଧାନ ପଡି ରହିଥିବା ବେଳେ ଅଦିନିଆ ବର୍ଷାରେ ତାହା ଭିଜି ଯାଇଛି। ତେବେ ଓଦା ଧାନ ଏବେ ନଷ୍ଟ ହେବାକୁ ଲାଗିଥିବା ବେଳେ ଗାଇ ଗୋରୁ ଖାଉଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଅନ୍ୟପଟେ ଯଥାଶୀଘ୍ର ପଡିରହିଥିବା ଧାନ ଉଠାଯିବା ସହ କ୍ଷୟକ୍ଷତିର ଆକଳନ ପରେ ଯାହା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ। ବରଗଡ ଜିଲ୍ଲା ଭୁକ୍ତା ମାର୍କେଟ ୟାର୍ଡର ଅବସ୍ଥା ଏମିତି ଯେ, ଏହାକୁ ଦେଖିବାକୁ ପରେ ଚାଷୀଙ୍କ ଦୁର୍ଦଶା କଥା ଆଉ କହିବାକୁ ପଡିବନି । ଲକ୍ଷାଧିକ କ୍ୱିଣ୍ଟାଲ ଧାନ ଓଦା ହୋଇ ମଣ୍ଡିରେ ପଡି ରହିଛି । ପାଣି-କାଦୁଅରେ ପଚ୍ ପଚ୍ ହେଉଛି । ଗୋଟିଏ ପଟେ ଚାଷୀ ଓଦା ଧାନକୁ ସାଉଁଟିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ଗାଇ ଓଦା ଧାନ ଖାଉଥିବା ଦେଖିବାକୁ ମିଳୁଛି । ତେବେ ପ୍ରଶାସନ ମନ୍ଥର ଗତିରେ ଧାନ ସଂଗ୍ରହ କରୁଥିବାରୁ ଏଭଳି ସମସ୍ୟା ଭୋଗିବାକୁ ପଡୁଥିବା ଚାଷୀ ଅଭିଯୋଗ କରିଛନ୍ତି । ତେବେ ମାର୍କେଟ୍ ୟାର୍ଡରେ ଥିବା ଧାନକୁ ବିନା କଟନୀ ଛଟନୀରେ ଉଠାଇବା ପାଇଁ ଯୋଗାଣ ଅଧିକାରୀଙ୍କ ପାଖରେ ଚାଷୀ ଦାବି କରିଛନ୍ତି । ନଭେମ୍ବର ୨୫ ତାରିଖରୁ ବରଗଡ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଏବେ ସୁଦ୍ଧା ୪୧ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଛି, ବିଭିନ୍ନ ମଣ୍ଡିରେ ୪ ଲକ୍ଷ ଟଙ୍କାର ଧାନ ପଡିରହିଛି ବୋଲି ଯୋଗାଣ ବିଭାଗ କହୁଛି । ହେଲେ ଚାଷୀଙ୍କ ହିସାବ କହୁଛି, ଏବେ ବି ବିଭିନ୍ନ ମଣ୍ଡିରେ ୧୧ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି । ଧାନ କିଣିବା ପାଇଁ ଯଥାଶୀଘ୍ର ପ୍ରଶାସନ ବ୍ୟବସ୍ଥା ନକଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଯୋଗାଣ ଅଧିକାରୀ କହିଛନ୍ତି ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ।

## ତୁଟୁନି ତପସ୍ୱିନୀ ସୁମିତଙ୍କ କଳି

ଭୁବନେଶ୍ୱର,୦୫/୦୧(ନି.ପ୍ର): ଚର୍ଚ୍ଚିତ ତପସ୍ୱିନୀ-ସୁମିତ ମାମଲାରେ ପୁଣି ନୂଆ ବିବାଦ ସୃଷ୍ଟି ହୋଇଛି । କୋର୍ଟଙ୍କ ରାୟ ପରେ ସୁମିତଙ୍କ ବ୍ରହ୍ମନଗର ସ୍ଥିତ ଘରକୁ ଯାଇଛନ୍ତି ତପସ୍ୱିନୀ । କିନ୍ତୁ ଶ୍ୱଶୁର ଘର ଲୋକ ତାଙ୍କ ସାଙ୍ଗରେ ରଖିବାକୁ ରାଜି ହେଉ ନାହାନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ମାନି ସେମାନେ ତପସ୍ୱିନୀଙ୍କୁ ଘରେ ରଖିବେ କିନ୍ତୁ ସାଙ୍ଗରେ ନୁହେଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି । ଅନ୍ୟପଟେ ତପସ୍ୱିନୀ କହୁଛନ୍ତି,

▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଚୂଡାନ୍ତ ଭୋଟର ତାଲିକା

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ରାଜ୍ୟର ସବୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ୫୮ ଗୋଟି ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୩୭,୬୦୬ ଗୋଟି ବୁଥରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଲା ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ୍ କୁମାର ଲୋହାନୀ ଜଣାଇଛନ୍ତି । ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମୟରେ ୯,୫୦,୭୮୯ ଜଣ ନୂଆ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୩,୪୪,୯୪୪ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି ଓ ଭୋଟର ତାଲିକାରେ ଥିବା ୩,୮୨,୬୦୧ ଜଣ ଭୋଟରଙ୍କର ତ୍ରୁଟି ସଂଶୋଧନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ୨୦୨୧ ମସିହାରେ ପ୍ରକାଶ ପାଇଥିବା ଚୂଡାନ୍ତ ଭୋଟର ତାଲିକାରେ ୧୮-୧୯ ବର୍ଷ ବୟସ ବର୍ଗରେ ସମୁଦାୟ ୪,୧୦,୦୭୬ ଜଣ ଭୋଟର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଚଳିତ ବର୍ଷ ଭୋଟର ତାଲିକାରେ ତାହା ବୃଦ୍ଧି ପାଇ ୫,୨୩,୭୪୪ ହୋଇଛି । ଚଳିତ ବର୍ଷର ଚୂଡାନ୍ତ ଭୋଟର ତାଲିକାରେ ରାଜ୍ୟର ସମୁଦାୟ ୩,୨୯,୮୩,୬୪୩ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧,୬୭,୯୬,୬୦୩ ଜଣ ପୁରୁଷ ଭୋଟର ଓ ୧,୬୧,୮୩,୮୩୫ ଜଣ ମହିଳା ଭୋଟର ଏବଂ ୩୦୨୫ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ୨୦୨୧ ମସିହାରେ ଚୂଡାନ୍ତ ଭୋଟର ତାଲିକାରୁ ପୁରୁଷ ମହିଳା ଭୋଟର ଅନୁପାତ ୯୫୮ ଥିବା ବେଳେ ଚଳିତ ବର୍ଷ ଭୋଟର ତାଲିକାରେ ତାହା ବୃଦ୍ଧି ପାଇ ତାହା ୯୬୪ ହୋଇଛି । ଚଳିତ ବର୍ଷର ଭୋଟର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ୍ ରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ମଧ୍ୟ ଆଜି ଠାରୁ

▶▶ପୃଷ୍ଠା ୭

# ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ଆଗାମୀ ପଚାଂୟତ ନିର୍ବାଚନରେ ସଂରକ୍ଷଣ ଦାବି

ବଲାଙ୍ଗିର,୫/୧ (ନି.ପ୍ର): ବଲାଙ୍ଗିର ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଗାମୀ ପଚାଂୟତ ନିର୍ବାଚନରେ ଓବିସି ସଂରକ୍ଷଣ ଦାବୀକରି ଜିଲ୍ଲାପାଳଙ୍କୁ ଆଜି ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ତ୍ରିସ୍ତରୀୟ ପଚାଂୟତ ନିର୍ବାଚନରେ ପୂର୍ବଭଳି ଓବିସି ପ୍ରତିନିଧିତ୍ୱ ରଖା ଯିବାକୁ ସେମାନେ ଦାବି କରିଛନ୍ତି । ରାଜ୍ୟରେ ୫୪ ପଛୁଆ ବର୍ଗର ଜନସଂଖା ଗତ ୫ ଟି ନିର୍ବାଚନ ରେ ତାଙ୍କ ପାଇଁ ୨୭ ଭାଗ ସଂରକ୍ଷିତ ରହିଥିଲା । ଏହି ନିର୍ବାଚନ ଏହି ବର୍ଗ ପାଇଁ ବୈମାତୃକ ମନୋଭାବ କାରଣରୁ ନିର୍ବାଚନରେ ଭାଗ ନେଲା ବେଳେ ଦ୍ୱନ୍ଦର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ ଅନ୍ୟ ରାଜ୍ୟ ଓ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ଓଡିଶା ସରକାରଙ୍କ ଉଦାସୀନତା ଦୁର୍ଭାଗ୍ୟଜନକ । ରାଜ୍ୟର ଅନେକ ଅନୁସୂଚିତ ଅଂଚଳ ଅନ୍ତର୍ଭୁକ୍ତ ଅନେକ ଜିଲ୍ଲା ଥିବାବେଳେ ଏସସି, ଏସଟି, ଓବିସି ବର୍ଗ ମିଶି ପ୍ରାୟ ୯୪ ଭାଗ ହୋଇଥିବା ବେଳେ ବିଶେଷ ରାଜ୍ୟର ପରିସ୍ଥିତି ଦେଖାଇ ରାଜ୍ୟ ସରକାର ବହୁ ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ଅବଗତିକୁ ଆଣିବା କଥା, କିନ୍ତୁ ତାହା କରି ନାହାଁନ୍ତି। ଉଚ୍ଚ ନ୍ୟାୟାଳୟ ନିଷ୍ପତି ଆଳ ଦେଖାଇ ଓବିସି ବର୍ଗକୁ ବଂଚିତ କରିବା ଉଦ୍ୟମ କରୁଛନ୍ତି । ବହୁ ବିଳମ୍ବରେ ଗଠିତ ଓବିସି କମିଶନ ତାଙ୍କ କାମ କରି ନଥିଲା ବେଳେ ତାର ପରିଣାମ ଗୋଟିଏ ବର୍ଗ ଭୋଗିବା କେତେଦୂର ଯାଥାର୍ଥ । ପଚାଂୟତ ନିର୍ବାଚନରେ ସଂରକ୍ଷଣ ମୁତାବକ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ପରେ ନିର୍ବାଚନ କରାଇବାକୁ ଦାବି କରି ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅକ୍ଷୟ ରଣା, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ଦିଲୀପ ଖର୍ଶେଲ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମାଧବ ସାଏ ଏବଂ ସଦସ୍ୟ ନୀଳାଚଂଳ ନାଗ, ଗଦାଧର ବଗର୍ତୀ, ପୃଥ୍ୱୀରାଜ ବାଗ, ସୁରେଶ ଦନ୍ତା, ବିରଂଚି ରଣା, ସୁଦାମ ବାଗ, ନିରଞ୍ଜନ ଗହିର, ଅକ୍ଷୟ ଘିଓ୍ୱାଲା, ମକରନ୍ଦ ରଣା, ସରୋଜ ସାହୁ, ପ୍ରଶନ୍ନ ଦୀପ, ଦର୍ଶନ ପ୍ରଧାନ ପ୍ରମୁଖ ଦାବି ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଥଣ୍ଡା ଚାପିତ ବାଦାମ ତେଲ ନିଷ୍କାସନ ପ୍ରଶିକ୍ଷଣ ଶିବିର ଉଦଯାପିତ

ଧର୍ମଶାଳା,୫/୧ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ଗୋଳକୁଣ୍ଡ ପଂଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଥଣ୍ଡା ଚାପିତ ବାଦାମ ତେଲ ନିଷ୍କାସନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଗୋଳକୁଣ୍ଡ ସରପଂଚ ଶରତ ଜେନାଙ୍କ ସଭାପତିତ୍ୱରେ ଉଦଯାପିତ ଶିବିରରେ ମୁଖ୍ୟ ଅତିଥିଭାବେ ନାବାର୍ଡ ଜିଲା ମୁଖ୍ୟ ସୁବ୍ରତ କୁମାର ସାହୁ, ସମ୍ମାନିତ ଅତିଥିଭାବେ ହେସାର ସଭାପତି ସି. ସୀତାରାମ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବ୍ରହ୍ମବରଦା ଶାଖା ମୁଖ୍ୟ ପରିଚାଳକ ସୌମ୍ୟ ରଂଜନ ସାହୁ, ମିଶନ ଶକ୍ତି ମଣ୍ଡଳ ସଭାପତି ସଂଗ୍ରାମ ବେହେରା, ହୃଦୟ ରଂଜନ ସାହୁ, ବିବେକାନନ୍ଦ ମିଶ୍ର, ଗୋଳକୁଣ୍ଡ ସମିତିସଭ୍ୟ ଅଶୋକ ଜେନା ପ୍ରମୁଖ ଯୋଗଦେଇ ବରୀ ବ୍ଲକର ଶହେ ଜଣ ଏସ୍‌ଏସ୍ଜି ସେଂଟରକୁ ନେଇ ପ୍ରଶିକ୍ଷାର୍ଥୀ ମାନେ ତାଲିମ ନେଇଥିଲେ । ଅତିଥିମାନେ ସେମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ହେସା ପକ୍ଷରୁ ବାଦାମ ତେଲ ପ୍ରସ୍ତୁତି ମେସିନକୁ ଏହି ଗୃପକୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁନିତା ଜେନା, ସାମାଜିକ କର୍ମୀ ବଷମତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ସଞ୍ଜ ହେଲେ ଜମୁଛି ଚୋରା ମଦର ଆସର

ସାଲେପୁର,୫/୧ (ନି.ପ୍ର): ସାଲେପୁର ଅଂଚଳରେ ଚୋରା ମଦ କାରବାର ବଢିବାରେ ଲାଗିଛି । ସଞ୍ଜ ହେଲେ ଗ୍ରାମାଂଚଳର ବିଭିନ୍ନ ଛକ ସ୍ଥାନ ମାନଙ୍କରେ ନିଶାଖୋରମାନଙ୍କ ଆଡ୍ଡା ଜମୁଥିବା ସ୍ଥଳେ ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଛି । କେତେକ ଅସାଧୁ କର୍ମଚାରୀ ନିଶା ବ୍ୟବସାୟୀଙ୍କ ସହ ଭିତିର ସମ୍ପର୍କ ରଖି ଏହି ନିଶା କାରବାରକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ନାମକୁ ମାତ୍ର ଛୋଟ ଛୋଟ ନିଶା ବ୍ୟବସାୟୀଙ୍କୁ ଧରି ଅବକାରୀ ବିଭାଗ ବାଃ ବାଃ ନେଉଥିବା ବେଳେ ବଡ ବଡ ନିଶା ବେପାରୀଙ୍କୁ ଧରିବାରେ ଆନ୍ତରିକତା ଦେଖାଉନଥିବା ଅଭିଯୋଗ ଉଠିଛି । ଫଳରେ ସଂଧ୍ୟା ହେଲେ ଗ୍ରାମାଂଚଳର ବିଭିନ୍ନ ଛକରେ ନିଶାଖୋରଙ୍କ ଆଡ୍ଡା ଜମୁଛି । ମହିଳାମାନେ ଘରୁ ପଦାକୁ ବାହାରିବା ପାଇଁ ଉଚିତ୍ ମଣୁ ନାହାଁନ୍ତି । ସାଲେପୁରରେ ଥିବା କେତେକ ସ୍ୱୀକୃତୀପ୍ରାପ୍ତ ବିଦେଶୀ ମଦ ଦୋକାନ ଗ୍ରାମାଂଚଳର ଏହି ଚୋରା ମଦ ବ୍ୟବସାୟୀଙ୍କୁ ବିଭିନ୍ନ କମ୍ପାନୀର ମଦ ଯୋଗାଣ କରୁଛନ୍ତି । ସକାଳ ୧୦ ଟା ପରେ ସ୍ୱୀକୃତୀ ପ୍ରାପ୍ତ ମଦ ଦୋକାନ ଗୁଡିକ ଖୋଲିବାର ସରକାରୀ ନିୟମ ଥିଲା ବେଳେ ସାଲେପୁରର ଏକାଧିକ ସ୍ୱୀକୃତୀପ୍ରାପ୍ତ ମଦ ଦୋକାନର କର୍ମଚାରୀମାନେ ଭୋର୍ ସମୟରେ ଗ୍ରାମାଂଚଳର ଏହି ଚୋରା ନିଶା ବ୍ୟବସାୟୀଙ୍କୁ ନିଜ କାଉଂଟରକୁ ଡକାଇ ସେମାନଙ୍କୁ ବହୁ ପରିମାଣର ମଦ ବିକ୍ରି କରୁଛନ୍ତି । ଏପରିକି ଅଧିକାଂଶ ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରି କରାଯାଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି । ଅବକାରୀ ବିଭାଗ ଏ ଦିଗରେ ନୀରବଦ୍ରଷ୍ଟା ସାଜିଥିବା ବେଳେ ସାଲେପୁର ପୋଲିସ ବିଦେଶୀ ମଦ ଦୋକାନରୁ ବିପୁଳ ମାତ୍ରାରେ ଚୋରା ମଦ ନେଇ ଯାଉଥିବା ବ୍ୟବସାୟୀକୁ ଗିରଫ କରୁଛି । ଏହି ଚୋରା ମଦ ବ୍ୟବସାୟୀମାନେ ସାଲେପୁର ଅଂଚଳରୁ ମଦ ନେଇ ଗ୍ରାମାଂଚଳରେ ଥିବା ବିଭିନ୍ନ ସ୍ଥାନରେ ସଂଧ୍ୟା ହେଲେ ନିଜର ମଦର ପସରା ଖୋଲି ଦେଉଛନ୍ତି । ମଦ୍ୟପାନ କରି ବେକାର ଯୁବକମାନେ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଗ୍ରାମାଂଚଳରେ ଚୋରା ମଦ କାରବାର କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଲେପୁର ଅଂଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନଙ୍କ ପକ୍ଷରୁ ଦାବି ହୋଇଛି ।

# ଫୁଲବାଣୀରେ ୯, ଦାରିଙ୍ଗବାଡିରେ ୭ ଡ଼ିଗ୍ରୀ ତାପମାତ୍ରା

କନ୍ଧମାଳ,୫/୧ (ନି.ପ୍ର): ବଦଳୁଛି ପାଣିପାଗର ମିଜାଜ୍ । ରାଜ୍ୟରେ ଲାଗି ରହିଛି ଶୀତ ଲହରୀ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ପ୍ରକାରେ ସମୁଦ୍ରରୁ ସ୍ଥଳ ଭାଗକୁ ଥଣ୍ଡା ପବନ ବହୁଥିବାରୁ ରାତିର ତାପମାତ୍ରା ହ୍ରାସ ପାଇବା ସହ ଶୀତ ବଢ଼ିଛି । ଏଭଳି ସ୍ଥିତିରେ କନ୍ଧମାଳକୁ ଲେଉଟିଛି ଶୀତ । ଲଗାତାର ଭାବେ ତାପମାତ୍ରା ହ୍ରାସ ପାଇବା ସହ ଫୁଲବାଣୀ, ବାଲିଗୁଡ଼ା, ଫିରିଙ୍ଗିଆରେ ଏବଂ ଜିଲ୍ଲାର ଅନ୍ୟାନ୍ୟ ଅଂଚଳରେ ଅଂଚଳରେ ଦିନ ୧୦ ଟା ଯାଏଁ କୁହୁଡ଼ି ଢ଼ାଙ୍କି ହୋଇ ରହୁଛି । ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡିରେ ଗତକାଲି ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରେକର୍ଡ ହୋଇଥିଲା ବେଳେ ଆଜି ଦାରିଙ୍ଗବାଡ଼ିରେ କାଲିର ତାପମାତ୍ରା ସମାନ ରହିଛି । ଫୁଲବାଣୀରେ ଗତକାଲି ୧୦ ଡିଗ୍ରୀ ରହିଥିବା ବେଳେ ଆଜି ଏହା ଖସି ଆସି ୯ ଡିଗ୍ରୀରେ ପହଂଚିଛି । ଏହାର ପରିଣାମ ସ୍ୱରୂପ ଜିଲ୍ଲାର ବାଲିଗୁଡ଼ା, କ.ନୂଆଗାଁ, ତୁମୁଡ଼ିବନ୍ଧ, ବେଲଘର, କୋଟଗଡ଼ ଆଦି ଅଂଚଳରେ ମଧ୍ୟ ଶୀତର ପ୍ରକୋପ ବଢ଼ିଛି । ଜାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସକାଳେ ଓ ରାତିରେ ଘନ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍ ଭାବରେ ଦେଖାଯାଉନାହିଁ । ଫଳରେ ଯାନବାହାନ ଚଳାଚଳରେ ଅସୁବିଧା ହେଉଛି । ଅନ୍ୟପଟେ ପ୍ରବଳ ଜାଡ଼ରୁ ଟିକେ ରକ୍ଷା ପାଇବା ପାଇଁ ଅଂଚଳବାସୀ ନିଆଁର ଆଶ୍ରୟ ନେଇଛନ୍ତି ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ

କେନ୍ଦ୍ରାପଡ଼ା,୫/୧ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଓ ଗୁରୁବ୍ରଦର୍ସର ମିଳିତ ଆନୁକୂଲ୍ୟରେ ରାଜକନିକା ବ୍ଲକ ଅନ୍ତର୍ଗତ ଡାଳିକାଏନ୍ଦା ଠାରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର ୪୫ତମ ଉଦଯାପନ ହୋଇଯାଇଛି। ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଂଟରେ ବିଭିନ୍ନ ପ୍ରାନ୍ତରୁ ୮ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆଳି କ୍ରିକେଟ କ୍ଲବ ସହିତ ଇନ୍ଦୁପୁର କ୍ରିକେଟ କ୍ଲବ ଖେଳିଥିବା ବେଳେ ଆଳି କ୍ରିକେଟ କ୍ଲବକୁ ସମସ୍ତ ଉକେଟରେ ହରାଇ ଇନ୍ଦୁପୁର କ୍ରିକେଟ କ୍ଲବ ୪ ଓ୍ୱିକେଟରେ୧୭୮ ରନ କରି ବିଜୟ ଲାଭ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଇନ୍ଦୁପୁରୁର ଆକାଶ ନାୟକ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ହୟଗ୍ରିବ ଗୁରୁ, ମୁଖ୍ୟ ବକ୍ତା ଭାବେ ମିନାକ୍ଷୀ ଗୁରୁ , ସମ୍ମାନୀୟ ଅତିଥି ଭାବେ ବିଦ୍ୟାଧର ବେହେରା, ଅମର କୁମାର ବିଶ୍ୱାଳ, ସରପଂଚ ସିକୋ ଗ୍ରାପ ଗାୟତ୍ରୀ ଜେନା, ସରକାରୀ ଓକିଲ ସଂଜୟ କୁମାର ଜେନା, ରମଣୀ ରଂଜନ ରାଉତରାୟ, ପିତାମ୍ବର ଜେନା, ଲଳିତ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ବିଜୟୀ ଦଳ ଇନ୍ଦୁପୁର କ୍ରିକେଟ କ୍ଲବକୁ ଟୁର୍ଣ୍ଣାମେଂଟ ଟ୍ରଫି ଓ ପରାଜିତ ଦଳ ଆଳି କ୍ରିକେଟ କ୍ଲବକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଗୁରୁବ୍ରଦର୍ସଙ୍କ ଦ୍ୱାରା ଚମ୍ପିଆନ ଟିମକୁ ୨୧୦୦୦ଟଙ୍କା ରନର୍ସକୁ ୧୫୦୦୦ଟଙ୍କା ଓ ସମସ୍ତ ଖେଳାଳୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମେ ଅତିଥି ମାନେ ବିପ୍ଳବୀ ଜେନାଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ସଭାରେ ବାସୁଦେବ ସ୍ୱାଇଁ ସଭାପତିତ୍ୱ କରିଥିଲେ, ଯୁବକ ସଂଘର କୋଷାଧକ୍ଷ କୈାଳାସ ଚନ୍ଦ୍ର ସେଠୀ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଦୁଃଶାସନ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ



ବାସୁଦେବପୁର,୫/୧ (ନି.ପ୍ର): ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ସୁଙ୍ଗୁଡା ନୀଳମଣି ମିନି ଷ୍ଟାଡିୟମରେ ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବ ରେ ଅତିଥି ଭାବେ ଯୋଗଦେଇଥିଲେ ବିଜେଡ଼ି ର ବରିଷ୍ଠ ନେତା ସମାଜସେବୀ ଭାଗିରଥି ବଳ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅଶୋକ ଦାସ,ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ବାସୁଦେବପୁର ବ୍ଲକ କୋଷାଧକ୍ଷ ରମେଶ ଚନ୍ଦ୍ର ସାମଲ,ଶ୍ରୀଗଣେଶ କ୍ଲବ ର ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ,ଉପସଭାପତି ଦେବଦର୍ଶନ ଦାଶ, ସହ ସମ୍ପାଦକ ହୃଷିକେଶ ସାହୁ ଓ ମୃତୁ୍ୟଞ୍ଜୟ ନାୟକ । ପ୍ରଥମ ଦିନର ଖେଳ ରେ ଅଂଶ ଗ୍ରହଣ କରିଥିଲେ ଖଡ଼ଗପୁର ଏକାଦଶ ଓ ରାଜଘାଟ । ଏହି ଖେଳ ରେ ରାଜଘାଟ ଏମ ବି ସି ବିଜୟ ଲାଭ କରିଥିଲା । ଏହି ଖେଳ କୁ ପରିଚାଳନା କରିଥିଲେ ରେଫେରି ଲକ୍ଷ୍ମନ ସରେନ, ଶ୍ୟାମ ସୁନ୍ଦର ବାସ୍କେ, ମାନସ ବିଶ୍ୱାଳ । ଏଥିରେ ଧାରା ବିବରଣୀ ପ୍ରଦାନ କରିଥିଲେ ପାଗଲା ଭାଇ । ବହୁ ସଂଖ୍ୟାରେ ଦର୍ଶକ ବନ୍ଧୁ ଏହି ଖେଳ କୁ ଉପଭୋଗ କରି ମଜା ଉଠାଇଥିଲେ ।

# କୋରାପୁଟ ଜିଲ୍ଲା ଇଂଟର କ୍ଲବ କ୍ରିକେଟ ଟୁର୍ଣାମେଂଟ

ଜୟପୁର,୫/୧ (ନି.ପ୍ର): ଦଶହରା ପଡିଆ ଠାରେ କୋରାପୁଟ ଜିଲ୍ଲା ଇଂଟର କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟର ମ୍ୟା ରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସଭାପତି ସରୋଜ ଦାସ ,ରମେଶ ପାତ୍ର,ବାଲା ରାୟ, ଅନୁପ କୁମାର ପାତ୍ର, ବାବୁଲା ରାଉତ ଓ ରବି ନାୟକ ଉପସ୍ଥିତ ଥିଲେ । ଆଜିର ମ୍ୟାଚରେ ୟେଲୋ ଦଳ ଓ ବ୍ଲୁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ଲୁ ଦଳ ଟସ ଜିତି ବେଟିଂ କରିଥିଲେ । ବ୍ଲୁ ଦଳ ସମସ୍ତ ଓ୍ୱିକେଟ ହରାଇ ୨୩୪ ରନ ସଂଗ୍ରହ କରିଥିବା ବେଳେ ୟେଲୋ ଦଳ ସମସ୍ତ ଓ୍ୱିକେଟ ହରାଇ ୧୬୪ରନ ସଂଗ୍ରହ କରିଥିଲେ । ଏଥିରେ ବ୍ଲୁ ଦଳ ବିଜୟ ଲାଭ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ବ୍ଲୁ ଦଳର ଆଦିତ୍ୟ ସତପଥୀଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ମ୍ୟାଚରେ ଅମ୍ପାୟର ଭାବେ ବିରେନ ମହାନ୍ତି ଓ ଅମିତ ଉପସ୍ଥିତ ଥିଲେ । ଏହି ଖେଳକୁ ଓ୍ୱାଇ ପ୍ରସାଦ, ଉପେନ୍ଦ୍ର ମହାରଣା, ପି.ରମେଶ ପାତ୍ର, ବାବୁ ରାୟ, ବାପି ପରିଡା, ବଳରାମ ପାଣିଗ୍ରାହୀ ଓ ତାରିଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ-ଅଭିଭାବକ ବୈଠକ

କେନ୍ଦ୍ରାପଡ଼ା,୫/୧ (ନି.ପ୍ର): ଆଜି ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ଓଡିଆ ବିଭାଗର ଅଧ୍ୟାପକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ସଭାପତିତ୍ୱ ଗ୍ରହଣ କରି ସଭା ପରିଚାଳନା କରିଥିଲେ। ବିଭାଗୀୟ ମୁଖ୍ୟା ଡ଼ ଏଲୋରା କବି ଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣକୁ କିପରି ପରିପ୍ରକାଶ କରି ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମିକ୍ ବର୍ସାର୍ ଡ଼ ଜ୍ୟୋତ୍ସ୍ନାମୟୀ ପତି ଛାତ୍ରୀମାନଙ୍କର ସୁବିଧା-ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପିକା ତେଜସ୍ୱିନୀ ସାମଲଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରୀ ଯୋଗଦେଇଥିଲେ। ଶେଷରେ ଓଡିଆ ବିଭାଗର ଅଧ୍ୟାପକ ଡ଼ ଆଶୁତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଇସ ଆଡମିରାଲ ଶ୍ରୀହରିଲାଲ ଶର୍ମାଙ୍କ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୫/୧ (ନି.ପ୍ର): ଶତାୟୁ ଭାଇସ ଆଡମିରାଲ ଶ୍ରୀହରିଲାଲ ଶର୍ମାଙ୍କ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଗଦ୍ୱାରରେ ତାଙ୍କୁ ନୌସେନା ପକ୍ଷରୁ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ଏଥିସହ ସ୍ୱର୍ଗତ ଭାଇସ ଆଡମିରାଲଙ୍କୁ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ତାଙ୍କ ପୁତ୍ର କ୍ୟାପଟେନ ନବୀନ ଚନ୍ଦ୍ର ଶର୍ମା ମୁଖାଗ୍ନୀ ଦେଇଥିଲେ । ନୌସେନା ପକ୍ଷରୁ ସ୍ୱର୍ଗତ ଶର୍ମାଙ୍କ ପରିବାରକୁ ମେଡାଲ ଓ ୟୁନିଫର୍ମ ପ୍ରଦାନ କରାଯାଇଥିଲା । ୧୯୭୧ ମସିହା ଭାରତ - ପାକିସ୍ତାନ ଯୁଦ୍ଧରେ ସେ ଇଷ୍ଟର୍ଣ୍ଣ ନାଭି ଫ୍ଲିଟ କମାଣ୍ଡର ଭାବେ ଗୁରୁ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ବିଶେଷ ଅବଦାନ ନିମନ୍ତେ ତାଙ୍କୁ ପରମ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନୌସେନାର ବିଶିଷ୍ଟ ଅଧିକାରୀଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୁର୍ଣ୍ଣଚନ୍ଦ୍ର ପ୍ରଧାନ, ସିଟି ଡିଏସପି ଜନାର୍ଦ୍ଦନ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷେ ସରିଗଲା କାଠପୋଲ କାମ ସରିଲାନି

ପୁରୀ,୫/୧ (ନି.ପ୍ର): ଭୁବନେଶ୍ୱର - ପୁରୀ ଜାତୀୟ ରାଜପଥର ମାଳତୀପାଟପୁର ଠାରେ ଥିବା କାଠପୋଲ କାମ ଶେଷ ହୋଇନଥିବାରୁ ପ୍ରତିଦିନ ସେଠାରେ ଛୋଟ ବଡ ଦୁର୍ଘଟଣା ଘଟିବାରେ ଲାଗିଛି । ଭାରତୀୟ ଜାତୀୟ ରାଜପଥ ଅଥରେଟି ଏହି ରାସ୍ତାକୁ ନିର୍ମାଣ କରିବାର ଦାୟିତ୍ୱ ନେଇଥିଲେ । ମହାପ୍ରଭୁଙ୍କ ନବକଳେବର ୨୦୧୫ ମସିହା ପାଇଁ ଏହି କାମ ତ୍ୱରାନ୍ୱିତ ହୋଇଥିଲା । ଭୁବନେଶ୍ୱର ହାଇଟେକ ଛକ ଠାରୁ ପୁରୀ ବୀରହରେକୃଷ୍ଣପୁର ଛକ ପର୍ଯ୍ୟନ୍ତ ସାଢେ ୫୬ କିଲୋମିଟର କାମ ଶେଷ ହୋଇଥିଲା । ବୀରହରେକୃଷ୍ଣପୁର ଠାରୁ ମଙ୍ଗଳାହାଟ ବ୍ରିଜ୍ ନିକଟ ଦେଇ ବଳିଆପଣ୍ଡା ସମୁଦ୍ରକୂଳ ପର୍ଯ୍ୟନ୍ତ ପ୍ରାୟ ୧୧ କିଲୋମିଟର ରାସ୍ତା ୧୬ ଜୁଲାଇ ୨୦୨୦ ମସିହାରେ ଶେଷ ହୋଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ୧୯୬୪ ମସିହାରେ ନିର୍ମିତ ହୋଇଥିବା କାଠପୋଲ ବ୍ରିଜ୍ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏହି ଚାରିଥାକିଆ ରାସ୍ତାର ଗୋଟିଏ ପାର୍ଶ୍ୱ ଦୀର୍ଘ ୨ବର୍ଷ ହେଲାଣି ବନ୍ଦ ରହିଛି । ଯାହାଫଳରେ ଦ୍ରୁତଗତିରେ ଆସୁଥିବା ଗାଡ଼ି ଗୁଡ଼ିକ ଚନ୍ଦନପୁର ବାଇପାସ୍ ଛକ ଓ କାଠପୋଲ ଠାରେ ଗତି କମୁଥିବାରୁ ସେହି ଅଂଚଳରେ ଗାଡ଼ି ଜାମ ହେଉଛି । କାଂଚିନାଳ କାଠପୋଲ ବ୍ରିଜ୍ ର ବିୟରିଂ ଫାଟି ଯାଇଥିବାରୁ ନୂଆ ବିୟରିଂ ମିରଟରୁ ଅଭିଶା କନଷ୍ଟ୍ରକସନ୍ ଆଣି ପାଖରେ ରଖିଛି । ଡ଼ିସେମ୍ବର ୨୧ ସୁଦ୍ଧା ଏହି ବ୍ରିଜ୍ କାମ ଶେଷ ହୋଇଯିବ ବୋଲି ଜାତୀୟ ରାଜପଥ ଜଣାଇଥିଲା । ପୁରୀ -ଭୁବନେଶ୍ୱର ରାସ୍ତାର କୌଣସି ଠାରେ ଖାଲଖମା ନାହିଁ ବୋଲି ବିଭାଗ ସୂଚନା ଦେଇଛି । ରାସ୍ତାର ମଝିରେ ପ୍ରାୟ ୩ ହଜାର ଗଛ ଲଗାଯାଇଛି ବୋଲି ରାଜପଥ ବିଭାଗ ସୂଚନା ଦେଇଛି । ଜାନୁଆରୀ ୨୦୨୨ ପ୍ରଥମ ସପ୍ତାହରେ ସମସ୍ତ ଗାଡ଼ି ଦୁଇପାର୍ଶ୍ୱରେ ଯିବ ବୋଲି କହିଥିବା ବେଳେ କେବଳ କିଛି ଅଂଶ ଖୋଳି ଠିକାଦାର ଛାଡ଼ିଦେଇଥିବା ଦେଖିବାକୁ ମିଳିଛି । ଚଳିତମାସ ଶେଷ ସୁଦ୍ଧା ଯଦି କାଠପୋଲ ବ୍ରିଜ୍ କାମ ଶେଷ ନ ହୁଏ ତେବେ ସ୍ଥାନୀୟ ଅଂଚଳବାସୀ, ବସ୍ ମାଲିକ ଓ ବିଭିନ୍ନ ଗାଡ଼ିର ମାଲିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତବନୀ ଦେଇଛନ୍ତି ।

# ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ପାନବରଜ ଦେଲେ ଢ଼ିଙ୍କିଆ ଗାଁର ବହୁ ପରିବାର

ପାରାଦୀପ,୫/୧ (ନି.ପ୍ର): ଦୀର୍ଘ ବର୍ଷ ଧରି ଏରସମା ତହସିଲ ଅଧିନରେ ଥିବା ଢ଼ିଙ୍କିଆ ପଂଚାୟତ ଶିଳ୍ପ ବୀରୋଧୀ ଆନ୍ଦୋଳନ ଧୀରେ ଧୀରେ କମିବାରେ ଲାଗିଛି। ଆନ୍ଦୋଳନକାରୀଙ୍କ ମଧ୍ୟରୁ ଅନେକ ଲୋକ ଶିଳ୍ପ ପ୍ରତିଷ୍ଠା ନେଇ ସହମତି ପ୍ରକାଶ କରୁଥିବାର ଦେଖିବାକୁ ମିଳିଛି। ନୂଆବର୍ଷରେ ଢ଼ିଙ୍କିଆ ଗାଁର ତିନିଟି ପାନବରଜ ମାପଚୁପ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜେଏସଡବ୍ଲୁ ପ୍ରକଳ୍ପ ବିରୋଧରେ ଆନ୍ଦୋଳନର ଆଗ ଧାଡିରେ ଥିବା କିଛି ଲୋକ ଆଜି ନିଜ ଇଚ୍ଛାରେ ପାନବରଜ ମାପଚୁପ କରିଛନ୍ତି। ଆଜି ଢ଼ିଙ୍କିଆ ପଂଚାୟତର ଢ଼ିଙ୍କିଆ ମାହାଳ ଓ ପାଟଣା ଗାଁର ୩୩ ଜଣ ହିତାଧିକାରୀଙ୍କ ପାନବରଜ ମାପଚୁପ କରାଯାଇଛି। ପ୍ରକଳ୍ପ ପାଇଁ ପାନବରଜ ଦେଇଥିବା ସମୁଦାୟ ପାନବରଜ ମଧ୍ୟରୁ ୧୦ ଟି ପାନବରଜ ଅଧିଗ୍ରହଣ କରାଯାଇଛି। ଏହି ତିନି ଗାଁ ର ଲୋକମାନେ ଆଜି ନିଜ ଇଛାରେ ସ୍ଥାନୀୟ ତହସିଲ ପ୍ରଶାସନ ଓ କମ୍ପାନୀର ଅଧିକାରୀ ମାନଙ୍କ ଉପସ୍ଥିତିରେ ପାନବରଜ ମାପଚୁପ କରିଛନ୍ତି । ଆଜି ଏରସମା ତହସିଲଦାରଙ୍କ ନେତୃତ୍ୱରେ ପାଂଚ ଟି ଟିମ୍ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଆଗାମୀ ଦିନରେ ମଧ ଏହି ଢ଼ିଙ୍କିଆ ଓ ମାହାଳ ଗାଁରେ ଥିବା ଅନ୍ୟ ବରଜ ଗୁଡ଼ିକ ଅଧିଗ୍ରହଣ କରିବାକୁ ଲୋକମାନେ ସହମତି ପ୍ରକାଶ କରିଛନ୍ତି। ବିଶେଷ କରି ସ୍ଥାନୀୟ ଲୋକମାନେ ପ୍ରଶାସନିକ ସ୍ତରରେ ଆଲୋଚନା କରିବା ପରେ ନିଜ ନିଜ ଇଛାରେ କମ୍ପାନୀ ପାଇଁ ଏଭଳି ସହଯୋଗର ହାତ ବଢ଼ାଇଥିବାର ଜଣାପଡିଛି। କମ୍ପାନୀ ମଧ ଲୋକମାନଙ୍କ ସହମତି ଓ ଆପୋଷ ଆଲୋଚନାକୁ ଗୁରୁତ୍ୱ ଦେଉଥିବାର କୁହାଯାଇଛି ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ ପାଇଛି ।

# କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ରାସ୍ତା କାମ : ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ

ସାଲେପୁର,୫/୧ (ନି.ପ୍ର): ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ପ୍ରଶାସନ ଏବେ ଶାସକ ଦଳର କଥାରେ ପରିଚାଳିତ, ଯାହା ଫଳରେ ବିଭିନ୍ନ ପଂଚାୟତରେ ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଥିବା ଏପରିକି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ମଧ ଠିକାଦାର ଢଳେଇ କାମ କରୁଛନ୍ତି । ଛୁଟି ଦିନରେ ମଧ ମାହାଙ୍ଗାର ବିଭିନ୍ନ ପଂଚାୟତରେ ଗାଁ ରାସ୍ତାର ଢଳେଇ କାମ ଚାଲିଛି । ହେଲେ ଜନସାଧାରଣଙ୍କ ଅଭିଯୋଗକୁ ବ୍ଲକ୍ ପ୍ରଶାସନ ଖାତିର କରୁନାହିଁ । ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକର ଚନ୍ଦ୍ରାଦେଇପୁର, ମହଣ, ପାଗା, ଗୋପୀନାଥପୁର, ରାମକୃଷ୍ଣପୁର, ଲିଖନପୁର, ଫଗୋଲ, ଶିର୍ଲୋ, ନେମାଳ, ଝାଡେଶ୍ୱରପୁର, କେରିଲୋ, କୋଳଣପୁର, କେନ୍ଦୁପାଟଣା ଆଦି ପଂଚାୟତମାନଙ୍କରେ ରାସ୍ତା ଢଳେଇଠାରୁ ଆରମ୍ଭ କରି ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନରହିବାରୁ ଠିକାଦାରମାନେ ନିଜ ଇଚ୍ଛାରେ କାମ କରୁଛନ୍ତି । ଫଳରେ ଏହି କାମର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷରେ କାର୍ଯ୍ୟାରମ୍ଭ ପୂର୍ବରୁ ନାମ ଫଳକ ଦିଆଯାଉନଥିବାରୁ ସାଧାରଣ ଲୋକମାନଙ୍କୁ ଠିକାଦର ଓ ସରକାରୀ କର୍ମଚାରୀମାନେ ଠକିବା ସହଜ ହେଉଛି ବୋଲି ଅଭିଯୋଗ ହେଉଛି । ସମ୍ପୃକ୍ତ ଅଂଚଳରେ ହେଉଥିବା କାମର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ଏହି କାମର ବିବରଣୀ ସମ୍ପର୍କରେ କୌଣସି ଫଳକ ନାହିଁ, ହେଲେ ବିଲ୍ ହୋଇସାରିଥିବା ଅଭିଯୋଗ ହେଉଛି । ଏହାର ଉଦାହରଣ ପାଲଟିଛି ଭଦ୍ରେଶ୍ୱର ଗ୍ରାମ ପଂଚାୟତ । ଗତ ତିନି ଦିନ ତଳେ ପଂଚାୟତ ସମିତି ମାହାଙ୍ଗା, ଭଦ୍ରେଶ୍ୱର ଗ୍ରାମ ପଂଚାୟତ ପ୍ରକଳ୍ପର ନାମ ୮. ଜି କେନାଲ ଠାରୁ ଝାଡେଶ୍ୱରପୁର ଡାଳିମ୍ବ ହରିଜନ ସାହି ସାହି ରାସ୍ତା (୨୦୨୧-୨୨) ଅଟକଳର ମୂଲ୍ୟ ୩ ଲକ୍ଷ ଟଙ୍କା ଯୋଜନା ରିପାୟାରିଂ ଆଣ୍ଡ ମେଂଟେନାନ୍ସ ଅଫ୍ ରୋଡ ଆଣ୍ଡ ବ୍ରିଜ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କାର୍ଯ୍ୟ ନିର୍ବାହୀ ବିଭାଗୀୟ ବୋର୍ଡରେ ଉଲ୍ଲେଖ ରହିଥିଲା । ୨୩/୧୨/୨୦୨୧ରେ କାମ ଆରମ୍ଭ ହୋଇଥିବା ଦର୍ଶାଯାଇଛି । ଏହି କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିଥିଲେ । କାମ କରୁଥିବା ବ୍ୟକ୍ତିଟି ନିଜ ମନଇଚ୍ଛା ଭାଗ ପକାଇଥିଲା । ଯାହା ଅତି ନିମ୍ନମାନର ଭାଗ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ଏହି ପଂଚାୟତରେ ଗତ କିଛିଦିନ ତଳେ ଗୋବିନ୍ଦପୁର ଗ୍ରାମର ନନ୍ଦ ସାହି ରାସ୍ତା କାର୍ଯ୍ୟ କରାଯାଇଥିଲା । ସେ ସମୟରେ ବି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିଲେ । ଏଠାରେ ଚର୍ଚ୍ଚା ହେଉଛି ଯେ, କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କିଭଳି ଢଳେଇ କାମ ଚାଲିଛି । ବିଜେଡି କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବ୍ଲକ୍ ପ୍ରଶାସନ ଏବେ ମାହାଙ୍ଗା ବ୍ଲକରେ ଠିକା ନେଇଛି । ଯାହା ଫଳରେ ସାଧାରଣରେ ଅଭିଯୋଗ ହେଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହିଁ । କେବଳ ଭଦ୍ରେଶ୍ୱର ପଂଚାୟତରେ ନୁହେଁ ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବହୁ ବେନିୟମ କାମ ଚାଲିଛି । ଏଠାରେ ମୋଟା ଅଙ୍କରେ ପିସି କାରବାର ହେଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ମା ବୁଢୀ ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଂଟ

ଜୟପୁର,୫/୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡକାଉଡି ଠାରେ ମା ବୁଢି ଠାକୁରାଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଆଜି ଗାଗନାପୁର ଓ ବିକେସି କ୍ଲବ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଗାଗନାପୁର ଦଳ ୪-୨ରେ ବିଜେତା ହୋଇଥିଲେ । ସେଭଳି ୨ୟ ମ୍ୟାଚଟି ଉମୁରୀ ଦଳ ଓ ଅରବିନ୍ଦ କ୍ଲବ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଅରବିନ୍ଦ ଦଳ ୧-୦ରେ ବିଜୟୀ ହୋଇଥିଲା । ପ୍ରତିଯୋଗିତାରେ ରେଫରୀ ଭାବେ ଶ୍ରୀ କାନ୍ତ ଚୌଧୁରି,ଜି.କୋଟେଶ୍ୱର ରାଓ,ଟିସୁ ମିଶ୍ର ଖେଳ ପରିଚାଳନା କରିଥିଲେ । ଏଥିରେ ଅତିଥି ଭାବେ ଏ.ସି ମୁନିର ଯୋଗ ଦେଇଥିଲେ । ପ୍ରତିଯୋଗିତାକୁ ବିଜୟ ମାଝୀ, ସୁନୀଲ ନାୟକ,ରମେଶ ବାରିକ,କୃଷ୍ଣ ପାଙ୍ଗି, ରବିନ୍ଦ୍ର ନାରାଜୀ, ବାବୁଲା ନାୟକ,ସୁନୀଲ ନାୟକ, ଧନପତି ମାଝି,ତ୍ରିନାଥ ମାଝୀ,ହରିହର ନାୟକ,ଅନ୍ତ ନାୟକ,ସୁବାଶ ନାୟକ,ଘାସିରାମ ହରିଜନ ପ୍ରମୁଖ ପରିଚାଳନା କରିଥିଲେ ।

# ହଳଦିଆ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଗହରା

ସାଲେପୁର,୫/୧ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ବ୍ଲକର ହଳଦିଆ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ କରାନଯାଇ ଅଯୋଗ୍ୟମାନଙ୍କୁ ପକ୍କାଘର ପ୍ରଦାନ କରାଯାଇଥିବା ଅଭିଯୋଗ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । କାହା ସ୍ୱାର୍ଥରେ ସରକାରୀ ଯୋଜନାରେ ପକ୍କାଘର ପ୍ରଦାନ କରାଯାଉଛି । ସୂଚନାରୁ ଜଣାପଡିଛି ଯେ, ହଳଦିଆ ପଂଚାୟତର ହଳଦିଆ ଗ୍ରାମ (କୁଣ୍ଡ ପାଟଣା) ଅକ୍ଷୟ କୁମାର ସାହୁ ଅତି ଦୟନୀୟ ଅବସ୍ଥାରେ ଚାଳ ଛପର ଘରେ ରହୁଛନ୍ତି । ତାଙ୍କର ସ୍ତ୍ରୀ ଓ ଦୁଇ ପିଲା ମଧ ଅଛନ୍ତି । ଏପରିକି ତାଙ୍କ ନାମରେ କୌଣସି ରାସନ କାର୍ଡ ନାହିଁ । ପୂର୍ବରୁ ସରକାରୀ ଯୋଜନାରେ ସେ କୌଣସି ପକ୍କାଘର ପାଇନାହାନ୍ତି । ଏଠାରେ ସୂଚନାଯୋଗ୍ୟ, ହଳଦିଆ ପଂଚାୟତରେ ସ୍ଥାନୀୟ ସରପଂଚ ନିଜର ସମର୍ଥକମାନଙ୍କୁ ସରକାରୀ ଯୋଜନାରେ ପକ୍କାଘର ପ୍ରଦାନ କରିଛନ୍ତି । ପାଇବାକୁ ଯୋଗ୍ୟ ହୋଇନଥିବା ବ୍ୟକ୍ତିକୁ ମଧ ପକ୍କାଘର ପ୍ରଦାନ କରାଯାଇଛି । ପକ୍କାଘର ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଛି । ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଂଚିତ ହେଉଥିବା ବେଳେ ବହୁ ଅଯୋଗ୍ୟ ହିତାଧିକାରୀ ରାସନ କାର୍ଡ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ ବଗିଚା ଏପରିକି ସ୍ୱଚ୍ଛଭାରତ ଯୋଜନାରେ ପାଇଖାନା ହାତେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଗରିବ ଅକ୍ଷୟଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି । ବ୍ଲକ ପ୍ରଶାସନ ବି ତାଙ୍କ ଦୁଃଖ ଶୁଣୁ ନାହିଁ । ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି ।

# ଅବିଶ୍ୱସନୀୟ ନିର୍ମାଣ

ବିଲ୍ଡିଂ ତ ବହୁତ ରହିଛି । କିନ୍ତୁ ଆଖି ଲାଖିଯିବା ଭଳି ବିଲ୍ଡିଂ ଏ ପୃଥିବୀରେ ଖୁବ କମ । ନିର୍ମାଣ ଶୈଳୀରୁ ଅବିଶ୍ୱନୀୟ ମନେ ହେଉଥିଲେ ବି ଏଗୁଡ଼ିକର ଅସ୍ତିତ୍ୱ ମିଛ ନୁହେଁ ।





## ବସ୍କେଟ ବିଲ୍ଡିଂ:

ଏହି ବିଲ୍ଡିଂ ଆମେରିକାର ଓହାୟୋଠାରେ ଅବସ୍ଥିତ । ସାତ ମହଲା ବିଶିଷ୍ଟ ଏହି ବିଲ୍ଡିଂରେ ରହିଛି ଲଙ୍ଗବର୍ଜର ବାସ୍କେଟ୍ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ । ବିଲ୍ଡିଂର ଭିତର ଭାଗକୁ ସମ୍ପୂର୍ଣ୍ଣ କାଚରେ ସିଲିଂ କରାଯାଇଛି ଯାହା ମଧ୍ୟ ଦେଇ ବିଲ୍ଡିଂ ଉପରେ ବାସ୍କେଟର ଦୁଇ ହ୍ୟାଣ୍ଡେଲ ଏକାଠି ହୋଇଥିବା ଦେଖିବାକୁ ମିଳେ ।

## ପିଆନୋ ହାଉସ୍:

ଏହା ଚୀନର ହୁଇ ଅଞ୍ଚଳରେ ଅବସ୍ଥିତ । ସ୍ଥାନୀୟ ଅଞ୍ଚଳର ବିକାଶ ତଥା ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ସରକାର ଏହି ବିଲ୍ଡିଂଟି ନିର୍ମାଣ କରିଥିଲେ । ପିଆନୋ ହାଉସ ହେଉଛି ସମ୍ପୂର୍ଣ୍ଣ ସଂଗୀତ ଓ କଳାର ମିଶ୍ରଣସ୍ଥଳୀ ।



## ବାରକୋଡ୍ ବିଲ୍ଡିଂ:

ବାରକୋଡ୍ ବିଲ୍ଡିଂ ରୁଷିଆର ପିଟର୍ସବର୍ଗଠାରେ ଅବସ୍ଥିତ । ଏହା ବାରକୋଡ୍ ଡିଜାଇନରେ ତିଆରି ହୋଇଛି । ଏଠାକାର ଲମ୍ବା ଝରକା ବାରକୋଡର ଭ୍ରମ ସୃଷ୍ଟି କରିଥାଏ । ଏହି ଝରକାର ଆକାର ସହ ଘରର କାନ୍ଥରେ ଦିଆଯାଇଥିବା ଗାଢ଼ ଲାଲ ରଙ୍ଗ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ ।




## କାନସାସ୍ ସିଟି ଲାଇବ୍ରେରୀ:

ଏହା ଆମେରିକାର ମିସୌରିଠାରେ ଅବସ୍ଥିତ । ଏହି ଲାଇବ୍ରେରୀର ବାହାର ପଟ କାନ୍ଥଟି 'କମ୍ୟୁନିଟି ବୁକସେଲ୍ଫ' ଡିଜାଇନରେ ନିର୍ମାଣ ହୋଇଛି । ଯାହା ଦେଖିବାକୁ ଠିକ୍ ରହିଥାକ ପରି । ଏହି କାନ୍ଥର ଡିଜାଇନ ଏପରି କରାଯାଇଛି ଯେ ବହି ଥାକରେ ୨୨ଟି ବହି ରଖାଯାଇଛି । ବୋଲି ମନେ ହୁଏ ।



## କ୍ରେଜ୍ୱି ଡୋମେକ୍:

କ୍ରେଜ୍ୱି ଡୋମେକ୍ ପୋଲାଣ୍ଡର ସପୋଟଠାରେ ଅବସ୍ଥିତ । ଏହି ବିଲ୍ଡିଂରେ ଅନେକ କମ୍ପାନିର କାର୍ଯ୍ୟାଳୟ ଅବସ୍ଥିତ । ଏହା ସେଠାକାର ଟ୍ରାଇସିଟିର ସପ୍ତାହଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ଭାବେ ପରିଗଣିତ । ଏହି ଟ୍ରାଇସିଟି ହେଉଛି ସପୋଟ, ଗିଡୋନିଆ ଓ ଡିଡାନସ୍କ ।




# ୪୫ବର୍ଷ ହେଲା ବିରଳ ଏଣ୍ଡୁଅ ସଂରକ୍ଷଣ



ମେକସିକୋର ରେମନ ମେଡିନା ଆରଚୁନଡାୟା ଗତ ପଞ୍ଚଚାଳିଶ ବର୍ଷ ହେଲା ମେକ୍ସିକାନ ଇଗୁଆନାଙ୍କ ସଂରକ୍ଷଣରେ ଲାଗିଛନ୍ତି । ମେକ୍ସିକାନ ଇଗୁଆନା ବିଲୁପ୍ତି ମୁହଁରେ ଥିବା ସ୍ଥାନୀୟ ଏଣ୍ଡୁଅ ପ୍ରଜାତି । ଏକଦା ମେକସିକୋର ବିଭିନ୍ନ ଅଞ୍ଚଳରେ ଏହି ପ୍ରଜାତିର ଏଣ୍ଡୁଅ ବହୁ ସଂଖ୍ୟାରେ ଦେଖାଯାଉଥିଲା । ତେବେ, ଅବାଧ ଶିକାର ଯୋଗୁଁ ସଂଖ୍ୟା ଦ୍ରୁତି ଗିତରେ ହ୍ରାସ ପାଇଥିଲା । ଶିକାରର ମୁଖ୍ୟ କାରଣ , ଏହି ଏଣ୍ଡୁଅ ଏକ ବିନିଷ୍ଟକାରୀ ସରୀସୃପ । ଉପକାରୀ ଗଛ-ଲତା ଫଳ-ଫୁଲ ନଷ୍ଟ କରିବାଠାରୁ ଆରମ୍ଭ କରି ଗୃହପାଳିତ ପକ୍ଷୀଙ୍କ ଅଣ୍ଡା ଖାଇଦେବା ତଥା ବିଦ୍ୟୁତ୍ କେବଲ କାଟିବା ପାଇଁ ଏହା କୁଖ୍ୟାତ । ବିଲୁପ୍ତି ମୁହଁରେ ଥିବାରୁ ଏବେ ଶିକାର ନିଷିଦ୍ଧ କରାଯାଇଛି । ରେମନଙ୍କ ଉଦ୍ୟମ ଯୋଗୁଁ ଏହି ଏଣ୍ଡୁଅଙ୍କ ପାଇଁ ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି । ଏକଦା ଦୁର୍ଦ୍ଦଶାଗ୍ରସ୍ତ ଦୁଇଟି ଏଣ୍ଡୁଅ ଦେଖି ସେ ସଂରକ୍ଷଣ ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିଥିଲେ, ତାଙ୍କ ପିତା; ପରେ ପରିବାରର ଅନ୍ୟମାନେ ଏତେ ସଂଖ୍ୟକ ଏଣ୍ଡୁଅଙ୍କ ପାଳନ କିଛି ସାମାନ୍ୟ କଥା ନୁହେଁ । ଏହି ଶାକାହାରୀ ସରୀସୃପଙ୍କ ପାଇଁ ନୈନିକ ଲୋଡ଼ା ଅନ୍ୟୂନ ୧୫୦ କିଲୋଗ୍ରମ ପାଚିଲାପଳ । କୌରସି ସରକାରୀ ସହାୟତା ବିନା କେବଳ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ରେମନ, ସେମାନଙ୍କୁ ଖାଦ୍ୟ ଯୋଗାଇପାରୁଛନ୍ତି ।









# ଖବରକାଗଜରୁ ଆକର୍ଷଣୀୟ କଳାକୃତି



ରଦି ଖବରକାଗଜ ବିକ୍ରି ବେଳେ ତାଙ୍କ ମନକୁ ଏକ ଭାବନା ଆସିଥିଲା । ସେ ଭାବିଥିଲେ ଯଦି ଏହି ଖବର କାଗଜକୁ ବିକ୍ରି ନ କରି ଆଉ କିଛି ସୃଜନକାଗଜକୁ ବ୍ରିକି ନକରି ଆଉ କିଛି ସୃଜନଶୀଳ କାମରେ ଲଗାଯାଏ । କେମିତି ହୁଅନ୍ତା ? ମନକୁ ଏହି ଭାବନା ଆସିବା ପରେ ଆଉ ଖବର କାଗଜ ବିକ୍ରି କରିନଥିଲେ । ବରଂ ସେଥିରୁ ଛୋଟ ମୋଟ ଜିନିଷ ତିଆରି କରିବା ଆରମ୍ଭ କରିଥିଲେ ନାସିକର ଏହି ଗୃହିଣୀ ମୀନା ପଟନାକର । ମୀନାଙ୍କ ଅନୁସାରେ ତାଙ୍କ ଘରେ ପିଲାମବେଳେ ତିନୋଟି ଖବରକାଗଜ ରରହୁଥିଲା । ବେଶ କିଛି ମାସ ପରେ ସେଗୁଡ଼ିକୁ ବିକ୍ରି କରିଦେଉଥିଲେ ତାଙ୍କ ବାପା । ସେହି ଖବରକାଗଜରେ ଠୁଙ୍ଗା ତିଆରି ହେଉଥିବା ବିଷୟରେ ସେ ଜାଣିବାକୁ ପାଇଥିଲେ । ହେଲେ ସେତେବେଳେ ତାଙ୍କ ମନରେ ଖବରକାଗଜରୁ କିଛି ସୌଖୀନ ଜିନିଷ ତିଆରି କରିବାର ଭାବନା ଆସିନଥିଲା । ମୀନାଙ୍କ ପିଲାମାନେ ବଡ଼ ହେବା ପରେ ତାଙ୍କୁ ଏକୁଟିଆ ଘରେ ବସି ବସି ବିରକ୍ତ ଲାଗୁଥିଲା । ଦିନେ ଘରର ଅଦରକାରୀ ଖବରକାଗଜ ବିକ୍ରି କଲାବେଳେ ସେ ଭାବିଲେ ଏହି ଖବରକାଗଜରୁ ଯଦି ଠୁଙ୍ଗା, ପେପର ବ୍ୟାଗ ଆଦି ପ୍ରସ୍ତୁତ ହୋଇପାରୁଛି । ତେବେ ସେ କାହିଁକି ନିଜ ଅବସର ସମୟରେ ଖବରକାଗଜରୁ ଅନ୍ୟ କିଛି ସୁନ୍ଦର ଜିନିଷ ତିଆରି ନ କରିବେ । କିନ୍ତୁ କିପରି କରିବେ ବିଷୟରେ ତାଙ୍କୁ ଜଣାନଥିଲା । ଦିନେ ସେ ଫେସବୁକ୍ ପେଜ୍ ଚେକ୍ କଲାବେଳେ ଗୋଟିଏ ଭିଡୀଓ ଉପରେ ତାଙ୍କର ନଜର ପଡ଼ିଲା । ସେହି ଭିଡିଓରେ ଖବରକାଗଜରୁ ବିଭିନ୍ନ ପ୍ରକାରର ସୁନ୍ଦର କଳାକୃତି ତିଆରି ହୋଇପାରୁଥିବା ବିଷୟରେ ଦେଖାଉଥିଲା । ଏହି ଭିଡିଓ ମାନଙ୍କୁ ପ୍ରେରଣା ଯୋଗାଇଥିଲା । ଏହାପରେ ମୀନା ଇଣ୍ଟରନେଟର ସହାୟତା ନେଇ ଖବର କାଗଜରୁ ଛୋଟ ଛୋଟ କ୍ରାଫ୍ଟ ତିଆରି କଲେ । କିନ୍ତୁ ସେସବୁ କଲା ପରେ ତାଙ୍କୁ ପସନ୍ଦ ଆସୁନଥିଲା । ଏହାପରେ ସେ ନିଜେ ମନକୁ ମନ ନୁଆ ନୁଆ ଉପାୟରେ ପେପର କ୍ରାଫ୍ଟ ତିଆରି କରିବାକୁ ଲାଗିଲେ । ଆଉ ତାଙ୍କୁ ଏହି କାମରେ ସଫଳତା ବି ମିଳିଗଲା । ଏବେ ମୀନା ପୁରୁଣା ଖବର କାଗଜରୁ ଅନେକ ସୁନ୍ଦର ସୁନ୍ଦର କଣ୍ଡେଇ, ଘରସଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଖବରକାଗଜରୁ ପ୍ରସ୍ତୁତ ଶୋ ପିସ୍, କଣ୍ଢେଇ, ମୁଖା ଆଦି ପାଇ ସମଗ୍ର ନାସିକରେ ତାଙ୍କ ଏକ ପରିଚୟ ସୃଷ୍ଟି ହୋଇପାରିଛି । ଏହା ମଧ୍ୟରେ ୫ବର୍ଷରୁ ଅଧିକ ସମୟ ବିତିଗଲାଣି । ଲୋକମାନେ ଏବେ ନିଜ ମନପସନ୍ଦର ଖବରକାଗଜ କଣ୍ଢେଇ ପାଇଁ ତାଙ୍କୁ ବରାଦ ଦେଉଛନ୍ତି । ତେବେ ମୀନାଙ୍କ ଅନୁସାରେ ସେ କରୁଥିବା ପେପର୍ କ୍ରାଫ୍ଟ ସୁନ୍ଦର ହୋଇଥିଲେ ମଧ୍ୟ ଅସାବଧାନ ହେଲେ ତାହା ଭାଙ୍ଗିଯିବ । କାରଣ ସେ କାଗଜ ମଣ୍ଡ ନୁହେଁ, ବରଂ ପେପର ଟ୍ୟୁବ୍ ତିଆରି କଳାକୃତି ତିଅରାରି କରନ୍ତି । ତାଙ୍କ କଳାକୃତି ଅତି ସୂକ୍ଷ୍ମ ହୋଇଥିବାରୁ ଧୂଳି ଜମିଯିବାର ଭୟ ଅଛି । ତେଣୁ ନିୟମିତ ସମୟ ବ୍ୟବଧାନରେ ଏହି କଳାକୃତି ଗୁଡ଼ିକରୁ ଧୂଳି ସଫା କରିବା ଦରକାର । କେବଳ ପେପର କ୍ରାଫ୍ଟ ନୁହେଁ, ମୀନା ଗୋଣ୍ଡ ଏବଂ ୱର୍ଲି ଚିତ୍ରକଳାରେ ମଧ୍ୟ ବେଶ୍ ପାରଙ୍ଗମ । ମୀନାଙ୍କଠାରୁ ପ୍ରେରଣା ପାଇ ତାଙ୍କର ଦୁଇ ଝିଅ ମଧ୍ୟ ଡିଜାଇନ କ୍ଷେତ୍ରକୁ କ୍ୟାରିଅର ଭାବେ ବାଛି ନେଇଛନ୍ତି ।




# ବାସ୍ତୁ ସତର୍କତା

*ଆମ ଚଳଣି ଓ ଦୈନନ୍ଦିନ ଦିନଚର୍ଯ୍ୟାରେ ବାସ୍ତୁ ପ୍ରଭାବିତ ହୁଏ ଏବଂ ତଦନୁଯାୟୀ ଫଳ ପ୍ରଦାନ କରେ । ତେଣୁ ଗୃହର ବାସ୍ତୁ ସହିତ ଆମକୁ ବାସ୍ତୁ ସମ୍ବନ୍ଧିତ ଅନ୍ୟ ଦଗଗୁଡ଼ିକ ପ୍ରତି ମଧ୍ୟ ସତର୍କ ରହିବାକୁ ପଡ଼ିବ । ସାଧାରଣ ଘରକରଣା ସହିତ ଚଳଣିଗତ ଅଭ୍ୟାସ ହୁଏ । ବାସ୍ତୁବିତ୍‌ଙ୍କ କହିବା ଅନୁସାରେ ସେଗୁଡ଼ିକୁ ସଂଶୋଧନ କଲେ ଜୀବନ ସୁଖକର ହେବ ,ବଂ ଦୁର୍ଭାଗ୍ୟକୁ ମଧ୍ୟ ଯଥାସମ୍ଭବ, ଡ଼ାଇ ଦେଇ ହେବ । ଆସନ୍ତୁ ଜାଣିବା ଏ ସଂକ୍ରାନ୍ତ କିଛି ମୂଲ୍ୟବାନ ପରାମର୍ଶ-*

- ଟଙ୍କା ଅଳଙ୍କାର ପ୍ରଭୃତି ରଖୁଥିବା ଆଲମିରା ଉପରେ କୌଣସି ଦ୍ରବ୍ୟ ରଖନ୍ତୁ ନାହିଁ । ଏହାକୁ ସର୍ବଦା ଖଶଲି ରଖନ୍ତୁ ଏବଂ ନିୟମିତ ବ୍ୟବଧାନରେ ଉପରେ ଜମି ରହୁଥିବା ଧୂଳି ଓ ଅଳନ୍ଧୁ ସଫା କରନ୍ତୁ ।
- ଏହି ଆଲମିରାରେ ଜମିବାଡ଼ି ସମ୍ବନ୍ଧିତ କୌଣସି କାଗଜପତ୍ର ରଖନ୍ତୁ ନାହିଁ । ଷ୍ଟୋରରୁମ ଓ ଗାଧୁଆ ଘରକୁ ଲାଗି ପୂଜା ଘର କରନ୍ତୁ ନାହିଁ ।
- ଅଗଣାରେ ନିଶ୍ଚିତ ଭାବରେ ତୁଳସୀ ଚଉରା ରଖନ୍ତୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଦୀପଜାଳନ୍ତୁ ।
- ଘରେ ଅଚଳ ବା ଖରାପ ହୋଇ ଥିବା ଘଣ୍ଟା ରଖନ୍ତୁ ନାହି ।
- ନୂଆ ଘର କରୁଥିଲେ ପ୍ଲଟକୁ ଲାଗି ତେନ୍ତୁଳି କିମ୍ବା ବରଗଛ ଅଛି ନା ନାହିଁ ଦେଖନ୍ତୁ, ଥିଲେ ଘର ତୋଳିବା ଆଗରୁ ତାକୁ କାଟି ଦିଅନ୍ତୁ ।
- ଖଟ ତଳେ ଜୋତା, ଚପଲ । ଅନ୍ୟ କୌଣସି ଜିନିଟ ରଖନ୍ତୁ ନାହିଁ । ଏହି ସ୍ଥାନକୁ ସର୍ବଦା ପରିଷ୍କାର ରଖନ୍ତୁ ।
- ପୂଜାଘରର ଉପରଛାତ ଖାଲି ରଖନ୍ତୁ । ପୂଜାଘରେ ମୃତ ବ୍ୟକ୍ତିଙ୍କ ଫଟୋ ବା ଚିତ୍ର ରଖନ୍ତୁ ନାହିଁ ।
- ରାତିରେ ରୋଷେଇ ଘରେ ଅଇଁଠା ବାସନ ରଖନ୍ତୁ ନାହିଁ ।



# ହଠାତ୍ ତାପମାତ୍ରାରେ ପରିବର୍ତ୍ତନ ସ୍ୱାସ୍ଥ୍ୟକୁ ହାନି

ପ୍ରଚଣ୍ଡ ତାତିରୁ ପହଞ୍ଚି ସଙ୍ଗେ ସଙ୍ଗେ ଆମେ ଏସି ଲଗାଇଦେଉ । କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ବିଶେଷଜ୍ଞମାନେ କହନ୍ତି । ତାପମାତ୍ରା ଗରମରୁ ହଠାତ୍ ଥଣ୍ଡା ହୋଇଯିବା ଶରୀର ପାଇଁ ହାନିକାରକ । ଖାସକରି ପୁରୁଣା ଥଣ୍ଡା ସମସ୍ୟାରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହା ବେଶି କ୍ଷତିକାରକ । ଅଭ୍ୟନ୍ତରୀଣ ଓ ବାହ୍ୟ ତାପମାତ୍ରାରେ ହଠାତ୍ ଓ ଅତି ମାତ୍ରାରେ ପରିବର୍ତ୍ତନ ସ୍ୱାସ୍ଥ୍ୟକୁ ହାନି ପହଞ୍ଚାଇଥାଏ । ଗରମରୁ ଥଣ୍ଡା ପରିବେଶରେ ନିଜକୁ ଅନୁକୂଳ କରାଇବା ପାଇଁ ଶରୀର ବାଧ୍ୟ ହୁଏ, ଫଳରେ ଚାପରେ ରହେ । ତାପମାତ୍ରାରେ ଅଚାନକ ପରିବର୍ତ୍ତନ ଦ୍ୱାରା ତ୍ୱଚା ଓ ଆଖି ଶୁଷ୍କ ହୁଏ । ଅଧିକାଂଶ ସମୟରେ ବାହାରୁ ଆସି ଘରେ କିମ୍ବା ଅଫିସରେ ପହଞ୍ଚିଲେ ଆଖି କୁଣ୍ଡାଇ ହେବା ଓ ଛିଙ୍କିବା ଲକ୍ଷଣବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି । ଏହା ଆଖି, ଶ୍ୱାସ ସଂକ୍ରମଣ ଓ ମାଂସପେଶୀ ଯନ୍ତ୍ରଣା ଆଦିର କାରଣ ହୋଇଥାଏ । ସପିଂ ମଲ, ଅଫିସ୍, ଡାକ୍ତରଖାନା ଆଦିର ତାପମାତ୍ରା ୨୩ରୁ ୨୫ ଡିଗ୍ରୀ ମଧ୍ୟରେ ରହିବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଆପୋଲୋ ହସପିଟାଲର ଇଣ୍ଟରରନାଲ ମେଡିସିନ୍ ଡ. ସୁରନଜିତ ଚାଟାର୍ଜୀ କହନ୍ତି, ଅତିଶୟ ଥଣ୍ଡାରୁ ଗରମ କିମ୍ବା ଅତିଶୟ ଗରମରୁ ଥଣ୍ଡାକୁ ସହ୍ୟ କରିବା ପାଇଁ ଆମ ଶରୀର ସମୟ ଆବଶ୍ୟକ କରେ । କିନ୍ତୁ ଯେତେବେଳେ ତାପମାତ୍ରାରେ ହଠାତ୍ ଭାରି ପରିବର୍ତ୍ତନ ହୁଏ, ରକ୍ତ ଧମନୀ ପ୍ରଭାବିତ ହୁଏ । ଶୀତଦିନେ ରକ୍ତ ଧମନୀ ଉତ୍ତାପ ଗଚ୍ଛିତ କରୁଥିବାବେଳେ ଖରାଦିନେ ତାର ବିପରୀତ କରିଥାଏ । ତେବେ ତାପମାତ୍ରାରେ ହଠାତ୍ ପରିବର୍ତ୍ତନ ଏହି ପ୍ରକ୍ରିୟା ଉପରେ ପ୍ରଭାବ ପକାଏ, ଯାହା ଆମ ହୃତପିଣ୍ଡକୁ କ୍ଷତି ପହଞ୍ଚାଏ ବୋଲି ସେ କହନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମାନ୍ତର ସୁରକ୍ଷା...

ଆମ ଦେଶର ସୀମାନ୍ତର ସୁରକ୍ଷା ନେଇ ସାମରିକ ବାହିନୀ ସତର୍କ ପ୍ରହରୀ ରୂପେ ଯେଉଁ ଭୂମିକା ନିଭାଉଛନ୍ତି, ତାହାର ଯେତେ ପ୍ରଶଂସା କଲେ ସୁଦ୍ଧା କମ୍ ହେବ । କଠିନ ସ୍ଥିତି ଭିତରେ ପ୍ରତିକୂଳ ଅବସ୍ଥାକୁ ପରବାୟ ନକରି ଶତ୍ରୁପକ୍ଷର ଅନୁପ୍ରବେଶ ହେଉ କିମ୍ବା ଆକ୍ରମଣ, ତାହାର ଶକ୍ତ ଜବାବ ଦେବାପାଇଁ ଆମର ବୀର ଯବାନମାନେ ଅଶେଷ ତ୍ୟାଗ ସ୍ୱୀକାର କରୁଛନ୍ତି । ଏପରିକି ଜୀବନ ବଳିଦାନ କରିବାକୁ ପଛାଇ ନଥାନ୍ତି । ଘର ଏବଂ ପିଲାକବିଲା ଓ ପରିବାରଙ୍କୁ ଛାଡ଼ି ହଜାର ହଜାର ମାଇଲ ଦୂରରେ ଯବାନମାନେ କଠିନ ପରିସ୍ଥିତିର ମୁକାବିଲା କରିଥାନ୍ତି । ଏହାର ବିନିମୟରେ ଦେଶ ମାତୃକାର ସୁରକ୍ଷା ପାଇଁ ଯେତେ ଯାହା ପ୍ରଦାନ କଲେ ସୁଦ୍ଧା ତାହା ଯଥେଷ୍ଟ ହେବନାହିଁ । ଏହି ପରିପ୍ରେକ୍ଷୀରେ ଆମର ନିକଟ ପ୍ରତିବେଶୀ ଚୀନ ଓ ପାକିସ୍ତାନ ବର୍ଷ ବର୍ଷ ଧରି ସୀମାନ୍ତରେ ଲଗାତାର ଅନୁପ୍ରବେଶ ଓ ଆକ୍ରମଣ କରି ଦେଶବାସୀଙ୍କ ନିଦ ହଜାଇ ଦେଉଛନ୍ତି । ସେମାନେ ଏମିତିରେ ଆମର ଘୋଷିତ ଶତ୍ରୁ ପାଲଟି ସାରିଛନ୍ତି । କିନ୍ତୁ ମଝିରେ ମଝିରେ ଛଳନାପୂର୍ଣ୍ଣ ବ୍ୟବହାର କରି ଆମକୁ ଭ୍ରମିତ କରିବା ଛାଡୁନାହାନ୍ତି । ପାକିସ୍ତାନ ସହ ଦୁଇ ତିନିଟି ରକ୍ତକ୍ଷୟୀ ଯୁଦ୍ଧ ହୋଇ ସାରିଛି । ଯେମିତି ଚୀନ ଦୁଇ ଦୁଇଥର ଯୁଦ୍ଧ କରି ଆମର ଇଲାକୁ ଅଦ୍ୟାବଧି ଦଖଲରେ ରଖିଛି । ପୂର୍ବ ପାକିସ୍ତାନକୁ ମୂଳରୁ ଅଲଗା କରି ବଙ୍ଗଳାଦେଶକୁ ଜନ୍ମ ଦେବାରେ ଭାରତୀୟ ନେତୃତ୍ୱର ଭୂମିକା କୌଣସି କାରଣରୁ ଭୁଲି ନପାରି ପାକିସ୍ତାନ ଭାରତୀୟ ସୀମାନ୍ତରେ ଚୋଟ ମାରି ଚାଲିଛି । ଆତଙ୍କବାଦୀଙ୍କୁ ଅସ୍ତ୍ର ଓ ଅର୍ଥ ଦେଇ କାଶ୍ମୀର ସୀମାନ୍ତରେ ଅନୁପ୍ରବେଶ କରାଉଛି । ସୀମାନ୍ତ ରାଜ୍ୟରେ ଶାନ୍ତି ଫେରାଇ ଆଣିବାକୁ ହେଉଥିବା ପ୍ରୟାସକୁ ବ୍ୟର୍ଥ କରିବା ଲାଗି ଅପକୌଶଳ ଖଟାଉଛି । କାଶ୍ମୀର କ୍ଷେତ୍ରକୁ ନିଜ ଦଖଲକୁ ନେବା ସକାଶେ ଭିତରୁ ଓ ବାହାରୁ ଚକ୍ରାନ୍ତ ଚଳାଇଛି ପାକିସ୍ତାନ । ପାକ୍ ଅଧିକୃତ କାଶ୍ମୀରରେ ଆଧିପତ୍ୟ ବିସ୍ତାର କରିବା ଲାଗି ପାକିସ୍ତାନ ସରକାର ନିର୍ବିଶେଷରେ ଚାଲ୍‌ବାଜି କରୁଥିବା ପ୍ରମାଣର ଅଭାବ ନାହିଁ । ଅନ୍ୟ ଦିଗରେ ଚୀନ ଗଲୱାନ ଉପତ୍ୟକାରେ କେତେ ମାସ ଧରି ତାହାର ଭାରତବିରୋଧୀ ଗତିବିଧି ବଢ଼ାଇ ଚାଲିଛି । ଆମ ଦେଶର ସାମରିକ ଅଧିକାରୀମାନଙ୍କ ସହ ବୈଠକରେ ଯେଉଁ ନିଷ୍ପତ୍ତି ହେଉଛି, ତାହାର ନଗ୍ନ ଉଲ୍ଲଘଂନ କରିବାକୁ ଚୀନକୁ ସମୟ ଲାଗୁନି । ଗଲୱାନ କ୍ଷେତ୍ରରେ ଉପସ୍ଥିତି ସାମୟିକ ହ୍ରାସ କରିବା ପରେ ନୂତନ ବର୍ଷରେ ଆମ ଇଲାକାକୁ ପଶିଆସି ଚୀନା ସୈନ୍ୟମାନେ ଲାଲ ପତାକା ଉଡ଼ାଇଲେ । ଭାରତ ପକ୍ଷରୁ ଚୀନା ସୈନ୍ୟଙ୍କ ଉଦ୍ଦେଶ୍ୟରେ ମିଠା ପ୍ୟାକେଟ୍ ପଠାଯିବା ପରେ ଏହା ଥିଲା ଚୀନର ଆଚରଣ । ଏହା ଭାରତୀୟ ସୈନ୍ୟମାନଙ୍କ ସକାଶେ ପ୍ରରୋଚନା ଛଡ଼ା କ'ଣ ହୋଇପାରେ ? ସେତିକିରେ କଥା ସରିଯାଇନାହିଁ । ପୂର୍ବ ଲଦାଖରେ ଥିବା ପାଙ୍ଗଙ୍ଗ ହ୍ରଦରେ ଚୀନ ପୋଲ ତିଆରି କରୁଛି । ଉପଗ୍ରହ ଚିତ୍ରରୁ ମିଳିଥିବା ସୂଚନାରୁ ଏହା ଜଣାପଡିବା ତଦ୍‌ବିଦ ମହଲକୁ ବିସ୍ମିତ କରିଛି । ନିଜ ପଟ ଇଲାକାରେ ଯଦିଓ ଏହି ପୋଲ ତିଆରି ଚାଲିଛି, ଦରକାର ପଡ଼ିଲେ ଚୀନ ନିଜର ସୈନ୍ୟ ଓ ଭାରୀଯାନ ଲଦାଖ ଅଞ୍ଚଳକୁ ପଠାଇବାରେ ତାହା ସହାୟକ ହେବ । ଚୀନ ଓ ପାକିସ୍ତାନ କ୍ଷେତ୍ରରେ ଏହା ସମ୍ଭବତଃ ସର୍ବାଧିକ ପ୍ରାଯୁଜ୍ୟ । ସେମାନେ ଭାରତ-ବିରୋଧୀ ପ୍ରକୃତି ଛାଡ଼ିବାର ସମ୍ଭାବନା ଏବେ ନାହିଁ କି' କେବେ ନାହିଁ । ବିସ୍ତାରବାଦ ହେଉଛି ଚୀନ ବୈଦେଶିକ ନୀତିର ଏକ ଅଂଶ । ଅତୀତ ଦିନରେ ଯୁଦ୍ଧ ପରେ ଯେଉଁ ପଞ୍ଚଶୀଳ ନୀତି ପ୍ରଣୀତ ହୋଇଥିଲା, ତାହାକୁ ଚୀନ ହିଁ ଲଂଘନ କରିବାକୁ ସମୟ ଲାଗିଲା ନାହିଁ । ଅରୁଣାଚଳ ପ୍ରଦେଶର ବିସ୍ତୀର୍ଣ୍ଣ କ୍ଷେତ୍ର ଦଖଲପୂର୍ବକ ଅକ୍ସାଇ ଚୀନରେ ଯେଉଁ ଲୀଳା କରୁଛି, ତାହା ମିଳିତ ଜାତିସଂଘ ପର୍ଯ୍ୟନ୍ତ ଗଲା ପରେ ସୁଦ୍ଧା ସେମିତି ଅସମାହିତ ରହିଛି । ପାକିସ୍ତାନ ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ଲକ୍ଷ୍ୟରେ ଆମ ଉପରେ ଗୋଟିକ ପରେ ଗୋଟିଏ ଆରୋପ ଲଦିବା ଛାଡୁନାହିଁ ।

## ଖାଦ୍ୟ ସଂକଟରେ ବିଶ୍ୱବାସୀ



ଡକ୍ଟର ଲକ୍ଷ୍ମଣ ସାହୁ

କରୋନା ମହାମାରୀ ବିଶ୍ୱର ବିକାଶଶୀଳ ତଥା ଗରିବ ଦେଶମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା ସଙ୍କଟ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ନିକଟରେ 'ବିଶ୍ୱ -୨୦୨୧ ରେ ଖାଦ୍ୟ ସୁରକ୍ଷା ପୁଷ୍ଟିକର ସ୍ଥିତି' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ କରିଛି । ଏଥିରେ ଖାଦ୍ୟ ସଙ୍କଟ ଏବଂ ପୁଷ୍ଟିହୀନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଅଧ୍ୟୟନରୁ ଜଣାପଡିଛି ଯେ ମହାମାରୀ ଯୋଗୁଁ ବିକାଶଶୀଳ ତଥା ସବୁଜ ଦେଶରେ ଖାଦ୍ୟ ନିରାପତ୍ତା ପରିସ୍ଥିତି ଗୁରୁତର ହୋଇପଡିଛି । ରିପୋର୍ଟ ଅନୁଯାୟୀ, ବିଶ୍ୱର ପୁଷ୍ଟିହୀନ ଜନସଂଖ୍ୟାର ଅଧାରୁ ଅଧିକ ଲୋକ ଏସିଆରେ ରୁହନ୍ତି । ଯେଉଁଠାରେ ପୁଷ୍ଟିହୀନ ଜନସଂଖ୍ୟାର ଏକ ତୃତୀୟାଂଶରୁ ଅଧିକ ଆଫ୍ରିକାରେ ଅଛନ୍ତି । ସୂଚନାଯୋଗ୍ୟ ଯେ ୨୦୧୯ ବର୍ଷ ତୁଳନାରେ ୨୦୨୦ ମସିହାରେ ଆଫ୍ରିକାରେ ୪୫ ନିୟୁତରୁ ଅଧିକ ଲୋକ, ଏସିଆର ୬୦ ମିଲିୟନରୁ ଅଧିକ ଲୋକ ଏବଂ ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶରେ ୧୫ ମିଲିୟନରୁ ଅଧିକ ଲୋକ ଅନାହାର ପରି ପରିସ୍ଥିତିରେ ପୀଡିତ ହୋଇଥିଲେ ।

ଏହା ପୂର୍ବରୁ ଆନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ଗ୍ଲୋବାଲ୍ ଫୁଡ୍ ପଲିସି ରିପୋର୍ଟ -୨୦୨୧ କହିଛି ଯେ ଦାରିଦ୍ର ବୃଦ୍ଧି ଏବଂ ଜୀବିକା ନିର୍ବାହ ଖାଦ୍ୟ ନିରାପତ୍ତା ତଥା ଖାଦ୍ୟ ଗୁଣ ଉପରେ ପ୍ରଭାବ ପକାଇଛି । ଏକଥା ସତଯେ ଧନୀ ଦେଶଗୁଡ଼ିକ ଦାରିଦ୍ର୍ୟ ଦୂରୀକରଣ ଏବଂ ବିଶ୍ୱ ସ୍ତରରେ କ୍ଷୁଧା ସମସ୍ୟାର ମୁକାବିଲା ପାଇଁ ପ୍ରତିବଦ୍ଧ । ଏଥିରେ ଦାରିଦ୍ର୍ୟ ଦୂରୀକରଣ (ଝଉଏ-୧) ଏବଂ କ୍ଷୁଧା ଦୂର କରିବା (ଝଉଏ ୨) ର ଲକ୍ଷ୍ୟ ୨୦୩୦ ସୁଦ୍ଧା ସର୍ବଭାରତୀୟ ସ୍ତରରେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଝଉଏ-୨) ରେ ସ୍ଥିର ହୋଇଛି । ତଥାପି, ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦାରିଦ୍ର୍ୟ ଦୂରୀକରଣ ତଥା ଏହି ଦଶନ୍ଧି ଶେଷ ସୁଦ୍ଧା ବହୁ ଜନସଂଖ୍ୟାକୁ ଅନାହାରରୁ ହଟାଇବାରେ କୌଣସି ସେଭଳି ବଡ଼ ସଫଳତାର ଆଶା ନାହିଁ । ଯେହେତୁ ମହାମାରୀ ବିଶ୍ୱ ଅର୍ଥନୀତିକୁ ନଷ୍ଟ କରିଦେଇଛି । ଏହା ଦାରିଦ୍ର ତଥା କ୍ଷୁଧା ଦୂର କରିବା ଅଭିଯାନକୁ ପ୍ରଭାବିତ କରିବ । ରିପୋର୍ଟରେ ଦର୍ଶାଯାଇଛି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ଅପରିବର୍ତ୍ତିତ ରହିବା ପରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ପୁଷ୍ଟିହୀନତାର ମାତ୍ରା ୧.୫ ପ୍ରତିଶତ ବୃଦ୍ଧି ପାଇଛି । ଏଥିସହିତ, ୨୦୧୯ ତୁଳନାରେ ୨୦୨୦ ମସିହାରେ ପ୍ରାୟ ୧୧.୮ କୋଟି ଅଧିକ ଲୋକ ଭୋକର ସମ୍ମୁଖୀନ ହୋଇଥିଲେ । ଏକ ବର୍ଷ ମଧ୍ୟରେ ଅନାହାରର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ଅଠର ପ୍ରତିଶତ ବୃଦ୍ଧି ପାଇଛି । ଆକଳନରୁ ଜଣାପଡିଛି ଯେ ମହାମାରୀ ସମୟରେ ଲୋକଙ୍କ ପ୍ରବାହ ମଧ ଖରାପ ପ୍ରଭାବିତ ହୋଇଛି । ଆୟ ହ୍ରାସ ହେତୁ ଖାଦ୍ୟ ସାମଗ୍ରୀ ବଢାଇବାର କ୍ଷମତାରେ ତୀବ୍ର ହ୍ରାସ ଘଟିଛି । ଗତ ବର୍ଷ ଦୁନିଆର ପ୍ରାୟ ତିନି ଜଣଙ୍କ ମଧ୍ୟରୁ ଜଣେ ପର୍ଯ୍ୟାପ୍ତ ଖାଦ୍ୟ ନଥିଲେ ? ଯଦି ଏହା ପଛରେ ଥିବା ବଡ କାରଣ ବିଷୟରେ ଆଲୋଚନା କରାଯାଏ, ଆଭ୍ୟନ୍ତରୀଣ କାରଣଗୁଡିକ ଉପରେ ପ୍ରଭାବ ପକାଉଥିବା ଖାଦ୍ୟ ପ୍ରଣାଳୀ ଓ ବାହ୍ୟ କାରଣଗୁଡ଼ିକ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ମୂଲ୍ୟ ଅଟେ । ଏଠାରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ସ୍ୱଚ୍ଛ ଖାଦ୍ୟ ପାଇପାରିବେ ନାହିଁ । ଏହି ରିପୋର୍ଟରେ ଏହା ମଧ ଦର୍ଶାଯାଇଛି ଯେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଖାଦ୍ୟ ପାଇବାରେ ବ୍ୟାପକ ବ୍ୟବଧାନ ରହିଛି । ଯେଉଁଠାରେ ୨୦୨୦ ମସିହାରେ, ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ଦଶ ଜଣ ପୁରୁଷଙ୍କ ପାଇଁ ଏକାଦଶ ମହିଳା ଅସୁରକ୍ଷିତ ଥିବାବେଳେ ୨୦୧୯ ମସିହାରେ ଏହି ସଂଖ୍ୟା ୧୦.୬ ଥିଲା । ଏଭଳି ପରିସ୍ଥିତିରେ, ବଡ ପ୍ରଶ୍ନ ହେଉଛି ଦୁନିଆର ଏତେ ବଡ ଜନସଂଖ୍ୟାକୁ କିପରି କ୍ଷୁଧା ଏବଂ ଦାରିଦ୍ର୍ୟରୁ ଦୂରୀକରଣ କରିହେବ ?

ଲୋକଙ୍କୁ ଅନାହାରରୁ ରକ୍ଷା କରିବା ପାଇଁ ବିଶ୍ୱ ସ୍ତରରେ ଏକତ୍ରିତ ପ୍ରୟାସ ଆବଶ୍ୟକ ରହିଛି । ଏଥିରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି କ୍ଷୁଧା ଏବଂ ଦାରିଦ୍ର୍ୟ ଦୂରୀକରଣ ଦିଗରେ ପଦକ୍ଷେପ ନିଆଯାଇପାରେ । ଦେଶଗୁଡିକ ଏପରି ନୀତି ପ୍ରସ୍ତୁତ କରିବାକୁ ପଡିବ ଯାହା ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଖାଦ୍ୟ ବ୍ୟବସ୍ଥାରେ ମଧ ସଂସ୍କାର ଆଣିବାକୁ ପଡିବ । ପୁଷ୍ଟିକର ଖାଦ୍ୟର ମୂଲ୍ୟ ହ୍ରାସ କରିବା ପାଇଁ ଯୋଗାଣ ଶୃଙ୍ଖଳାକୁ ଉନ୍ନତ କରିବା ଆବଶ୍ୟକ । ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଥିବା ଅସମାନତାକୁ ସାମ୍ନା କରିବା ପାଇଁ ଉଦ୍ୟମ କରିବାକୁ ପଡ଼ିବ, ଯାହାଦ୍ୱାରା ସାଧାରଣ ଲୋକଙ୍କ ପାଇଁ ଖାଦ୍ୟ ସାମଗ୍ରୀର ଉପଲବ୍ଧତା ନିଶ୍ଚିତ ହୋଇପାରିବ । ଖାଦ୍ୟ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ବିଶ୍ୱର ସମସ୍ତ ଦେଶକୁ ସମନ୍ୱିତ ଉଦ୍ୟମ କରିବାକୁ ପଡ଼ିବ । ମହାମାରୀ ସମୟରେ ଅଧିକାଂଶ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡିଛି । ଶିଳ୍ପ ଏବଂ ବ୍ୟବସାୟ ନଷ୍ଟ ହୋଇଯାଇଛି । ଲକ୍ଷ ଲକ୍ଷ ଲୋକ ବେକାର ହୋଇ ପଡିଛନ୍ତି । ଫଳତଃ ଖାଦ୍ୟ ସୁରକ୍ଷା ଉପରେ ମଧ ଏହାର ପ୍ରଭାବ ପଡିଛି । ଖାଦ୍ୟ ନିରାପତ୍ତା ମନୁଷ୍ୟର ଖାଦ୍ୟ ଆବଶ୍ୟକତାକୁ ବୁଝାଇଥାଏ । ଖାଦ୍ୟ ନିରାପତ୍ତାର କହିଲେ ସାଧାରଣତଃ ଏଥିରେ ଖାଦ୍ୟର ଉପଲବ୍ଧତା, ଲୋକଙ୍କ ପ୍ରବେଶ ଏବଂ ଉପଯୁକ୍ତ ପ୍ରୟୋଜନୀୟତାକୁ ବୁଝାଯାଏ । କହିବାକୁ ଗଲେ ଭାରତରେ ଖାଦ୍ୟର ଉପଲବ୍ଧତା ପଛରେ ଅନେକ ଅସୁବିଧା ଅଛି । ପ୍ରତିବର୍ଷ ଦେଶର କେତେକ ଅଞ୍ଚଳରେ ବନ୍ୟା, ମରୁଡ଼ି ଏବଂ ଦୁର୍ଭିକ୍ଷର ସମସ୍ୟା ଖାଦ୍ୟ ଉପଲବ୍ଧ ହେବାରେ ସମସ୍ୟା ସୃଷ୍ଟି କରିଥାଏ । ଏହା ସହିତ, ଲୋକମାନଙ୍କର ଦୁର୍ବଳ ଅର୍ଥନୈତିକ ଅବସ୍ଥା ମଧ ସେମାନଙ୍କୁ ଖାଦ୍ୟ ଶସ୍ୟ ପାଇବାକୁ ଅନୁମତି ଦିଏ ନାହିଁ । ଭାରତରେ ଖାଦ୍ୟ ନିରାପତ୍ତା ଓ ପୁଷ୍ଟିକର ତଥ୍ୟ ନିରାଶଜନକ ଅଟେ ।

ଭାରତ ହେଉଛି ବିଶ୍ୱର ସବୁଠାରୁ ଦ୍ୱିତୀୟ ଜନବହୁଳ ଦେଶ । କୃଷି ସଂଗଠନର ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଖାଦ୍ୟ ଅସୁରକ୍ଷିତ ଜନସଂଖ୍ୟାର ଚାରି ପ୍ରତିଶତ ବୃଦ୍ଧି ପାଇଛି । ଗତ ବର୍ଷ ମଧ୍ୟରେ ଖାଦ୍ୟ ନିରାପତ୍ତା ଭୋଗୁଥିବା ଜନସଂଖ୍ୟାରେ ୭୦ ନିୟୁତ ଲୋକ ଯୋଗ ହୋଇଛନ୍ତି । ୨୦୧୪-୧୬ ବର୍ଷରେ, ଭାରତର ୨୭.୮ ପ୍ରତିଶତ ଲୋକ ଖାଦ୍ୟ ଅସୁରକ୍ଷିତ ଅବସ୍ଥାରେ ଥିଲେ । ଯାହା ୨୦୧୭-୧୦ ବର୍ଷରେ ୩୧.୬ ପ୍ରତିଶତକୁ ବୃଦ୍ଧି ପାଇଥିଲା । ପୁଷ୍ଟିହୀନତା ପ୍ରସଙ୍ଗରେ ଭାରତର ଅବସ୍ଥା ମଧ ଦୁଃଖଦାୟକ । ଜନସଂଖ୍ୟାର ପ୍ରାୟ ପନ୍ଦର ପ୍ରତିଶତ ପୁଷ୍ଟିହୀନ ଭିତରେ ଅଛନ୍ତି । ପରିସଂଖ୍ୟାନ ଦର୍ଶାଯାଏ ଯେ ୨୦୧୯ ମସିହାରେ ଭାରତରେ ଅଧିକାଂଶ ପୁଷ୍ଟିହୀନ ଲୋକ ଉପସ୍ଥିତ ଥିଲେ । ଭାରତରେ ଖାଦ୍ୟ ନିରାପତ୍ତା ବିପଦ ସହିତ ପୁଷ୍ଟିହୀନ ଜନସଂଖ୍ୟାରେ ବୃଦ୍ଧି ଘଟୁଛି । ସମୟକ୍ରମେ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଥିବା ଭାରତ ହେଉଛି ବିଶ୍ୱର ଅନ୍ୟତମ ଦେଶ । ଷାଠିଏ ଦଶକରେ ଦେଶରେ ଖାଦ୍ୟ ସଙ୍କଟ ଏକ ଭୟଙ୍କର ରୂପ ନେଇଥିଲା । କିନ୍ତୁ ସୌଭାଗ୍ୟକୁ ସବୁଜ ବିପ୍ଳବ କେବଳ ଭାରତକୁ ଖାଦ୍ୟ ସଙ୍କଟରୁ ବାହାରକୁ ଆଣିନାହିଁ, ବରଂ ଗହମ ଏବଂ ଚାଉଳ ରପ୍ତାନି କ୍ଷେତ୍ରରେ ମଧ ଦେଶକୁ ସ୍ଥିର କରିଦେଇଛି । ଏବେ ଦେଶକୁ ଆତ୍ମନିର୍ଭରଶୀଳ କରିବାର ଆଲୋଚନା ହେଉଛି । ସତ କହିବାକୁ ଗଲେ ସରକାର ସମସ୍ତ ବିଭାଗରେ ଖାଦ୍ୟର ସୁବିଧା ସୁନିଶ୍ଚିତ କରିବା ପାଇଁ ୧୯୯୫ ମସିହାରେ ସ୍କୁଲ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଆରମ୍ଭ କରିଥିଲେ । ଗରୀବଙ୍କ ପାଇଁ ମଧ ଅନନ୍ତ ଯୋଜନା ଓ ୨୦୧୩ ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଭଳି ଅନେକ ପ୍ରୟାସ କରାଯାଇଥିଲା । କିନ୍ତୁ ତାହା ଆଶାଜନକ ହୋଇ ପାରିନାହିଁ । ଅତୀତରେ ସରକାରଙ୍କ ପକ୍ଷରୁ ଗରିବ ମାନଙ୍କୁ ଦୃଷ୍ଟିର ରଖି ଯୋଜନା କରାଯାଇଛି, ୱାନ ନେସନ ୱାନ ରେସନ କାର୍ଡ ସ୍କିମ, ଆତ୍ମନିର୍ଭରଶୀଳ ଭାରତ ନିଯୁକ୍ତି ଯୋଜନା ଇତ୍ୟାଦି ମଧ ଆରମ୍ଭ ହୋଇଛି । କିନ୍ତୁ ତାହାର ସଫଳତା ବା ବିଫଳତାକୁ ଦୃଷ୍ଟି ଦିଆଯାଇ ନାହିଁ । ଏହି ମହାମାରୀ ଯୁଗରେ ଜାତିସଂଘ ମୁଖ୍ୟ ଚେତାବନୀ ଦେଇଛନ୍ତି ଯେ ବିଶ୍ୱରେ ସାତ ବିଲିୟନ ଅଶୀ କୋଟି ଜନସଂଖ୍ୟାକୁ ଖାଇବାକୁ ଦେବା ପାଇଁ ଖାଦ୍ୟ ଉପଲବ୍ଧ ଅଛି । କିନ୍ତୁ ଏହା ସତ୍ତ୍ୱେ ଅଶୀ ଦୁଇ କୋଟିରୁ ଅଧିକ ଲୋକ ଅନାହାରର ଶିକାର ହେଉଛନ୍ତି । ଏହା ମଧ ଆଶଙ୍କା କରାଯାଉଛି ଯେ ଚଳିତ ବର୍ଷ ମହାମାରୀ ସଙ୍କଟ ହେତୁ ୪୦ ନିୟୁତ ଲୋକ ଦାରିଦ୍ର୍ୟର ସମ୍ମୁଖୀନ ହୋଇପାରନ୍ତି । ଏଭଳି ପରିସ୍ଥିତିରେ କେବଳ ଖାଦ୍ୟ ନିରାପତ୍ତା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କଲେ ବର୍ତ୍ତମାନର ସଙ୍କଟ ଦୂର ହୋଇପାରିବ । ଏଥିପାଇଁ ବିଶ୍ୱର ଧନୀ ଏବଂ ଗରିବ ରାଷ୍ଟ୍ରମାନଙ୍କୁ ଏକାଠି ଉଦ୍ୟମ କରିବାକୁ ପଡ଼ିବ । ଯାହା ଦ୍ୱାରା ଦେଖାଯାଇଥିବା ଖାଦ୍ୟ ସଂକଟକୁ ଦୂରେଇ ଦିଆଯାଇ ପାରିବ ।


♥ ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ - ୪
(ମୋ)୯୦୪୦ ୧୫୧୪୭୫


## ଖାଦ୍ୟ ସୁରକ୍ଷା ଯୋଜନାର ଯୋଜନ ଦୂରରେ ବଞ୍ଚିତ: କ୍ଷୁଧାତୁରଙ୍କ ହାଅନ୍ନ ଚିତ୍କାର!



ପ୍ରଦୋଷ କୁମାର ଦାସ

ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ବିଭିନ୍ନ ଗରିବ ଜନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଏ ମଧ୍ୟରେ ୨୦୧୩ ରୁ ପ୍ରଣୀତ (ଏନ. ଏଫ. ଏସ . ଏ ) ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ୨୦୨୦ ମାର୍ଚ୍ଚରୁ କୋଭିଡ-୧୯ ପ୍ରଭାବିତ ଅଭାବୀଙ୍କୁ ଖାଦ୍ୟଶସ୍ୟ ସହାୟତା ପ୍ରଦାନ ନିମିତ୍ତ 'ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା 'ବାସ୍ତବରେ କ୍ଷୁଧାକ୍ଳିଷ୍ଟ ଜନତାଙ୍କ ପାଇଁ ବରଦାନ ସଦୃଶ୍ୟ। ହେଲେ ଏହି ଉଭୟ ଖାଦ୍ୟ ସୁରକ୍ଷା ଶୀର୍ଷକ ଯୋଜନାରେ ଏକା ଆମ ରାଜ୍ୟ କାହିଁକି, ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବହୁ ଯୋଗ୍ୟ ହିତାଧିକାରୀମାନେ ପ୍ରଶାସନିକ ମନିଟରିଂ ସମେତ ବିଭାଗୀୟ ସ୍ତରରେ ଆବଶ୍ୟକ ନୀରିକ୍ଷଣ ଓ ତନାଘନା ଅଭାବରୁ ବାଦ ପଡିରହିଛନ୍ତି । ପ୍ରତି ବ୍ଲକ୍, ପ୍ରତି ପଞ୍ଚାୟତ, ପ୍ରତି ୱାର୍ଡ ସ୍ତରରେ ନେତାଙ୍କ କୁଟିଳ ଓ ହୀନ ରାଜନୀତିର ପ୍ରଭାବରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ସମସ୍ତେ ଜାଣିଛନ୍ତି। ସବୁ ଅଂଚଳରେ ପ୍ରଭାବଶାଳୀ, ମୁଷ୍ଟିମେୟ, ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ଗୋଷ୍ଠୀ ନିଜ ନିଜ ସ୍ୱାର୍ଥ ହାସଲ କରିବାରେ ତତ୍ପର ରହୁଛନ୍ତି। ଏହି ଅଭାବନୀୟ ଘଟଣାର ଖୋଳତାଡ କରିବାରେ କାହାର ଆନ୍ତରିକତା ରହୁନାହିଁ। କେହି ଅଭିଯୋଗ କଲେ ତାକୁ ପ୍ରଭାବ ପକାଇ କିଛି ସୁବିଧା ଯୋଗାଇ ମୁହଁ ବନ୍ଦ କରିଦିଆଯାଉଛି। କୋଠା ଘରବାଲା ମାଗଣା ରାସନ୍ ପାଉଥିବା ବେଳେ ଯୋଗ୍ୟ ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଉଛି। ହା ଅନ୍ନ ଚିତ୍କାର କରୁଥିବା ଏପରି ଅନେକ ବୁଭୁକ୍ଷୁ ରହିଛନ୍ତି, ଯାହାଙ୍କ ସ୍ୱର ବିଭାଗୀୟ ସ୍ତରରେ ପହଞ୍ଚିପାରୁନାହିଁ। ମୃତ ବ୍ୟକ୍ତିଙ୍କ ନାମରେ ପିଡିଏସ ସାମଗ୍ରୀ ହାତେଇ ନିଆଯାଉଛି।ଖାଦ୍ୟ ସୁରକ୍ଷା ଯୋଜନାରେ ଭୂତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ ରଖାଯାଇ ଅନେକ ସ୍ଥାନରେ ପିଡିଏସ ସାମଗ୍ରୀ ହରିଲୁଟ କରାଯାଉଛି। ଅନେକ ଅଂଚଳରେ ଯୋଗ୍ୟ ହିତାଧିକାରୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ରହିଆସୁଥିବା ବେଳେ ସ୍ୱଚ୍ଛଳ(ଅଯୋଗ୍ୟ)ଙ୍କ ନାମରେ ମାଳମାଳ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି।ଦାରିଦ୍ର୍ୟ ସୀମା ରେଖା ତଳେ ରହିଥିବା ଅସହାୟ ବୟୋଜ୍ୟେଷ୍ଠ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ, ନିରାଶ୍ରୟ ଗରିବ ପରିବାର, ନିଃସହାୟ ମହିଳା, ଖଟିଖିଆ, ଅସୁସ୍ଥ ବ୍ୟକ୍ତିବିଶେଷ, ଶ୍ରମିକ, ଦାଦନ, ସର୍ବହରା ଶ୍ରେଣୀର ବ୍ୟକ୍ତିବିଶେଷ ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ବିଧେୟ ରହିଛି। କେବଳ ସେତିକି ନୁହେଁ, ନେଟୱାର୍କ ସମସ୍ୟା ରହୁଥିବା ରହୁଥିବା ଅଞ୍ଚଳରେ ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀଙ୍କୁ ଉପଲବ୍ଧ ଥାଇ ମଧ ପିଡିଏସ ସାମଗ୍ରୀ ବଣ୍ଟନ ହୋଇପାରୁନାହିଁ। କାରଣ ଆବଶ୍ୟକ ହେଉଥିବା ହିତାଧିକାରୀଙ୍କୁ ଡିଜିଟାଲ ଟିପ ଓ ଆଖି ସ୍କାନିଙ୍ଗ ଏହି ନେଟ ସମସ୍ୟା କାରଣରୁ ବଣ୍ଟନ ବାଧାପ୍ରାପ୍ତ ହେଉଛି।ଫଳରେ କାମଧନ୍ଦା ବନ୍ଦ କରି ହିତାଧିକାରୀଟି ଏହି ପ୍ରକ୍ରିୟା ରେ ଅସଫଳ ହୋଇ ନିରାଶ ରେ ଫେରିବାକୁ ପଡ଼ିଥାଏ । ପ୍ରତି ପଞ୍ଚାୟତରେ ହିତାଧିକାରୀଙ୍କୁ ପିଡିଏସ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ହେଉଥିବା ବେଳେ ଯାତାୟତ ସମସ୍ୟା ରହିଥିବା ଅଞ୍ଚଳବାସୀଙ୍କ ପାଇଁ ସେମାନଙ୍କ ୱାର୍ଡ କିମ୍ବା ପାଖ ଅଞ୍ଚଳରେ ଏହି ଯୋଜନାରେ ବଣ୍ଟନ ବ୍ୟବସ୍ଥା କରାଯିବା ଉଚିତ। ଏହାଦ୍ୱାରା ଅନ୍ତତଃ ବିଭିନ୍ନ ଅଞ୍ଚଳର ଭିନ୍ନକ୍ଷମ, ବୟସାଧିକ, ଶରୀର ଅସୁସ୍ଥ, ଅସହାୟ ମହିଳା ଇତ୍ୟାଦି ସୁବିଧାରେ ଏହି ସରକାରୀ ଯୋଜନାର ତ୍ୱରିତ ସୁଫଳ ଲାଭ କରିପାରନ୍ତେ। ଡିଜିଟାଲ ଟିପ ଓ ଆଖି ସ୍କାନିଙ୍ଗ ପାଇଁ ନେଟ ସମସ୍ୟା। କାରଣରୁ ହିତାଧିକାରୀଙ୍କୁ ସମୟୋଚିତ ରାସନ୍ ପାଇବାରୁ ବଞ୍ଚିତ ହେବାକୁ ପଡ଼ିଥାଏ। ଅନେକ ଗରିବଗୁରୁବା ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ବେଳେ ବହୁ ଅସହାୟ ନିରାଶ୍ରୟ ଖାଦ୍ୟ ଅଭାବରୁ ହାଅନ୍ନ ଚିତ୍କାର କରୁଛନ୍ତି। ବହୁ କ୍ଷେତ୍ରରେ ଏପରି ଘଟଣା ଲୋକ ଲୋଚନକୁ ଆସୁଥିଲେ ମଧ ତାକୁ ଯେନତେନ ପ୍ରକାରେ ମୁଷ୍ଟିମେୟଙ୍କ ପକ୍ଷରୁ ପ୍ରଭାବିତ କରି ଚପାଇ ଦିଆଯାଉଛି। ଏହି ବୁଭୁକ୍ଷୁ, ଅସହାୟ ମାନେ ସମସ୍ତଙ୍କ ଭଳି ଏ ଦେଶର ନାଗରିକ ଭାବେ ସମ୍ମାନର ସହ ସମାଜରେ ବଞ୍ଚିବାର ଅଧିକାର ରହିଛି। ସେମାନଙ୍କୁ ରାହା ଦେଖାଇବାକୁ ମଧ ସମସ୍ତ ସ୍ୱଚ୍ଛଳବର୍ଗଙ୍କ ସହଯୋଗ ନିହାତି ଆବଶ୍ୟକ ରହିଛି। ତେବେ ମାନବିକତାର ଦୃଷ୍ଟିକୋଣରୁ ଜନପ୍ରତିନିଧି ଓ ସରକାରୀ ବାବୁ ଦୁର୍ନୀତିର ଆଶ୍ରୟ ନେଇ ଯୋଗ୍ୟ ହିତାଧିକାରୀ ଚୟନରେ ପାତରଅନ୍ତର ନୀତି ଅବଲମ୍ବନ କରିଥାନ୍ତି। କୋଠାଘର ଥିବା, ଆର୍ଥିକ ସ୍ୱଚ୍ଛଳ ବର୍ଗ, ସରକାରୀ ଦଳର ନେତାଙ୍କ ଅନୁଗତ, ହାତଗୁଂଜା ଦେଇପାରୁଥିବା ଶଠ ବ୍ୟକ୍ତିବିଶେଷ ନିଜର ଓ ନିଜ ପରିବାରଙ୍କ ନାମକୁ ଏହି ଖାଖ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ଫାଇଦା ମାରିଥାନ୍ତି। ନୀତି ଆଦର୍ଶ ଓ ନିୟମବହିର୍ଭୂତ ହୋଇ ଏହାର ସୁଫଳ କାହାକୁ ମିଳିବ ବୋଲି ଦୁର୍ନୀତି ଖୋର ପ୍ରଶାସନିକ ଅଧିକାରୀଙ୍କ ସହ ଜନପ୍ରତିନିଧି, ପ୍ରଭାବଶାଳୀ ନେତାମାନେ ପାରସ୍ପରିକ ସାଲିସରେ ହିତାଧିକାରୀଙ୍କ ଯୋଗ୍ୟତା ନିର୍ଣ୍ଣୟ କରିଥାନ୍ତି। ଫଳରେ ବହୁ କ୍ଷେତ୍ରରେ ଯୋଗ୍ୟ ହିତାଧିକାରୀମାନେ ଅଭାବଗ୍ରସ୍ତ, ଗରିବ ଅସହାୟ ମାନେ ଏବେ ବି ଏହି ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ରହିଯାଇଛନ୍ତି।
(କ୍ରମଶଃ)


ସଂପାଦକ:- 'ପରିପ୍ରକାଶ
ସା/ପୋ:-ନାଚୁଣୀ, ଜିଲ୍ଲା:-
ଖୋରଧା-୭୫୨୦୩୪
(ମୋ)୬୩୭୦୪୯୫୯୪୪





### ହେଇ ପୁଣି ଆସିଲା



ଗୌରୀ ମେହେର

ଡେଢ ଦୁଇବର୍ଷ ହେଲା,
ଜୀବନ ଲାଗିଲାଣି ଭାରି!!
ହନ୍ତସନ୍ତ କରିଲାଣି,
ଏ କରୋନା ମହାମାରୀ ॥

ପ୍ରଥମ, ଦ୍ୱିତୀୟ ଏବେ,
ତୃତୀୟ ପର୍ଯ୍ୟାୟ!!!
ଟିକେ ଆସ୍ୱସ୍ତି ପାଇଆସୁଥିଲେ,
ପୁଣି ବଢାଉଛି ତାର କାୟ ॥

ତୃତୀୟ ପର୍ଯ୍ୟାୟ ରେ ଏବେ,
ଓମିକ୍ରନ୍ ନାମ ବହି!!
ଗ୍ରାସିବାକୁ ମାଡିଆସୁଛି,
ଦୁହ୍ନ, ବ୍ୟାଧି ନେଇ ॥

ଆଫ୍ରିକା ମହାଦେଶରୁ,
ଓମିକ୍ରନ୍ ଆସିଛି!!
ଧିରେଧିରେ ସିଏ ତାର,
ପ୍ରଚାର ବଢାଉଛି ॥

ଥଣ୍ଡା, କାଶ, ସର୍ଦ୍ଦି ଥିଲା,
କରୋନା ର ଲକ୍ଷଣ!!
ଲକ୍ଷଣ ବଦଦେଇ ଓମିକ୍ରନ୍
ହେଇ ଆସିଗଲାଣି ସେ ପୁଣି ॥

ମାଂସ ପେଶୀ ଦରଜ ସହ
ମୁଣ୍ଡ ଯେ ବିନ୍ଧୁଛି!!
ଦୁର୍ବଳ ଲାଗିବା ସହ
ଆଖି ଲାଲ୍ ପଡିଯାଉଛି ॥

ସାମାଜିକ ଦୂରତା ମାନି
ଆଦୌ ଭିଡ ନ କରିବା!!
ସାବୁନ ରେ ହାତ ଧୋଇ,
ମାସ୍କ ବ୍ୟବହାର କରୁଥିବା ॥

ସବୁଥର ଭଳି ଏଥର ବି,
ସାଜିବା ଯୋଧା ଆମେ!!
ଓମିକ୍ରନ୍ ବି ହାରିଯିବ,
ରହିପାରିବ ନି କ୍ଷଣେ ॥

ଗୁଜବରେ କେବେ ଭୟଭୀତ
ହେବା ନାହିଁ!!
ସଚେତନ ହେଇ ଲଢ଼ିବା,
ସବେ ଏ କ ହୋଇ ॥
ଛୋଟ ଶିଶୁ, ବୃଦ୍ଧ କଂ
ନେବା ଯତ୍ନ ଉତ୍ତମ!!!
ବଢ଼ିବା ବଦଳରେ ନିଷ୍ଚେ
କମିବ ମହାମାରୀ ସଂକ୍ରମଣ ॥

♥ ଗମ୍ଭାରୀଗୁଡା, ନୂଆପଡା

### ନିବେଦନର ପତ୍ର ୨୦୨୨କୁ

କବିତା ପଣ୍ଡା

ତୁମ ଆସିବାର ପହିଲି ଆଗମନରେ
ସବୁକିଛି ଚଳ ଚଞ୍ଚଳତି
ହୋଇପଡ଼ିଛି ଆଜି
ଗାଁଠୁ ସହର
ଜଙ୍ଗଲଠୁ ବେଳାଭୂମି ।

ନିଶ୍ଚିତ ନୂଆ କିଛି
ଉପହାର ନେଇ ଆସିଥିବ
ଆସିଥିବ ତୁମେ ୨୦୨୨ ।

ଏ ଜାତି ପାଇଁ ଏ ମାଟି ପାଇଁ
ଗୌରବର ଗର୍ବିତ
ମୋ ଦେଶର ବୀର ସୈନିକଙ୍କ ପାଇଁ ।
ତୁମ ଆସିବାକୁ ଦେଖି
ଭୁଲି ଯାଇଛି ଅସହାୟ ମଣିଷ
ସେଦିନର ସେଇ ଦୁଃଖକୁ
କାଟିଥିବା ବନ୍ଦିଗୃହର ଜୀବନକୁ ।

ଯେମିତି ନବଜାତ ସନ୍ତାନଟି ପାଇ
ମା' ଭୁଲି ଯାଏ ପ୍ରସବର ଯନ୍ତ୍ରଣା ।

ଦ୍ୱାପରର ଦେବକୀ ଭଳି
ସବୁ ଭୁଲି ଯାଇଛି ମଣିଷ ସମାଜ
ଭୁଲି ଯାଇଛି ଛାତି ଫଟେଇ
କାନ୍ଦୁଥିବା ମଶାଣି ଭୂଇଁ
ଆଜି ଗୁମୁରୀ ହସୁଛି ।

୨୦୨୨ ଆସିବାର
ପହିଲି ଅମନ୍ତ୍ରଣରେ ।

ଭାଙ୍ଗି ପଡ଼ିଥିବା ନିରୁପାୟ ମଣିଷ
କମରରେ ସାହସର ଗାମୁଛା ଭିଡ଼ିଛି ।

ମୁକ୍ତ ବିହଙ୍ଗ ଭଳି
ଉଡ଼ିଯିବ ଦେଶରୁ ବିଦେଶକୁ
ମୁଠାଏ ତଣ୍ଡୁଳ ଲୋଭରେ
ନଥିବ ମହାମାରୀର ଭୟ
ନଥିବ ତା' ପାଇଁ
କଟକଣା କି ଲକ୍‌ଡାଉନ୍ ।

ଯଦ ତୁମେ ଏମିତି ସନ୍ଦେଶ
ଆଣି ନଥାଅ ୨୦୨୨ ।

ସାଜନାହିଁ ଚାଇନା
ବିଜ୍ଞାନ ଯୁଗର ମଣିଷକୁ
ପରିହାସର ପୋଷାକ
ପିନ୍ଧେଇ ଦିଅନାହିଁ ।

କି ମୋ ଦେଶର ସୈନିକଙ୍କ ପାଇଁ
ଗୋଳା ବାରୁଦର ରକ୍ତପାତର
ବିବିଷିକା ଟାଣିଦିଅ ନାହିଁ ।

କରୋନା କି ଓମିକ୍ରନ
କିମ୍ବା ଅନ୍ୟ କିଛି ମହାମାରୀର
ମୁଖପତ୍ରର ତାଲିକା ଆଣନାହିଁ
ଆଣନାହିଁ ୨୦୨୨ ।

ଜନ୍ମ ଦେଉଥିବା ନାରୀପାଇଁ
ହଜେଇ ଦିଅନାହିଁ ଠିକଣା ।

ମମିତା ମେହେର ଭଳି
ଅନ୍ୟ କିଛି ଦୁର୍ଘଟଣା
ଯଦି ଆଣି ଥାଅ ଏମିତି କିଛି
ତା' ହେଲେ ଫେରେଇ ଦିଅ
ମୋର ନିବେଦନ ୨୦୨୨ ତୁମକୁ ।

♥ ମଙ୍ଗଳପୁର, ସୋର
ବାଲେଶ୍ୱର
ମୋ: ୭୭୩୫୭୭୬୩୪୨

### ଶୀତ

ନିରଞ୍ଜନ ସାହୁ



ବରଷକେ ଆସେ ଛଅଗୋଟି ଋତୁ
ତନ୍ମଧ୍ୟରୁ ଏକ ଶୀତ
ଥୁରୁଥୁରୁ ଜାଡ ଭାଙ୍ଗେ ସିନା ହାଡ଼
ଦେହକୁ କରଇ ହିତ ।

ପୌଷ, ମାଘ ଦୁଇ ମାସ ନେଇକରି
ଶୀତ ଋତୁ ହୋଇଥାଏ
ଉତ୍ତର ଦିଗରୁ ପବନ ବହଇ
ଦିନ ଛୋଟ ହୋଇଯାଏ
ଜାତି ଜାତି ଫସଲରେ କ୍ଷେତ ହସେ
ଚାଷୀ ଭାଇ ଗାଏ ଗୀତ ।

ଗରମ ପୋଷାକେ ଦେହ ଢଙ୍କାଯାଏ
ନିଆଁକୁ ଆଦର ଭାରି
ଭୋଜିଭାତ ଆଉ ପରିଭ୍ରମଣରେ
ହସଖୁସି ନରନାରୀ
ଶୀତ ଯୋଗୁଁ ନାନା ରୋଗ ଦୂରହୁଏ
ଶୀତ ସାଜିଥାଏ ମିତ ।

ଶୀତକାଳେ ସୂର୍ଯ୍ୟ ଦକ୍ଷିଣାୟନରେ
କରିଥାନ୍ତି ଅବସ୍ଥାନ
ଶୀତ ସରିଗଲେ ବସନ୍ତ ଋତୁ ଯେ
ପକାଏ ତା ଉପସ୍ଥାନ
ଶୀତେ ଥଣ୍ଡା, କାଶ,
ଜ୍ୱର ଆଦି ରୋଗ
ମନରେ ସଞ୍ଚାରେ ଭୀତ ।

♥ ନିହଲ ପ୍ରସାଦ , ଗଁଡ଼ିଆ
ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩






## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

### ଭାଗ-୪୩

- ଅଠତିରିଶ -

ଖେଳ, କାଳ । ଆମୋଦ ପ୍ରମୋଦରୁ ବିପର୍ଯ୍ୟୟ । ଖେଳକୁ ନେଇ କେତେ ଘଟଣା, ଦୁର୍ଘଟଣା, ହିଂସା, ସଂଘର୍ଷ । ସବୁ ଜାଣି ମଧ୍ୟ ମଣିଷ ବାରମ୍ବାର ଭୁଲ୍‌କରେ । ଅତୀତକୁ ଭୁଲିଯାଇ ପୁନର୍ବାର ଝାସଦିଏ ସେଇ ଦୁର୍ବାର ମୋହରେ । ଛାଡ଼ିପାରେନି ନିଜସ୍ୱ ନିଶା । ମିତ୍ର ଦୁର୍ଯ୍ୟୋଧନଙ୍କ ଅବସ୍ଥା ଠିକ୍ ସେଇଆ । ଦ୍ୟୁତକ୍ରୀଡ଼ା ପରଠାରୁ ସେ ସଂପୂର୍ଣ୍ଣ ଭାଂଗି ପଡ଼ିଥିଲେ ମଧ୍ୟ ବିଶ୍ୱସ୍ତ ମିତ୍ର ରୂପେ ମୁଁ ହିଁ ତାଙ୍କ ପାଖେପାଖେ ଥାଇ ସାନ୍ତ୍ୱନା ଦେଇଥିଲି। ବୁଝାଇବାକୁ ଚେଷ୍ଟା କରୁଥିଲି । ଯାହା ହୋଇଯାଇଛି ସେ ଭୁଲ୍ ଯେମିତି ଆଗାମୀ ଦିନରେ ନହୁଏ । କିନ୍ତୁ କୌଣସି ପରିସ୍ଥିତିରେ ସେ ବୁଝିବା ଅବସ୍ଥାରେ ନଥିଲେ । ତାଙ୍କର କେବଳ ଗୋଟିଏ ଲକ୍ଷ୍ୟ ସାମ୍ରାଜ୍ୟ ଓ ସମ୍ପଦ । ସମଗ୍ର କୁରୁରାଜ୍ୟର ଆଧିପତ୍ୟ ସେ ଚାହାଁନ୍ତି । ହସ୍ତିନାପୁର ପାଇ ମଧ୍ୟ ଇନ୍ଦ୍ରପ୍ରସ୍ଥ ପ୍ରତି ତାଙ୍କର ଦୁର୍ବାର ଆକାଂକ୍ଷା । ସେହି ଅଭିପ୍ସା ହିଁ ତାଙ୍କୁ ତିଳତିଳ କରି ଦଗ୍ଧ କରୁଥିଲା । ଖୁବ୍ ପ୍ରତିଶୋଧ ପରାୟଣ ସେ । ପ୍ରତିଶୋଧର ଦାବାଗ୍ନିରେ ତିଳତିଳ କରି ଜଳୁଥାନ୍ତି । ମୁଁ ବା ତାଙ୍କୁ କି ସାନ୍ତ୍ୱନା ଦେବି । ତଥାପି ସମବେଦନା ଦେବାକୁ ଯାଇ କହିଲି । ମିତ୍ର, ସାରାଜଗତ ତୁମ ସଂଗ ତ୍ୟାଗ କରିଲେ ମଧ୍ୟ ଏ ଭାଗ୍ୟହୀନ କର୍ଣ୍ଣ ତୁମକୁ କଦାପି ଛାଡ଼ିପାରିବ ନାହିଁ । କେବେ ନୁହେଁ.... କଦାପି ନୁହେଁ.....

ସେ ମୋତେ ଜୋର୍‌ରେ ଜାବୁଡ଼ି ଧରିଲେ । ସତେଯେମିତି ମୁଁ ହିଁ ତାଙ୍କର ରକ୍ଷାକବଚ । ମୋରି ଦୁଇବାହୁରେ ଭରାଦେଇ ସେ ଚଢ଼ିବେ ସୋପାନ ପରେ ସୋପାନ । ମିତ୍ରଙ୍କର ଏତାଦୃଶ ଆଚରଣ ଭାବିଲେ ମୁଁ ତାଙ୍କ ନିକଟରେ କୃତ୍ୟକୃତ୍ୟ ହୋଇପଡ଼େ । ଯେତେ ଯାହା ହେଲେ ମଧ୍ୟ ମୁଁ ତାଙ୍କ ନିକଟରେ ଋଣୀ । ସାରାଜଗତ ଯେଉଁଦିନ ମୋତେ ହେୟଜ୍ଞାନ କରି ଲାଞ୍ଛିତ କରିଥିଲା, ସେହିଦିନ ସେ ହିଁ କେବଳ ମୋତେ ମିତ୍ରତା ସମ୍ମାନରେ ଆଦରି ନେଇଥିଲେ । ମୋ ହୃଦୟର ଅନ୍ତର୍ବେଦନାକୁ ବୁଝି ପାରିଥିଲେ । ମୋ ଜୀବନ ଯନ୍ତ୍ରଣାର ଉଚ୍ଛ୍ୱାସକୁ ଉପଲବ୍ଧି କରି ପାରିଥିଲେ । ସେହିଦିନ ଠାରୁ ମୁଁ ମଧ୍ୟ ପ୍ରତିଜ୍ଞା କରିଥିଲି, ଏ ଦେହରେ ଟୋପିଏ ରକ୍ତ ଥିବା ପର୍ଯ୍ୟନ୍ତ ମୁଁ ହେବି ମିତ୍ରର । କେବଳ ମିତ୍ରର । ସେଇଥିପାଇଁ କେବଳ ମିତ୍ରର ଶତ ଅନ୍ୟାୟକୁ ଆଖିବୁଜି ଦେଇଛି । ମୋର ନିଜସ୍ୱ ଇଚ୍ଛା ଓ ବିବେକକୁ ବଳିଦେଇ ତାଙ୍କର ଅନ୍ୟାୟ କାର୍ଯ୍ୟକଳାପକୁ ନିରବରେ ସମର୍ଥନ କରିଆସିଛି । ଏବେ ମଧ୍ୟ କରୁଛି । ଯେତେଦିନ ବଞ୍ଚି ରହିଥିବି କରୁଥିବି ମଧ୍ୟ । ତେବେବି ଦୁର୍ଯ୍ୟୋଧନର ଏକାନ୍ତ ଶୁଭାକାଂକ୍ଷୀ ଭାବେ ତାଙ୍କୁ ଅସତ୍‌ପଥରୁ ବିରତ ହେବାପାଇଁ ଆପ୍ରାଣ ଚେଷ୍ଟା କରିଛି । ତାଙ୍କର କୃଷ୍ଣବିରୋଧୀ ମନ୍ତବ୍ୟ ସବୁକୁ ପୁନର୍ବିଚାର ପାଇଁ ପରାମର୍ଶ ଦେଇଛି । କିନ୍ତୁ ମିତ୍ର ଦୁର୍ଯ୍ୟୋଧନଙ୍କର ନିଜସ୍ୱ ସ୍ଥିତି ବୋଲି କିଛିନଥିଲା। ସେ ତ ଅନ୍ୟର ନିର୍ଦ୍ଦେଶରେ ପରିଚାଳିତ ।

ଯେକୌଣସି ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଆମେ ପ୍ରାୟ ଚାରିଜଣ ଏକତ୍ରିତ ହେଉ । ସେଦିନ ମଧ୍ୟ ମୁଁ, ମାମୁଁ, ଦୁଃଶା ଆଉ ଦୁର୍ଯ୍ୟୋଧନ ଏକତ୍ରିତ ହୋଇ ଆଲୋଚନାରେ ରତ ଥିଲୁ । ମିତ୍ରଙ୍କ ଯୁକ୍ତିଥିଲା ମହାରାଜ ଦ୍ରୌପଦୀଙ୍କୁ ବର ପ୍ରଦାନ କରି ଠିକ୍ କରିନାହାଁନ୍ତି । ମୁଁ କହିଲି ଭୁଲ୍ ହେଲା କେଉଁଠି ? ବରଂ ହସ୍ତିନାପୁରର ସମ୍ରାଟ ହିସାବରେ ପାଣ୍ଡବମାନଙ୍କୁ ସେମାନଙ୍କ ହୃତରାଜ୍ୟ ଫେରାଇଦେଇ ଗୋଟିଏ ନିଶ୍ଚିତ ଦୁର୍ଘଟଣାରୁ ରକ୍ଷା କରିଛନ୍ତି । ଭବିଷ୍ୟତରେ ଏହା କୌରବମାନଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବାରେ ସହାୟ ହେବ, ମିତ୍ର କିନ୍ତୁ ମୋ ସପକ୍ଷରେ ମତାମତ ନରଖି ଓଲଟି କହିଲେ, ଜାଣ ମିତ୍ର କର୍ଣ୍ଣ, ମୁଁ ମାମୁଙ୍କ ସହ ପରାମର୍ଶ କରିଛି । ପୁନର୍ବାର ଦ୍ୟୁତକ୍ରୀଡ଼ା ପାଇଁ ନିମନ୍ତ୍ରଣ କରିବାକୁ । ଏଥର ସର୍ତ୍ତ ରହିବ ଭିନ୍ନ ।

ପୁନଶ୍ଚ ଦ୍ୟୁତକ୍ରୀଡ଼ା ପୁଣି ଭିନ୍ନ ସର୍ତ୍ତରେ । ଏସବୁ କ'ଣ କହୁଛନ୍ତି ଦୁର୍ଯ୍ୟୋଧନ । ମୋ ମୁଣ୍ଡ ଗୋଳମାଳ ହୋଇ ଯାଉଥିଲା । ମତିଭ୍ରମ ହୋଇନି ତ ଦୁର୍ଯ୍ୟୋଧନଙ୍କର । ଗୋଟିଏ ଦ୍ୟୁତକ୍ରୀଡ଼ାର ଭୟଙ୍କର ପରିଣତିର କ୍ଷତ ନଶୁଖିବା ପର୍ଯ୍ୟନ୍ତ ପୁନଶ୍ଚ ଆଉ ଏକ ଦ୍ୟୁତକ୍ରୀଡ଼ା । ରାଗ ଆସୁଥିଲା ମାମୁଙ୍କ ଉପରେ । କିଭଳି ମାରାତ୍ମକ, ସାଂଘାତିକ ଲୋକ କେଜାଣି । ଏତେ ବିଷମୟ ପରିସ୍ଥିତିରେ ମଧ୍ୟ ପୁଣି କ୍ରୀଡ଼ା । ତାଛଡ଼ା ଯୁଧିଷ୍ଠିର ଏହାକୁ କ'ଣ ଗ୍ରହଣ କରିନେବେ ? ତାଙ୍କ ମନରୁ ଅପମାନର ଜ୍ୱାଳା ଏତେ ଶୀଘ୍ର କ'ଣ ଉପଶମ ହୋଇଯାଇଥିବ ? ଏମିତି ଅନେକ ପ୍ରଶ୍ନବାଚୀ ମଧ୍ୟରେ ମୋର ମାନସିକ ଅସ୍ଥିରତା ବଢୁଥିଲା ।

ପୁନଶ୍ଚ ଦ୍ୟୁତକ୍ରୀଡ଼ା । ଶକୁନିମାମୁଙ୍କ ପଶାଗୋଟିର କରାମତି । କୁଚକ୍ରୀ, ଖଳପ୍ରକୃତି, କପଟୀ ଯାହାର ରକ୍ତକୋଷରେ ଆଜୀବନ ଲେଖା ତାକୁ ବା କିଏ ରୋକିପାରିବ ? ଗୋଟିଏ ଜାଲ ଛିଣ୍ଡିଗଲା ପରେ ଆଉ ଏକ ଜାଲ ତିଆରିରେ ଲାଗିଯାଏ । ସେହି ଚରିତ୍ରର ଅଧିକାରୀ ଗାନ୍ଧାରରାଜ ଶକୁନି କ'ଣ କେବେ ଚୁପ୍‌ଚାପ୍ ବସି ପାରିଥାନ୍ତେ ।

ପ୍ରଥମ ଦ୍ୟୁତକ୍ରୀଡ଼ାର ମାତ୍ର ପନ୍ଦରଦିନ ଅତିକ୍ରାନ୍ତ ହେଲାପରେ ପୁନଶ୍ଚ ଦ୍ୟୁତକ୍ରୀଡ଼ାର ଆୟୋଜନ । ଯାହାର ସର୍ତ୍ତ ଥିଲା ଭିନ୍ନ । ଅର୍ଥାତ୍ ଯେଉଁ ପକ୍ଷ ହାରିବେ ସେ ପକ୍ଷ ଦ୍ୱାଦଶବର୍ଷ ବନବାସ, ଏକବର୍ଷ ଅଜ୍ଞାତବାସରେ ରହିବେ । ଅଜ୍ଞାତବାସ ସମୟରେ ଯଦି ଧରା ପଡ଼ିଯାଆନ୍ତି ତେବେ ପୁନଶ୍ଚ ଦ୍ୱାଦଶବର୍ଷ ବନବାସ ଭୋଗ କରିବାକୁ ପଡ଼ିବ । ଏହି କ୍ରମରେ ପାଣ୍ଡବମାନଙ୍କ ବନବାସ ସମୟସୀମା ବଢ଼ିବଢ଼ି ଚାଲିଥିବ ଆଉ ଦୁର୍ଯ୍ୟୋଧନଙ୍କୁ ନିଷ୍କଣ୍ଟକ ରାଜ୍ୟ ଶାସନର ସୁଯୋଗ ମିଳିଯିବ । ଶକୁନିମାମୁଙ୍କ ଧୁରନ୍ଧର କପଟୀବିଦ୍ୟା ଆଗରେ ଆମେ ସମସ୍ତେ ମଳିନ ପଡ଼ିଯାଉଥିଲୁ । ତାଙ୍କର ବିଚକ୍ଷଣ କୂଟନୀତି ଭିତରେ ପ୍ରବେଶ କରିବା ବହୁତ କଷ୍ଟକର ଥିଲା ।

ବାସ୍ତବରେ ଆଜିପର୍ଯ୍ୟନ୍ତ କୁରୁ ସାମ୍ରାଜ୍ୟରେ ଯାହାସବୁ ଘଟି ଯାଇଥିଲା ତାର ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ହେଉ, ଗାନ୍ଧାର ନରେଶ ଶକୁନିଙ୍କର ହିଁ ଯୋଜନା କାମ କରୁଥିଲା । ସମଗ୍ର ରାଜପରିବାରକୁ ସେ ହିଁ ନିୟନ୍ତ୍ରଣ କରୁଥିଲେ । ଦୁର୍ଯ୍ୟୋଧନଙ୍କ ଠାରେ ମନଜିଣା କଥା କହି ପାଣ୍ଡବମାନଙ୍କ ସହ କେବଳ ଶତ୍ରୁତା ବୃଦ୍ଧି କରୁଥିଲେ ତାହା ନୁହେଁ, ପରନ୍ତୁ ଦୁର୍ଯ୍ୟୋଧନଙ୍କୁ ସମଗ୍ର କୌରବ ସାମ୍ରାଜ୍ୟର ଏକଛତ୍ରବାଦୀ ସମ୍ରାଟ ଭାବେ ନିର୍ମିତ କରାଇଦେବାର ସ୍ୱପ୍ନ ଦେଖାଉଥିଲେ, ଆଉ ସେହି ସ୍ୱପ୍ନରେ ବିଭୋର ହୋଇ ଦୁର୍ଯ୍ୟୋଧନ ଭୁଲି ଯାଉଥିଲେ ନିଜର ସ୍ଥିତିକୁ। ତାଙ୍କପାଇଁ ମାମୁ ହିଁ ଥିଲେ ପରମ ଆତ୍ମୀୟ, ସଖା, ବନ୍ଧୁ, ଶୁଭାକାଂକ୍ଷୀ ଗୁରୁଜନ ।

ପରପର ଦୁଇ ଦୁଇଥର ଦ୍ୟୁତକ୍ରୀଡ଼ା । ଗୋଟିଏ କ୍ଷତ ନ ଶୁଖୁଣୁ ପୁନଶ୍ଚ ପୁନର୍ବାର କ୍ଷତାକ୍ତ ହେବାକୁ ପଡ଼ିଥିଲା ପାଣ୍ଡବମାନଙ୍କୁ । ଦ୍ୱିତୀୟ ଦ୍ୟୁତକ୍ରୀଡ଼ାର ପରାଜୟ ପାଣ୍ଡବମାନଙ୍କୁ ରାଜ୍ୟଛାଡ଼ି ପଠାଇ ଦେଇଛି ବନବାସ । ସ୍ଥିତପ୍ରଜ୍ଞ ଯୁଧିଷ୍ଠିର ତାଙ୍କର ଅନୁଜ ଓ ପତ୍ନୀ ଦ୍ରୌପଦୀଙ୍କୁ ନେଇ ଏବେ ଦ୍ୱୈତବନରେ କଟାଉଛନ୍ତି ବନବାସୀ ଜୀବନ । ମାତା କୁନ୍ତୀ ରହି ଯାଇଛନ୍ତି ବିଦୁର ଭବନରେ ।

ମୋ ମନରେ ଦ୍ୱନ୍ଦ୍ୱ ଜାଗୁଥାଏ । ଇନ୍ଦ୍ରପ୍ରସ୍ଥର ମହାରାଜ ଯୁଧିଷ୍ଠିର ଧାର୍ମିକ, ସତ୍ୟନିଷ୍ଠ ପୁରୁଷ । ତାଙ୍କ ଅନୁଜମାନେ ମଧ୍ୟ କେହି କୌଣସି ଗୁଣରେ କମ୍ ନୁହଁନ୍ତି । ପତ୍ନୀ ଦ୍ରୌପଦୀ ପତିବ୍ରତା ନାରୀ । ତାଙ୍କ ସଂଗରେ ପୁଣି ଅଛନ୍ତି କୃଷ୍ଣଙ୍କ ପରି ଜଣେ ଅଲୌକିକ ଶକ୍ତିଶାଳୀ ମହାପୁରୁଷ । ଏହାସତ୍ତ୍ୱେ ସେମାନେ ଜୀବନରେ ପାଇଲେ କ'ଣ ? କାଲି ଯେଉଁମାନେ ରାଜଭୋଗ କରୁଥିଲେ ଆଜି ଭୋଗୁଛନ୍ତି ବନବାସୀ ଜୀବନ ।

ମୋ ନିଜ ଆଡ଼କୁ ଦୃଷ୍ଟି ଫେରାଇଲି । ଏଇ ଟିକକ ଆଗରୁ ଭାବୁଥିଲି ପାଣ୍ଡବମାନେ ଜୀବନରେ କ'ଣ ପାଇଛନ୍ତି । ଆଉ ମୁଁ ନିଜେ କ'ଣ ପାଇଛି ଜୀବନରେ । କେବଳ ଅପମାନ, ନିନ୍ଦା, ଉପେକ୍ଷା, ଅବେହଳା ଆଉ ଘୃଣା । ଜାଣେନା ମୋର ନିଜସ୍ୱ ଦୋଷ କେଉଁଠି ? ଜନ୍ମ ତ କାହାରି ଇଚ୍ଛାଧୀନ ନୁହେଁ । ତେବେ ମୋର ଜନ୍ମ, କୁଳଗୋତ୍ରକୁ ନେଇ ମୋତେ କାହିଁକି ଏତେ ହିନସ୍ତା ହେବାକୁ ପଡୁଛି । ଏ ପ୍ରଶ୍ନ ମୋ ମନକୁ ଯେତେ ଆନ୍ଦୋଳିତ କରିଛି, ସେତିକି ବିବ୍ରତ କରିଛି ମୋ ଜୀବନକୁ । ଜଳ, ସ୍ଥଳ, ଗଗନ, ପବନକୁ ମୋ ପ୍ରଶ୍ନର ଉତ୍ତର ମାଗିଛି । କିନ୍ତୁ କେହି ବି ମୋ ମନର ଅସମାଧିତ ପ୍ରଶ୍ନର ଜବାବ ଦେଇପାରି ନାହାନ୍ତି । ଏତକ ମଧ୍ୟ ଜାଣିଛି । ମୋ ଜୀବନ କେତେଗୁଡ଼ିଏ ବିଡ଼ମ୍ବିତ ଘଟଣାର ସମାହାର । ମୋ ମନରେ ଅନେକ ଇପ୍‌ସିତ କାମନା, ଆକାଂକ୍ଷା । ମୁଁ ଚାହେଁ ଆଗକୁ ବଢ଼ିବାକୁ । ଉପରକୁ ଉଠିବାକୁ। ମୋତେ ଉର୍ଦ୍ଧ୍ୱକୁ ଉଠିବାକୁ ହେଲେ ମୁକ୍ତ ଆକାଶର ବିହଙ୍ଗସମ ଉଡ଼ିବାକୁ ପଡ଼ିବ । ଅଥଚ ମୋ ଡେଣା ଯେ ଆହତ । କେମିତି ଉଠିବି ? କେମିତି ବଢ଼ିବି ? ମୋ ଇପ୍‌ସିତ ଆକାଂକ୍ଷାର ଲକ୍ଷ୍ୟହାସଲ ନିମନ୍ତେ ସତରେ କ'ଣ କେବଳ ଛଟପଟ ହେଉଥିବି । କିଏ ଜାଣେ, କେତେକାଳ ପର୍ଯ୍ୟନ୍ତ ମୋତେ ଏମିତି ଛଟପଟ ହେବାକୁ ପଡ଼ିବ । ଏ ସବୁ ଚିନ୍ତାକରି ବିଷଣ୍ଣ ହୋଇ ଯାଉଥିଲା ମୋ ମନ । ମନେ ପଡ଼ିଯାଉଥିଲା ଗୁରୁପୁତ୍ର ଅଶ୍ୱତ୍‌ଥାମାଙ୍କ କଥା ।

ଆମମାନଙ୍କ ମଧ୍ୟରେ ଦୁର୍ଯ୍ୟୋଧନଙ୍କର ସାମ୍ରାଜ୍ୟ ଲିପ୍ସାର ଲୋଭ ଥିଲା ପ୍ରବଳ । ଆମେ ଦୁହେଁ ଯେବେ ତାଙ୍କୁ ଏଥିରୁ ନିବୃତ୍ତ ହେବାପାଇଁ ଚେଷ୍ଟା କରୁଥିଲୁ, ଆମ ଦୁହିଁଙ୍କ ଯୁକ୍ତିକୁ ଏଡ଼ାଇ ମିତ୍ର ଦୁର୍ଯ୍ୟୋଧନ ଶକୁନିମାମୁଙ୍କ ପରାମର୍ଶକୁ ବେଶି ଗୁରୁତ୍ୱ ଦେଉଥିଲେ । ସେଦିନ ସେମିତି ମୋ ମନର ବିଷଣ୍ଣତାକୁ ଦୂର କରିବାକୁ ଯାଇ ଅଶ୍ୱତ୍‌ଥାମା କହିଥିଲେ, ଦେଖ ମିତ୍ର କର୍ଣ୍ଣ, ତୁମକୁ କିଏ କ'ଣ ଆକ୍ଷେପ କରି କହୁଛି ବୋଲି ତୁମେ ସେଥିପ୍ରତି ଏତେଟା ଗୁରୁତ୍ୱ ଦେଉଛ କାହିଁକି ? ତୁମେ ସୂତପୁତ୍ର ହୁଅ କି ଯାହା ବି ହୁଅ, ତାହା ତ ତୁମ ନିୟନ୍ତ୍ରଣରେ ନାହିଁ । ତାଛଡ଼ା ପ୍ରତ୍ୟେକ ମଣିଷ ଜୀବନରେ କିଛି ନା କିଛି ସମସ୍ୟା ରହିଛି, ଦୁର୍ଘଟଣା ରହିଛି । ଆମ ସମସ୍ତଙ୍କର ଶରୀର କ୍ଷଣସ୍ଥାୟୀ । ମାତ୍ର ଶରୀର ମଧ୍ୟରେ ଥିବା ଆତ୍ମା । ସେ ତ ଅବିନଶ୍ୱର, ଆତ୍ମା ସମ୍ବନ୍ଧରେ ଜାଣିବାକୁ ହେଲେ ଆତ୍ମଜ୍ଞାନର ଆବଶ୍ୟକତା ରହିଛି, ଜୀବନ ପ୍ରତି ଶ୍ରଦ୍ଧା, ରହିବା ଆବଶ୍ୟକ । ଯିଏ ଶ୍ରଦ୍ଧାବାନ ସିଏ ଯେକୌଣସି ପରିସ୍ଥିତିରେ ମଧ୍ୟ ଶ୍ରଦ୍ଧାହୀନ ହୋଇ ନପାରନ୍ତି । ତୁମେ କହିପାର ଦୁର୍ଯ୍ୟୋଧନର କୁରୁସାମ୍ରାଜ୍ୟକୁ ଏକାକୀ ଭୋଗ କରିବାର ଅସୀମ ଶ୍ରଦ୍ଧା ରହିଛି । ମାତ୍ର ସେ ଶ୍ରଦ୍ଧା ପ୍ରକୃତ ଶ୍ରଦ୍ଧା ନୁହେଁ, ମାତ୍ରାଧିକ ଲୋଭ । ସେହି ଲୋଭ ଆଉ ସ୍ୱାର୍ଥ ହିଁ ତାଙ୍କୁ କୁପଥଗାମୀ କରାଉଛି ।



ଅଶ୍ୱତ୍‌ଥାମାଙ୍କ ଯୁକ୍ତି ଆଗରେ ମୋ ମୁଣ୍ଡ ନଇଁପଡ଼େ । ଦୁର୍ଯ୍ୟୋଧନଙ୍କ ସହ ତାକୁ ସମାନ କରିହୁଏନି । ଜଣେ ଜ୍ଞାନୀ, ପ୍ରଜ୍ଞାଶୀଳ ମଣିଷ ତ ଅନ୍ୟଜଣେ ଲୋଭୀ, ଈର୍ଷାଳୁ, ସ୍ୱାର୍ଥାନ୍ୱେଷୀ ଦୁହେଁ ମୋର ବନ୍ଧୁ । ଦୁହିଁଙ୍କ ସହ ଜଗିରଖି ଚଳୁଥିଲି । ଭାରସାମ୍ୟ ରକ୍ଷାକରି କଥା ହେଉଥିଲି । କାରଣ ସେ ଦୁହିଁଙ୍କ ମନରେ ମାନସିକ ଆଘାତ ଦେବାକୁ ମୁଁ ଚାହୁଁ ନଥିଲି ।

ସେଦିନ ଥିଲା ଚୈତ୍ରମାସର ଏକ ଅପରାହ୍ଣ। ବାହାର ଅଗଣାରେ ଆମେ ତିନିଜଣ କୌଣସି ଏକ ବିଷୟରେ ଆଲୋଚନା କରୁଥିଲୁ । ହଠାତ୍ ମିତ୍ର ଦୁର୍ଯ୍ୟୋଧନ ପ୍ରସ୍ତାବ ଦେଲେ ପାଣ୍ଡବମାନେ ଦ୍ୱୈତବନରେ କେମିତି ଦୟନୀୟ ଜୀବନ ବିତାଉଛନ୍ତି, ତାକୁ ଥରେ ଦେଖି ଆସିବାକୁ ପଡ଼ିବ। ଏଥିପାଇଁ ମହାରାଜଙ୍କ ଅନୁମତି ନେବାକୁ ପଡ଼ିବ। କୌଣସି କାରଣ ନଥାଇ ମହାରାଜ କାହିଁକି ବା ଅନୁମତି ଦେବେ ? କିଛି ଗୋଟିଏ କାମର ଆଳଦେଖାଇ ଆମକୁ ମହାରାଜଙ୍କ ଅନୁମତି ଆଣିବାକୁ ପଡ଼ିବ । ଦ୍ୱୈତବନ ନିକଟରେ ହସ୍ତିନାପୁରର ଗୋଶାଳା ରହିଛି । କଥାହେଲା ସେହି ବିଶାଳ ଗୋଶାଳାର ପରିଦର୍ଶନରେ ଆମେ ଯିବାକୁ ଚାହୁଁବୋଲି କହି ମହାରାଜଙ୍କ ଠାରୁ ଅନୁମତି ଆଣିବାକୁ ପଡ଼ିବ । ଦୁର୍ଯ୍ୟୋଧନ ନିଜେ ଏହାର ଦାୟିତ୍ୱ ନେଲେ ।

ହସ୍ତିନାପୁରର ପଶୁସମ୍ପଦର ବିକାଶ ନିମନ୍ତେ ମହାରାଜଙ୍କ ଠାରୁ ଗୋଶାଳା ପରିଦର୍ଶନ ପାଇଁ ଅନୁମତି ଆଣିବାରେ ବିଶେଷ କିଛି ଅସୁବିଧା ହେଲାନି । ଦୁର୍ଯ୍ୟୋଧନ ଏସବୁର ଆୟୋଜନରେ ଲାଗି ପଡ଼ିଲେ । ଆମ ସହ ସୈନ୍ୟମାନେ ମଧ୍ୟ ଯିବେ । ସେମାନଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟପଦାର୍ଥ ଓ ଅସ୍ତ୍ରଶସ୍ତ୍ର ମଧ୍ୟ ଯିବ । ମୁଁ କିଛି ଭାବିପାରୁ ନଥିଲି । ଗୋଶାଳା ପରିଦର୍ଶନ ପାଇଁ ଏତେସବୁ ବିରାଟ ଆୟୋଜନର ଆବଶ୍ୟକତା କ'ଣ ? ଏସବୁର ଆୟୋଜନ ପଛରେ ଦୁର୍ଯ୍ୟୋଧନଙ୍କର ଅନ୍ୟକିଛି ଉଦ୍ଦେଶ୍ୟ ଛପିରହିନି ତ ? ମୁଁ ବେଶ୍ ଅନୁମାନ କରିପାରୁଥିଲି, ଏସବୁ କେବଳ ବାହାନା ମାତ୍ର । ପ୍ରକୃତରେ ବନବାସୀ ପାଣ୍ଡବମାନଙ୍କର ଦୟନୀୟ ଅବସ୍ଥାର ପର୍ଯ୍ୟବେକ୍ଷଣ ତା ସହ କୌରବ ମାନଙ୍କର ଗର୍ବ, ଦର୍ପ, ବୈଭବର ପ୍ରଦର୍ଶନ ହିଁ ଯାତ୍ରାର ଅସଲ ଉଦ୍ଦେଶ୍ୟ । ତାଛଡ଼ା ଏତେ ସଂଖ୍ୟକ ସୈନ୍ୟସାମନ୍ତର ଆବଶ୍ୟକତା କ'ଣ ? ପାଣ୍ଡବଶକ୍ତିକୁ ପ୍ରତିରୋଧ ନା ପାଣ୍ଡବ ମାନଙ୍କର ବିନାଶ । ଦୁର୍ଯ୍ୟୋଧନଙ୍କର ଏତାଦୃଶ କାର୍ଯ୍ୟକଳାପକୁ ମୁଁ ଅନ୍ତର ସହ ସମର୍ଥନ କରିପାରୁ ନଥିଲି । ତଥାପି ନିରବ ରହିବାକୁ ବାଧ ହେଉଥିଲି। ଭାବୁଥିଲି, ସହଜେ ତ ପାଣ୍ଡବମାନେ ମାନସିକ ଆଘାତରେ ଜର୍ଜରିତ । ତାପରେ ସେମାନଙ୍କର ଦୁଃଖ, ଯନ୍ତ୍ରଣାର ମାତ୍ରା କେତେ ଅଧିକ, ତାକୁ ସ୍ୱଚକ୍ଷୁରେ ଦେଖିବା ଅସୁସ୍ଥ ମାନସିକତା ବ୍ୟତୀତ ଆଉ କ'ଣ ହୋଇପାରେ।

ଦୁର୍ଯ୍ୟୋଧନଙ୍କ ମାନସିକତା ମୋ ନିକଟରେ ଅଗୋଚର ନଥିଲା । ଯଦି ପ୍ରକୃତରେ ଦୁର୍ଯ୍ୟୋଧନଙ୍କ ମନ୍ଦ ଉଦ୍ଦେଶ୍ୟ ଥାଏ । ନିରସ୍ତ୍ର ପାଣ୍ଡବ ମାନଙ୍କର ଦୁର୍ବଳତାର ସୁଯୋଗ ନେଇ ସେମାନଙ୍କ ଉପରେ ଆକ୍ରମଣ କରାଯାଏ । ତେବେ ମୋତେ ମଧ୍ୟ ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶରେ ଅସ୍ତ୍ର ଧରିବାକୁ ପଡ଼ିବ । କାରଣ, ମୁଁ ତ ନିଜେ ଦୁର୍ଯ୍ୟୋଧନଙ୍କ ଠାରେ ବିକ୍ରି ହୋଇସାରିଛି । ତେବେବି ମୋ ଭିତରେ ପ୍ରତିବାଦର ସ୍ୱର ତୀବ୍ର ହୋଇ ଉଠୁଥିଲା । ଜାଣିଶୁଣି ଦୁର୍ବଳ ଉପରେ ଆକ୍ରମଣ ରାଜଧର୍ମର ବିରୋଧୀ, ବୀରତ୍ୱର ଅବମାନନା । ମୁଁ ସାମ୍ରାଜ୍ୟ ପିପାସୁ ନୁହେଁ । ମୋର ଲକ୍ଷ୍ୟ କେବଳ ବୀରପରି ବଞ୍ଚିରହିବା । ମିତ୍ର ଦୁର୍ଯ୍ୟୋଧନ ପାଇଁ ମୋତେ ବାରମ୍ବାର ଅନ୍ୟାୟ, ପାପର ଭାଗୀଦାର ହେବାକୁ ପଡୁଛି । କାହାକୁ କହିବି ମୋର ଏ ଅନ୍ତର୍ଦ୍ୱନ୍ଦ୍ୱକୁ ।

ମୋର ପୂର୍ବ ଅନୁମାନ ମିଥ୍ୟା ନଥିଲା । ଆମେ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚିବାପରେ କୁରୁରାଜ୍ୟର ଯେଉଁଠି ଗୋସମ୍ପଦ ଥିଲା, ସେହିଠାରେ ହିଁ ଶିବିର ପକାଇଲୁ । ରାତିଟା ଶିବିରରେ ବିଶ୍ରାମ ନେଇ ପରଦିନ ସକାଳବେଳା ଦୁର୍ଯ୍ୟୋଧନ ବିଧିରକ୍ଷା କରି ଗୋଗଣନା କାର୍ଯ୍ୟଟି ସାରିଦେଲେ । ତାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବା କଥା । ଦୁର୍ଯ୍ୟୋଧନ ଚାହିଁଲେ ଦ୍ୱୈତ ସରୋବରରେ ଜଳକ୍ରୀଡ଼ା କରିବେ । ସତରେ ଯେମିତି ଦ୍ୱୈତବନ ଗୋଟାପଣେ ତାଙ୍କର । ଆମ ପୂର୍ବରୁ ଗାର୍ନ୍ଧବରାଜ ଚିତ୍ରସେନ ଦ୍ୱୈତ ସରୋବରରେ ଜଳକ୍ରୀଡ଼ା କରୁଥିଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଆଜିର କବିତା

### ବରଷ...

**ସ୍ନିଗ୍ଧା ସାମନ୍ତରାୟ**



କେଉଁ ଅଭିଳାଷ ପୂର୍ଣ୍ଣ କରି ଦେବ
କିଛି ନାହିଁ ତୁମ ପାଶେ
କାଳର କବଳେ ତୁମେ ବନ୍ଧା ଥାଅ
ବର୍ଷର ଶେଷ ପରଶେ ।

ଜୀବନ ଗଣିତ ହେବ କି ସରଳ
ତୁମ ହସର ହରଷେ
କାହିଁକି ସ୍ୱାଗତ ବନ୍ଦାପନା ହୁଏ
ନବ ଚେତନାର ଆଶେ ।

କର୍ତ୍ତବ୍ୟ ଖଳାରେ ଭାରିତ ସଜାଗ
ଯୋଗୀର ଜୀବନୀ ପରି
ମସିହା ନାମରେ ପରିଚିତ ତୁମେ
କେବେ ସ୍ମୃତିର ଡାଏରି ।

ନବ ବସ୍ତ୍ର ପିନ୍ଧି ଅତିଥି ରୂପରେ
ଆସିଥାଅ ଶାନ୍ତଚିତ୍ତେ
କଳଙ୍କ ସହିତ ବିଜୟର ବାର୍ତ୍ତା
ଶୁଣି ଚାଲିଯାଅ ସତେ ।

କାଳର ପିଠିରେ ବସିଥାଅ ତୁମେ
ସମର୍ପିତ ଭାବ ନେଇ
ଜନ୍ମ ମୃତ୍ୟୁ, ଦଣ୍ଡ ବିଧାନ ସବୁତ
ତୁମ ବକ୍ଷେ ଶୋଭା ପାଇ ।

ଦାନ ଦେବା ପଣେ ବରଷର ନାମେ
ନବ ଉଦ୍ଦୀପନା ନେଇ
ତଥାପି ଭରସା ମାନ୍ତ୍ୱ ମନରେ
ଦୀର୍ଘ କାମନାରେ ଥାଇ ।

ସତ୍ୟ ସବାରୀରେ ଓହ୍ଲାଇ ଆସତ
ଆପଣାର ଭାବ ନେଇ
ଦିନ ମାସ ଦଣ୍ଡ ପ୍ରବେଶ ପ୍ରସ୍ଥାନ
ସଂଖ୍ୟାର ବୃଦ୍ଧିଟି ପାଇ।


+ଚୁନଭାଟି, ଗୋପଳ ଗାଁ, ବାଲେଶ୍ୱର


### ଯାଚନା...

**ରତ୍ନକାନ୍ତି ମିଶ୍ର**



ନୂଆବର୍ଷ...!!!
ଦେବ ଯଦି ଦିଅ
କ୍ଷେତକୁ, ଫସଲକୁ ପାଣି
ଭୋକିଲା ପେଟକୁ ଦାନା
ହେମାଳ ପାପୁଲିକୁ ବଢେଇ ଦିଅ
ପଟେ ଉଷୁମ ହାତ
ଭାଙ୍ଗି ପଡୁଥିବା ହୃଦୟ ପାଇଁ
ଧାରେ ଆଶ୍ୱାସନା
ଏତିକି ଯଥେଷ୍ଟ ହେବ
କଷଣ ଢାଙ୍କିବାକୁ ଏଇ ଧରିତ୍ରୀର...!!

ଅନାହୂତ ଦୁର୍ଦ୍ଦିନକୁ
ଦୃଶ୍ୟ ହେଉ ନଥିବା ଅଭାବବୋଧକୁ
କଳି ହେଉନଥିବା ଦୁଃଖକୁ
ଝୁରୁ ନଥିବା କୋହଭରା କଣ୍ଠକୁ
ପାରୁଛ ତ ଦିଅ
ଭରସାର ଶବ୍ଦ କିଛି ଦିଅ,
ମହାର୍ଘ ଯାତ୍ରାଟିଏ ପାଇଁ
ବଞ୍ଚିତ ପୃଥିବୀକୁ ଯାଚି ଦିଅ
ସାହାଯ୍ୟ, ସଦିଚ୍ଛା, ଅନୁକମ୍ପା...!

ସବୁ ଅନ୍ତର ଛୁଇଁଲା ଭଳି
ଆତ୍ମୀୟତାର ଭାଷା କିଛି କୁହ
ଭରିଦିଅ ସବୁ ହୃଦୟରେ
ମଣିଷପଣିଆ, ନିଃସ୍ୱାର୍ଥପର ସେବା
ଦିଅ ସବୁ ଅନ୍ତର ପାଇଁ ନିଃସର୍ତ୍ତ ପ୍ରେମ



ଛନ୍ଦ କପଟ ରହିତ ନିରୋଳା ପ୍ରତିଶ୍ରୁତି
ପାରୁଛ ତ ବାଣ୍ଟି ଦିଅ ଧରଣୀ ବୁକୁରେ
ସୌହାର୍ଦ୍ଦ୍ୟ, ଶାନ୍ତି, ଆଉ ମୈତ୍ରୀ...!!!


+ଆଳି, କେନ୍ଦ୍ରାପଡା


## ମନ ଗୋଟେ ବେଲଗାମ ଘୋଡା

**ଶ୍ୱେତା ରାଉତ୍**

## ସମ୍ପର୍କର ରାଙ୍ଗ



ଯେତେବେଳେ ଆମେ ଆମ ମନକୁ ଗୋଲାମ (ନିୟନ୍ତ୍ରଣ) କରି ରଖିପାରନ୍ତିନି, ସେତେବେଳେ 'ମନ' ଆମକୁ ତାର ଗୋଲାମ ବନେଇଦିଏ। ମନ ଗୋଟିଏ ବେଲଗାମ ଘୋଡ଼ା, ସେ ସବୁବେଳେ ଯେଣେ ଇଚ୍ଛା ଦୌଡୁଥାଏ। ସେ ଚିନ୍ତା କରି ପାରେନି କ'ଣ ଭଲ, କ'ଣ ଖରାପ ! କୋଉଠି ଉଚ୍ଚ, କୋଉଠି ଖାଲ। ମନ ସବୁବେଳେ ଗୁଡ଼ାଏ ଆଶା, ଆକାଂକ୍ଷାକୁ ଜନ୍ମଦିଏ ଏବଂ ପୂରଣ ନହେଲେ ହତୋତ୍ସାହ ହୋଇପଡେ। ଯଦି ମନ ଆମ ନିୟନ୍ତ୍ରଣରେ ନରୁହେ ତେବେ ତା'ର ଆକାଂକ୍ଷା ପୂରଣ ନହେଲେ ସେ କଳେ ବଳେ କୌଶଳେ ପ୍ରାପ୍ତ କରିବାକୁ ବିଭିନ୍ନ ବାଟ ଆପଣେଇ ଥାଏ। କେତେବେଳେ ମନର ଆକାଂକ୍ଷା ପୂରଣ ନିଶାରେ ଆମେ ନିଜର କ୍ଷତି କରିଦେଇଥାନ୍ତି ତ କେତେବେଳେ ସମ୍ପର୍କ ଭିତରେ ତିକ୍ତତା ଭରିଯାଇଥାଏ ଆମେ ଜାଣି ପାରନ୍ତିନି। କାହିଁକି ଆମେ ସବୁବେଳେ ମନର ଗୋଲାମ ହୋଇ, ମନକୁ ଖୁସି କରିବା ପାଇଁ ତା ଅନୁସାରେ କାମ କରି ସମସ୍ତଙ୍କ ନିକଟରେ ଖରାପ ହୋଇଥାନ୍ତି ! ମନକୁ କାହିଁକି ଆମ ଇଚ୍ଛା ଅନୁସାରେ ନିୟନ୍ତ୍ରଣ କରି ମନର ମାଲିକ ହୋଇପାରନ୍ତିନି ?

ମନ ସବୁବେଳେ ନକାରାତ୍ମକ ଉର୍ଜାକୁ ଶୀଘ୍ର ଗ୍ରହଣ କରିଥାଏ। ପଡ଼ୋଶୀରେ କହି ସୁନ୍ଦର ବଡ଼ ଘରଟିଏ କରିଦେଲେ, ମନ କହେ ମୋର ଏମିତି ଘର ଦରକାର କିନ୍ତୁ ସାଧନ ନଥାଏ, କେହି ଭଲ ଗାଡ଼ିଟିଏ କିଣି ଦେଲେ, ମନ କହେ ମୋର ବି ଗାଡ଼ି ଦରକାର କିନ୍ତୁ ରୋଜଗାର କମଥାଏ, କେହି ବିଶ୍ୱ ଭ୍ରମଣରେ ବୁଲିବାକୁ ବାହାରିଲେ ମନ କହେ ମୁଁ ବି ଫ୍ଲାଇଟରେ ବିଶ୍ୱଭ୍ରମଣ କରିବା ଉଚିତ୍ କିନ୍ତୁ ଅର୍ଥ ସଂକଟ କରାଇଦିଏନି। କେହି ମାଂସ ପଲଉ ଖାଇଲେ, ମନ କହେ ମୁଁ ବି ମାଂସ ପଲଉ ଖାଇବି କିନ୍ତୁ ସ୍ୱାସ୍ଥ୍ୟ ସପକ୍ଷ ଦିଏନ,କେହି କେହି ମଦ ପିଇବାର ଦେଖିଲେ, ମନ କୁହେ ସମସ୍ତେ ପିଉଛନ୍ତି ମୁଁ ପିଇଲେ ଅସୁବିଧା କ'ଣ! ମୁଁ ବି ଟିକେ ମଦ ପିଇବି କିନ୍ତୁ ସ୍ତ୍ରୀ, ପରିବାର ସହିତ ଯୁଦ୍ଧ ଆରମ୍ଭ ହୋଇଯାଏ।

କିନ୍ତୁ ଆପଣମାନେ ଦେଖିଥିବେ ଜଣେ ଭଲପାଠ ପଢୁଛି, ଭଲ ଗୁଣରେ ଅଛି, ଭଲ ବ୍ୟବହାର କରୁଛି, ସେତେବେଳେ ମନ କେବେ କୁହେନାହିଁ ମୁଁ ବି ସେ ପିଲା ଭଳି ବା ବ୍ୟକ୍ତି ଭଳି ଉତ୍ତମ ସ୍ୱଭାବର ହେବି, ବରଂ ସେ ବ୍ୟକ୍ତିକୁ ଦେଖି ମନରେ ଈର୍ଷା ଜନ୍ମନିଏ, ତାଚ୍ଛଲ୍ୟ କରି ତା'ର ଦୁର୍ଗୁଣ ଖୋଜିବାକୁ ଚେଷ୍ଟାକରେ, ସବୁବେଳେ ମନ ଭିତରେ ତାର ଅଶୁଭ ଚିନ୍ତା କରେ, ସବୁଆଡେ ନିନ୍ଦା କରି ତାକୁ ଦୁର୍ବଳ କରିବାକୁ ଇଛା କରେ। ଏସବୁ ଆମେ ଜାଣନ୍ତି, ବୁଝନ୍ତି କିନ୍ତୁ କେବେ ଚେଷ୍ଟା କରନ୍ତିନି ଆମ ମନକୁ ନିୟନ୍ତ୍ରଣ କରିବାକୁ। ତା'ର ମନମାନି କରିବାକୁ ରୋକି ପରାନ୍ତିନି ବା ରୋକିବାକୁ ଚେଷ୍ଟା କରନ୍ତିନି। ବରଂ ଆମେ କଳୁଷିତ ମନର ଗୋଲାମ ହୋଇ ସମ୍ପର୍କର ମାଦକତାକୁ ମାରିଦିଅନ୍ତି।

ଯେତେବେଳ ପର୍ଯ୍ୟନ୍ତ ଆମେ ନିଜକୁ ପବିତ୍ର ଆତ୍ମା ଓ ଆମ ମନର ମାଲିକ ବୋଲି ଭାବିନାହାନ୍ତି, ଯେପର୍ଯ୍ୟନ୍ତ ଆମ ମନକୁ ଶାସନ କରି ନିୟନ୍ତ୍ରଣରେ ରଖିନାହାନ୍ତି, ଆମେ ସେପର୍ଯ୍ୟନ୍ତ କେବଳ ଈର୍ଷା, ଦ୍ୱେଷ, ନିନ୍ଦା, ଘୃଣା, ଅସହିଷ୍ଣୁତା ଭଳି ନକାରାତ୍ମକ ଉର୍ଯାରେ ଭରପୁର ବେଲଗାମ ମନର ଘୋଡ଼ା ପରି ଏଣେତେଣେ ଧାଉଁଥିବା। ଆମେ ଚାରିପାଖରେ ଥିବା ସୁନ୍ଦର ସୃଷ୍ଟି କେତେବେଳେ ଅଣଦେଖା ହୋଇଯାଇଥିବ, ସୁନ୍ଦର ସମ୍ପର୍କ ଭାଙ୍ଗିଯାଇଥିବ, ସୁନ୍ଦର ଜୀବନ ନଷ୍ଟ ହୋଇ ଯାଇଥିବ ଜଣିପରିବାନି। ପଶ୍ଚାତାପ ବି ଜୀବନର ମାଧୂର୍ଯ୍ୟ ଫେରାଇ ପାରିବନି। ତେଣୁ ଚାଲନ୍ତୁ ମାନଘୋଡ଼ାର ଲଗାମ ଆମ ହାତରେ ରଖିବା। ମନ ତା ଇଚ୍ଛାରେ ଆମକୁ ନୁହେଁ, ଆମେ ଆମ ଇଚ୍ଛାରେ ତାକୁ ଚଲେଇବା। ଆତ୍ମାର ଯାତ୍ରା ସିନା ଅନ୍ତ ନାହିଁ, କିନ୍ତୁ ଆମ ଜୀବନର ଯାତ୍ରା ଖୁବ୍ କମ୍, ଜଣାନାହିଁ କେତେବେଳେ ଆମ ରାସ୍ତା ସରିଯିବ ଅନ୍ତତଃ ସେତିକି ରାସ୍ତା ସମସ୍ତଙ୍କୁ ଆନନ୍ଦ ଦେଇ, ସୁନ୍ଦର ସ୍ମୃତି ଦେଇ ଯିବାକୁ ଚେଷ୍ଟା କରିବା।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଜୟପୁର ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମାନବାଧିକାର କମିଶନଙ୍କୁ ଭେଟିଲା ବିଜେପି ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୫/୧ (ନି.ପ୍ର): ଘଟଣା ଘଟିବାର ୧୨ ଦିନ ବିତିଯାଇଥିଲେ ମଧ୍ୟ କୋରାପୁଟ ଜିଲ୍ଲା ଜୟପୁର ବ୍ରାହ୍ମଣୀ ଗାଁରେ ଘଟିଥିବା ଅତ୍ୟନ୍ତ ଲଜ୍ଜାଜନକ ଗଣଦୁଷ୍କର୍ମ ଘଟଣାର ପୋଲିସର ହାତ ଖାଲି ରହିଛି ଏବଂ ଅଭିଯୁକ୍ତମାନେ ନିର୍ଭୟରେ ବାହାରେ ବୁଲୁଛନ୍ତି । ଶାସକ ବିଜେଡିର ଛତ୍ରଛାୟାରେ ଅଭିଯୁକ୍ତମାନେ ଥିବା କାରଣରୁ ପୋଲିସ ଓ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଜୟପୁର ପୀଡିତା ମହିଳାଙ୍କୁ ନ୍ୟାୟ ମିଳୁ ଏବଂ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଦାବୀରେ ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଦାବୀ ଜଣାଇଛନ୍ତି । ରାଜ୍ୟରେ ପ୍ରତିଦିନ ୪ ଦୁଷ୍କର୍ମ ଓ ୬ ଅପହାରଣ ଘଟଣା ଘଟୁଛି । ରାଜ୍ୟରେ ୧,୩୫,୩୧୩ ମହିଳା ବିରୋଧୀ ହିଂସା ମାମଲା ବିଚାରାଧିନ ସ୍ଥିତିରେ ରହିଥିବା ବେଳେ କେବଳ ୯.୨୦ ପ୍ରତିଶତ ମାମଲାର ସମାଧାନ ହୋଇପାରିଛି। ୨୦୧୯-୨୦ ବର୍ଷରେ ମହିଳା ହିଂସା ୯.୯୫ ପ୍ରତିଶତ ବୃଦ୍ଧି ପାଇଛି । ଏନସିଆରବି ରିପୋର୍ଟ ଅନୁଯାୟୀ ପ୍ରତି ଲକ୍ଷେ ମହିଳା ଜନସଂଖ୍ୟାରେ ୧୧୨.୯ଟି ମହିଳା ହିଂସା ମାମଲା ରହିଛି । ରାଜ୍ୟ ସରକାରଙ୍କ 'ମା କୁ ସମ୍ମାନ'ର ନାରା କେବଳ ସ୍ଲୋଗାନରେ ସୀମିତ ରହିଛି । ପିଡୀତାକୁ ନ୍ୟାୟ ଓ ଅପରାଧୀଙ୍କୁ ଗିରଫ କରିବା ପାଇଁ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରତିନିଧି ଦଳ ଦାବୀ କରିଛି । ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦିକା ଡ.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଦଶମତୀ ଛତର, ରାଜ୍ୟ ସଂପାଦିକା ରଶ୍ମୀରେଖା ଦାଶ, ଇତିଶ୍ରୀ ଜେନା, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମୀମୟୀ ପଟ୍ଟନାୟକଙ୍କ ସମେତ ବହୁ ମହିଳା ନେତ୍ରୀମାନେ ସାମିଲ ଥିଲେ ।କମିଶନ ଏହି ଘଟଣାରେ ହସ୍ତକ୍ଷେପ କରିବା ସହିତ ଯଥାଶୀଘ୍ର ବିହୀତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୃତି ଦେଇଛନ୍ତି ବୋଲି ଡ.ବିଶ୍ୱାଳ କହିଛନ୍ତି ।

# ଭୁବନେଶ୍ୱର ଟାଉନ୍ ପ୍ଲାନିଂ ଅଂଚଳରେ ଭିତ୍ତିଭୂମି ବିକାଶ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫/୧ (ନି.ପ୍ର): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବି.ଡି.ଏ)ର ବିଭିନ୍ନ ଅଂଚଳରେ ଟାଉନ୍ ପ୍ଲାନିଂ ସ୍କିମ୍ ଲୋକପ୍ରିୟ ହୋଇଛି । ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ବି.ଡି.ଏର ଉପାଧ୍ୟକ୍ଷ ସଂଜୟ କୁମାର ସିଂ ଟାଉନ୍ ପ୍ଲାନିଂ ସ୍କିମ୍ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ପ୍ରଶାସନିକ ଏବଂ ଆର୍ଥିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ସ୍କିମ୍ ର ଅଗ୍ରଗତି ସମୀକ୍ଷାକରି ପ୍ରତି ଟାଉନ୍ ପ୍ଲାନିଂ ଅଂଚଳରେ ଗମନାଗମନ, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ନିମନ୍ତେ ଉତମ ଭିତିଭୂମି ନିଷ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗ ଓ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ସ୍କିମ୍ ଅଂଚଳରେ ମୁଖ୍ୟ ରାସ୍ତା ଗୁଡ଼ିକୁ ପୂର୍ତ୍ତ ବିଭାଗ ଏବଂ ଭିତର ରାସ୍ତାଗୁଡ଼ିକୁ ବି.ଡି.ଏ ନିର୍ମାଣ କରିବେ ବୋଲି ବୈଠକରେ ସ୍ଥିର ହୋଇଥିଲା । ଜଳ ଯୋଗାଣ ଏବଂ ନର୍ଦ୍ଦମା ପରିଚାଳନା ନିମନ୍ତେ ଦୂରଦର୍ଶୀ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ୱାଟକୋଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସ୍କିମ୍ ଅଂଚଳ ମାନଙ୍କରେ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିମନ୍ତେ ସବିଶେଷ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ଶ୍ରୀ ମହାପାତ୍ର ଟାଟା ପାୱାର କେନ୍ଦ୍ରୀୟ ବିତରଣ କଂପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟ ସମୟାନୁବନ୍ଧିତ ଭାବେ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ବି.ଡି.ଏ ଉପାଧ୍ୟକ୍ଷ କହିଥିଲେ ଯେ ଭୁବନେଶ୍ୱର ଦୃତବର୍ଦ୍ଧିଷ୍ଣୁ ସ୍ଥିତି ଦୃଷ୍ଟିରୁ ବି.ଡି.ଏଦ୍ୱାରା ୪୫ ଟି ଟାଉନ୍ ପ୍ଲାନିଂ ସ୍କିମ୍ କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ୪ ଟି ସ୍କିମ୍ ଆରମ୍ଭ କରାଯାଇଛି ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି। ଅନ୍ୟ ୯ ଟି ସ୍କିମ୍ ର ପ୍ରାରମ୍ଭିକ ପ୍ରସ୍ତୁତି କାମ ମଧ୍ୟ ତ୍ୱରାନ୍ୱିତ ହୋଇଛି । ସ୍କିମ୍ ନମ୍ବର- ୧,୨,୩, ଏବଂ ୪ ରେ କ୍ଷେତ୍ରସ୍ତରୀୟ ସର୍ଭେ, ଜମି ଏକତ୍ରୀକରଣ, ସଂଶୋଧିତ ଜମି ପଟ୍ଟା ପ୍ରସ୍ତୁତି ଏବଂ ବଂଟନ କାର୍ଯ୍ୟ ଚାଲିଛି । ଆସନ୍ତା ୧ ରୁ ୨ ମାସ ମଧ୍ୟରେ ସମସ୍ତ ସଂଶୋଧିତ ପଟ୍ଟା ଯୋଗାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଟଉନ୍ ପ୍ଲାନିଂ ସ୍କିମ୍-୧ ସହଜପୁର, ନାରୋଗଦା, ସିଜୁପୁଟ ଏବଂ ପାଇକରାପୁର ମୌଜାରେ କରାଯାଉଛି। ସେହିପରି ସ୍କିମ୍-୨ ତମାଣ୍ଡୋ ଏବଂ ବିଜିପୁର ମୌଜା; ସ୍କିମ୍-୩ ନୂଆଗାଁ ଓ ପାଇକରାପୁର; ଏବଂ, ସ୍କିମ୍-୪ ଶ୍ୟାମସୁନ୍ଦରପୁର ମୌଜାରେ କରାଯାଉଛି । ଏହି ୪ଟି ସ୍କିମ୍ ସମୁଦାୟ ୧୬୦୦ ଏକର ଜମି ଉପରେ କରାଯାଉଛି । ଏସବୁରେ ପ୍ରାୟ ୧.୫୦ ଲକ୍ଷରୁ ଅଧିକ ଲୋକ ବସବାସ କରିପାରିବେ । ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ୪ଟି ସ୍କିମ୍ ର ବିକାଶ ପାଇଁ ପ୍ରାୟ ୭୪୯ କୋଟି ଟଙ୍କାର ବିନିଯୋଗ କରାଯିବ । ମୌଳିକ ଭିତିଭୂମି ସୃଷ୍ଟିକରାଯିବା ପରେ ଏହି ସ୍କିମ୍ ଗୁଡ଼ିକ ନିଜେ ନିଜ ପାଇଁ ରାଜସ୍ୱ ସୃଷ୍ଟି କରିବା ନିମନ୍ତେ ସମର୍ଥ ହେବେ ବୋଲି ଉପାଧ୍ୟକ୍ଷ ଶ୍ରୀ ସିଂ ଜଣାଇଥିଲେ । ନଗର ଏବଂ ଗୃହ ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ପଂଚାୟତି ରାଜ ଏବଂ ପାନୀୟ ଜଳଯୋଗାଣ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ବି.ଡି.ଏ ର ଯୋଜନା ସଦସ୍ୟ ଗୌରୀଶଙ୍କର ଭୂୟାଁଙ୍କ ସମେତ ସଂପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଢିଙ୍କିଆବାସୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟିଲେ

ଭୁବନେଶ୍ୱର,୫/୧ (ନି.ପ୍ର): ଜଗତ୍‌ସିଂହପୁର ଜିଲ୍ଲାର ଢିଙ୍କିଆ ଅଂଚଳରେ ଜିନ୍ଦଲ କମ୍ପାନୀର ସ୍ୱାର୍ଥ ପାଇଁ ପୁଲିସ୍ ଅତ୍ୟାଚାର ସୀମାଲଂଘନ କରିଛି । ସମଗ୍ର ଗ୍ରାମକୁ ଘେରାବନ୍ଦୀ କରି ପୁଲିସ୍ ଛାଉଣୀ ଲୋକଙ୍କ ଉପରେ ଆକ୍ରମଣ କରି ବଳପ୍ରୟୋଗ ଜରିଆରେ ପାନ ବରଜ ଦଖଲ, ରାତିଅଧିଆ ଗିରଫଦାରୀ, ଲୋକଙ୍କ ସ୍ୱାଭାବିକ ଯାତାୟତ ବନ୍ଦ ଇତ୍ୟାଦି ଘଟଣା ଘଟିଚାଲିଛି । ମହିଳା, ବୃଦ୍ଧା, ବୃଦ୍ଧ କେହି ଏହି ଆକ୍ରମଣରୁ ବାଦ ପଡୁନାହାନ୍ତି । ଲୋକଙ୍କର ଗଣତାନ୍ତ୍ରିକ, ସାମ୍ବିଧାନିକ ଏବଂ ମାନବିକ ଅଧିକାର ଭୂଲୁଣ୍ଠିତ । ମିଥ୍ୟା ମୋକଦ୍ଦମା ଦାଏର କରି ମାନସିକ ନିର୍ଯ୍ୟାତନା ଦିଆଯାଉଛି । ଏହି ଅମାନବୀୟ ଘଟଣାର ପ୍ରତିବାଦ କରି ସଂଯୁକ୍ତ କିଷାନ ମୋର୍ଚ୍ଚା, ଓଡ଼ିଶା ଶାଖା ତରଫରୁ ଏକ ଚାରିଜଣିଆ ପ୍ରତିନିଧି ଦଳ ରାଜଭବନ ଯାଇ ସ୍ମାରକପତ୍ର ଦେଇଛନ୍ତି । ରାଜ୍ୟପାଳଙ୍କ ସହିତ ଏହି ଗମ୍ଭୀର ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଲୋକଙ୍କର ଜୀବନ, ଜୀବିକା, ଭିଟାମାଟି ଏବଂ ମାନବିକ ଅଧିକାରର ସୁରକ୍ଷା ପାଇଁ ମାନ୍ୟବର ରାଜ୍ୟପାଳ ହସ୍ତକ୍ଷେପ କରିବା ପାଇଁ ଦାବି କରଯାଇଛି । ଲୋକଙ୍କର ବିରୋଧ ସାଙ୍ଗକୁ ନିରନ୍ତର କୃଷି ଅର୍ଥନୀତିକୁ ସର୍ବନାଶ କରି କର୍ପୋରେଟ୍‌ର ଲାଭ ଏବଂ ଲୋଭ ପାଇଁ ହୋଇଥିବା ଯୋଜନାରୁ ସରକାର ଓହରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଦାବି କରିଛି । ସରକାର ଲୋକଙ୍କ ସହିତ ଆଲୋଚନା କରିବା ପାଇଁ ନିବେଦନ କରାଯାଇଛି । ନିଜ ଦେଶ, ନିଜ ରାଜ୍ୟର ସାଧାରଣ ନାଗରିକମାନଙ୍କ ଉପରେ ପୁଲିସ ଅତ୍ୟାଚାର ବନ୍ଦ କରି ପୁଲିସ ବଳକୁ ସ୍ଥାନୀୟ ଅଂଚଳରୁ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ୨୯୦୦ ଏକର ଜମିକୁ ଲୋକଙ୍କୁ ଫେରାଇଦେବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପ୍ରଦାନ କରିଥିବା ସ୍ମାରକପତ୍ରରେ ପ୍ରକାଶ କରିଛି । ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଆସନ୍ତା ୬ ଜାନୁଆରୀରେ ଢିଙ୍କିଆ ଅଂଚଳ ଗସ୍ତକରି ଆନ୍ଦୋଳନକାରୀ ଜନତା, ଜିଲ୍ଲାପାଳ ଏବଂ ଜିଲ୍ଲାର ଏସ୍.ପି.ଙ୍କୁ ଭେଟିବ ବୋଲି କୁହାଯାଇଛି । ଆଜିକାର ଏହି ପ୍ରତିନିଧି ଦଳରେ ସର୍ବଶ୍ରୀ ସୁରେଶ ପାଣିଗ୍ରାହୀ, ଶଶୀଭୂଷଣ ସ୍ୱାଇଁ, ପ୍ରଫୁଲ୍ଲ ସାମନ୍ତରା, ମହେନ୍ଦ୍ର ପରିଡ଼ା ପ୍ରମୁଖ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ସହିତ ନରେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ସନ୍ତୋଷ ରଥ ପ୍ରମୁଖ ରାଜଭବନ ଯାଇଥିଲେ । ରାଜ୍ୟ ସରକାର ଶାନ୍ତିପୂର୍ଣ୍ଣ ଜନ ଆନ୍ଦୋଳନ ଉପରେ ଦମନ ଜାରି ରଖିଲେ ପ୍ରତିବାଦ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଘୋଷଣା କରାଯାଇଛି ।

## ମିଶିନାରିଜ୍ ଅଫ୍ ଚାରିଟି ପରିଚାଳିତ ୧୩ଟି ଅନୁଷ୍ଠାନ ପାଇଁ ୭୮.୭୬ ଲକ୍ଷ ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫/୧ (ନି.ପ୍ର): ମିଶନାରିଜ ଅଫ୍ ଚାରିଟି ଦ୍ୱାରା ଚାଲିଥିବା ରାଜ୍ୟର ୧୩ଟି ଅନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୮ ଲକ୍ଷ ୭୬ ହଜାର ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ପ୍ରତିଷ୍ଠାନ ଗୁଡିକରେ ଥିବା କୌଣସି ଅନ୍ତେବାସୀ ଯେପରି ଖାଦ୍ୟ ନିରପତା ଓ ସ୍ୱାସ୍ଥ୍ୟ ସେବାରୁ ବଂଚିତ ନ ହେବେ ସେଥି ପାଇଁ ଗୁରୁତ୍ୱ ଦେବାକୁ ଗତ ୩୦ ତାରିଖରେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଜିଲ୍ଲାପାଳଙ୍କ ଅନୁରୋଧକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ୮ଟି ଜିଲ୍ଲାରେ ଥିବା ମିଶନାରିଜ ଅଫ୍ ଚାରିଟିର ୧୩ଟି ପ୍ରତିଷ୍ଠାନ ପାଇଁ ଏହି ଅର୍ଥ ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ବିଭିନ୍ନ କୁଷ୍ଠାଶ୍ରମ ଓ ଅନାଥାଶ୍ରମରେ ରହୁଥିବା ୯୦୦ରୁ ଅଧିକ ଅନ୍ତେବାସୀ ଉପକୃତ ହେବେ ।

# ହିନ୍ଦୁତ୍ୱ ପ୍ରସଙ୍ଗ ନେଇ ନିର୍ବାଚନ ଲଢ଼ିବ ଅଖିଳ ଭାରତ ହିନ୍ଦୁ ମହାସଭା

ଭୁବନେଶ୍ୱର,୫/୧ (ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନରେ ହିନ୍ଦୁ ମହାସଭା ହିନ୍ଦୁତ୍ୱ କୁ ହିଁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଅଖିଳ ଭାରତ ହିନ୍ଦୁ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଶ୍ରୀ ବ୍ରତଧର ଜେୟର ସ୍ୱାମୀ ତ୍ରିଦଣ୍ଡୀ ମହାରାଜ ସୂଚନା ଦେଇଛନ୍ତି। ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ବିଧର୍ମୀ ଶକ୍ତି ସନାତନ ସଂସ୍କୃତିର ବିଲୋପ ସାଧନ ପାଇଁ ପ୍ରୟାସ କରୁଛନ୍ତି । ଶାସନରେ ଥିବା ଦଳମାନେ ଧର୍ମନିରପେକ୍ଷତା ନାଁ ରେ ସଂଖ୍ୟାଲଘୁ ତୁଷ୍ଟିକରଣରେ ମାତିଛନ୍ତି । ଓଡ଼ିଶା ସରକାର ପଂଚାୟତ ନିର୍ବାଚନରେ ଖ୍ରୀଷ୍ଟିୟାନ୍ ଭୋଟ୍ ହାତେଇବା ଆଶାରେ ବିବାଦୀୟ ମିଶ୍ନାରିଜ୍ ଅଫ୍ ଚାରିଟିକୁ ସହାୟତା ଘୋଷଣା କରିଛନ୍ତି । ପୁରୀ ଜଗନ୍ନାଥ ମନ୍ଦିର ରତ୍ନ ଭଣ୍ଡାର ପ୍ରସଙ୍ଗରେ ସରକାରଙ୍କ ଭୂମିକା ସନ୍ଦେହଜନକ ମନେହୁଏ । ଓଡ଼ିଶାରୁ ପଡ଼ୋଶୀ ରାଜ୍ୟର କଂସେଇଖାନାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗୋଚାଲାଣ ଚାଲିଛି । ହିନ୍ଦୁ ମଠ ମନ୍ଦିର ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବାର ଆବଶ୍ୟକତା ରହିଛି । ଓଡ଼ିଶାରେ ବିଧର୍ମୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କଲାଣି । ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ସବୁ ପ୍ରସଙ୍ଗରେ ମୂକ ଦର୍ଶକ ସାଜିଛନ୍ତି । ତେଣୁ ଅଖିଳ ଭାରତ ହିନ୍ଦୁ ମହାସଭା ଏହି ସବୁ ହିନ୍ଦୁ ସୁରକ୍ଷା ପ୍ରସଙ୍ଗକୁ ନେଇ ଆଗାମୀ ପଂଚାୟତ ନିର୍ବାଚନରେ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରାର୍ଥୀ ଦେବ ବୋଲି ସ୍ୱାମୀ ତ୍ରିଦଣ୍ଡୀ ମହାରାଜ ଘୋଷଣା କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଓଡ଼ିଶା ରାଜ୍ୟ ଅଧ୍ୟକ୍ଷା ଗୀତା ଚୟନି ଓ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଆଚାର୍ଯ୍ୟ ମାନବ ପ୍ରକାଶ ମଧ୍ୟ ଉପସ୍ଥିତ ଥିଲେ ।

# ରେଙ୍ଗାଳି ଡ୍ୟାମ୍‌ରେ ହେବ ଦେଶର ସବୁଠୁ ବଡ଼ ସୋଲାର ପ୍ଲାଣ୍ଟ: ଓଡ଼ିଶା ସବୁଜ ଶକ୍ତି ବିକାଶ ନିଗମ ଓ ଜାତୀୟ ଜଳ ବିଦ୍ୟୁତ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷର



ଭୁବନେଶ୍ୱର,୫/୧ (ନି.ପ୍ର): ଏବେ ତିନି ଡ୍ୟାମରେ ସ୍ଥାପନ ହେବ ଭାସମାନ ସୋଲାର ପ୍ଲାଣ୍ଟଭୁବନେଶ୍ୱର: ରାଜ୍ୟରେ ଥିବା ବିଭିନ୍ନ ଜଳଭଣ୍ଡାରରେ ଭାସମାନ ସୋଲାର ଶକ୍ତି ପ୍ଲାଣ୍ଟ ସ୍ଥାପନ ହେବ। ଏନ୍‌ଏଚ୍‌ପିସି ସହାୟତାରେ ରାଜ୍ୟରେ ଖୁବ୍ ଶୀଘ୍ର ୫୦୦ ମେଗାୱାଟ ସେ ?ର ଶକ୍ତି ଉତ୍ପାଦନ କରାଯିବ। ପ୍ରଥମ ପର୍ଯ୍ୟାୟରେ ରେଙ୍ଗାଳି ଜଳ ବିଦ୍ୟୁତ ଯୋଜନାର ଜଳ ଭଣ୍ଡାରରେ ୩୦୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କରାଯିବ। ଏଥିପାଇଁ ପ୍ରାୟ ୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏହା ଦେଶର ସର୍ବବୃହତ୍ତ ଏକକ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ହେବ। ଏହାପରେ ହୀରାକୁଦ, ଇନ୍ଦ୍ରାବତୀ ସମେତ ବିଭିନ୍ନ ଜଳ ଭଣ୍ଡାରରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଆଜି ଏନେଇ ଓଡ଼ିଶା ସବୁଜ ଶକ୍ତି ବିକାଶ ନିଗମ (ଜେଡ୍‌କୋଲ) ଏବଂ ଜାତୀୟ ଜଳ ବିଦ୍ୟୁତ ନିଗମ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଓଡ଼ିଶା ଜଳ ବିଦ୍ୟୁତ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ତଥା ଜେଡ୍‌କୋଲ ସିଏମ୍‌ଡି ବିଷ୍ଣୁପଦ ସେଠୀ ଓ ଜାତୀୟ ଜଳ ବିଦ୍ୟୁତ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଭୟ କୁମାର ସିଂହ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଜାତୀୟ ଜଳ ବିଦ୍ୟୁତ ନିଗମର ସିଏମ୍‌ଡି ଅଭୟ କୁମାର ସିଂହ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଅର୍ଥର କୌଣସି ସମସ୍ୟା ରହିବନି। ଏହା ୭୪:୨୬ ଅନୁପାତ ଆର୍ଥିକ ସହଯୋଗରେ ନିର୍ମାଣ ହେବ। ଏଠାରୁ ବାର୍ଷିକ ୬୦୦ ମିଲିଅନ ୟୁନିଟ ବିଦ୍ୟୁତ ଉତ୍ପାଦନ ହେବ ବୋଲି ପ୍ରାରମ୍ଭିକ ଆକଳନ ହୋଇଛି। ଏଭଳି ପ୍ରକଳ୍ପ ରାଜ୍ୟରେ ପ୍ରଥମ କରି ହେବାକୁ ଥିବାବେଳେ ଏହା ବାହାର ପୁଞ୍ଜିନିବେଶକୁ ଆକର୍ଷିତ କରିବ ।ଶକ୍ତି ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ,ଓଡ଼ିଶାରେ ସେ ?ରଶକ୍ତି ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଅଛି। ତେଣୁ ଆଗାମୀ ଦିନରେ ଏହିଭଳି ପ୍ରକଳ୍ପ ବିଭିନ୍ନ ଜଳଭଣ୍ଡାରରେ ହେବ। ଓଡ଼ିଶାକୁ ଏକ ସବୁ ଶକ୍ତି ହବ୍‌ରେ ପରିଣତ କରିବାକୁ ସମସ୍ତେ ଆଗେଇ ଆସିବା ଦରକାର। ଏହି କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ବସୁ, ସାଧାରଣ ପରିଚାଳକ ହିମାଂଶୁ ଶାହା, ପରିଚାଳନା ନିର୍ଦ୍ଦେଶକ ଅମରେଶ କୁମାର, ଜେଡ୍‌କୋଲ ସିଇଓ ଏଚ୍.ପି ମହାପାତ୍ର, ନିର୍ଦ୍ଦେଶକ (ଅର୍ଥ) ପ୍ରଭାକର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ତରଫରୁ ପୂର୍ବତନ ନୌସେନା ଅଧିକାରୀ ହରିଲାଲ୍ ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଭୁବନେଶ୍ୱର,୫/୧ (ନି.ପ୍ର): ପୂର୍ବତନ ନୌସେନା ଅଧିକାରୀ ଭାଇସ୍ ଆଡମିରାଲ୍ ୧୦୨ ବର୍ଷୀୟ ହରିଲାଲ୍ ଶର୍ମାଙ୍କ ଗତକାଲି ଭୁବନେଶ୍ୱରସ୍ଥିତ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଛି। ରାଜ୍ୟ ବିଜେପି ତରଫରୁ ସ୍ୱର୍ଗତଃ ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ରାଜ୍ୟ ବିଜେପି ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ରାଜ୍ୟ ଗଣମାଧ୍ୟମ ସହପ୍ରମୁଖ ସୁଜିତ୍ କୁମାର ଦାସ, ରାଜ୍ୟ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ସଂଯୋଜକ ଡ.ରବି ନାରାୟଣ ବେହେରା ପ୍ରମୁଖ ସ୍ୱର୍ଗତଃ ଶର୍ମାଙ୍କ ବାସଭବନକୁ ଯାଇ ପାର୍ଥୀବ ଶରୀରର ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ୧୯୨୦ ମସିହାରେ ଜନ୍ମିତ ଭାଇସ୍ ଆଡମିରାଲ୍ ସ୍ୱର୍ଗତଃ ହରିଲାଲ୍ ଶର୍ମା, (ପିଭିଏସଏମ୍) ଭାରତ – ପାକିସ୍ତାନ ଯୁଦ୍ଧରେ ଫ୍ଲାଗ୍ ଅଫିସର କମାଣ୍ଡିଂ ଇଷ୍ଟର୍ନ ଫ୍ଲାଇଟ୍ ଭାବରେ କାର୍ଯ୍ୟ କରିଥିବା ସ୍ୱର୍ଗତଃ ଶର୍ମା ୧ମାର୍ଚ୍ଚ ୧୯୭୭ ରୁ ୨ ଫେବୃଆରୀ ୧୯୭୮ ପର୍ଯ୍ୟନ୍ତ ଇଷ୍ଟର୍ଣ୍ଣ ନୌସେନା କମାଣ୍ଡ୍ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ ।

# ନିର୍ଦ୍ଧାରିତ ସମୟରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ସାରିବାକୁ ଜଳ ସମ୍ପଦ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ବୁର୍ଲାଠାରେ ଅଶୋକ ନିବାସ ସଂପ୍ରସାରିତ କୋଠାର ଶୁଭ ଉଦ୍‌ଘାଟନ

ଭୁବନେଶ୍ୱର,୫/୧ (ନି.ପ୍ର): ରାଜ୍ୟ ଜଳସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସମ୍ବଲପୁର ଓ ବରଗଡ ଜିଲ୍ଲା ଗସ୍ତ କରି ବରଗଡରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏଥିସହ ବୁର୍ଲାଠାରେ ଅଶୋକ ନିବାସ ସଂପ୍ରସାରିତ କୋଠାର ଶୁଭ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀ ଦାସ ମଙ୍ଗଳବାର ବରଗଡ ଗସ୍ତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ, ବରଗଡ ଜିଲ୍ଲାର ବରଗଡ, ବିଜେପୁର, ସୋହେଲା ଓ ବରପାଲି ଅଂଚଳର ଉଚ୍ଚା ଜମିକୁ ଚାଷୀମାନଙ୍କ ପାଇଁ ଜଳସେଚନ ସୁବିଧା ଲକ୍ଷ୍ୟ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଏହା ଆମର ମାନ୍ୟବର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ । ଏହା କାର୍ଯ୍ୟକାରୀ ହେଲେ ବରଗଡ ଜିଲ୍ଲାର ଏହି ୪ଟି ବ୍ଲକର ୨୫ହଜାର ୬୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ । ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଅଧିକ ଜମିକୁ ଜଳସେଚନ ସୁବିଧାକୁ ଆଖି ଆଗରେ ରଖି ଆଉ ୫ ହଜାର ୬୦୦ ହେକ୍ଟର ଜମିକୁ ମଧ୍ୟ ଜଳସେଚନ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଆଗାମୀ ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି । ୧୬୮୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଶେଷ ପରେ କାର୍ଯ୍ୟ ଆରମ୍ଭ ହୋଇ ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଥିବା ବେଳେ ପ୍ରକଳ୍ପର ପ୍ରାୟ ୪୦ ପ୍ରତିଶତ କାର୍ଯ୍ୟ ସରିଛି । ନିର୍ଦ୍ଧାରିତ ସମୟରେ ନିର୍ମାଣ ଶେଷ କରି ଚାଷୀମାନଙ୍କର ଜଳସେଚନ ଆବଶ୍ୟକତାକୁ ପୂରଣ କରିବାକୁ ମନ୍ତ୍ରୀ ଶ୍ରୀ ଦାସ ଜଳସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ଶ୍ରୀମତୀ ରୀତା ସାହୁ, ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ଦାସ ଅପରାହ୍ଣ ୩ଟାରେ ବୁର୍ଲାସ୍ଥିତ ଅଶୋକ ନିବାସଠାରେ ପହଁଚି ନବ ନିର୍ମିତ ସମ୍ପ୍ରସାରିତ କୋଠାର ଶୁଭ ଉଦ୍‌ଘାଟନ କରିଥିଲେ । ଜଳ ସଂପଦ ବିଭାଗ ଦ୍ୱାରା ୧.୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ବିଭିନ୍ନ ସରକାରୀ ବୈଠକ ନିମନ୍ତେ ଉପଯୋଗୀ ହେବା ସହିତ ଅତିଥିମାନେ ଏଠାରେ ପ୍ରସିଦ୍ଧ ହୀରାକୁଦ ଡ୍ୟାମ୍‌ର ସୁନ୍ଦର ଜଳରାଶି ଓ ପ୍ରାକୃତିକ ପରିବେଶ ଉପଭୋଗ କରିପାରିବେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଯନ୍ତ୍ରୀ ଆନନ୍ଦଚନ୍ଦ୍ର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନିରାକାର ବିଶି, ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଗକୁ ସଂକ୍ରମଣ ଆହୁରି ବଢିବାର ସମ୍ଭାବନା, ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୫/୧ (ନି.ପ୍ର): :ରାଜ୍ୟରେ ସଂକ୍ରମଣ ବଢିଛି, ଆଗକୁ ବି ସଂକ୍ରମଣ ବଢିବର ସମ୍ଭାବନା ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ।

ସେ କହିଛନ୍ତି ଯେ ସଂକ୍ରମଣ ବଢ଼ିଲେ ବି ମୁକାବିଲା କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ, ଆବଶ୍ୟକ ହେଲେ ସରକାର ନୂଆ ଗାଇଡଲାଇନ୍ ଜାରି କରିବେ।

ସଂକ୍ରମଣ କମାଇବାକୁ ହେଲେ ଆମକୁ ସଜାଗ ହେବାକୁ ପଡିବ । ଏହା ସହ ଆମର ବ୍ୟବହାରରେ ପରିବର୍ତ୍ତନ କରିବାକୁ ପଡିବ ।

## ବିଜେଡି ଛାଡ଼ି ବିଜେପିରେ ମିଶିଲେ ଗରଡିହି ସରପଂଚ

ନୀଳଗିରି, ୫/୧ (ନି.ପ୍ର): ନୀଳଗିରି ବ୍ଲକ ଗରଡିହି ପଂଚାୟତର ବିଜେଡି ସରପଂଚ ମିତାରାଣୀ ସିଂ ବିଜେଡି ଦଳ ଛାଡ଼ି ନିଜ କର୍ମୀଙ୍କୁ ଧରି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଛନ୍ତି । ବିଜେପି ଦଳର ନୀତି ଆଦର୍ଶକୁ ପାଥେୟ କରି ଦଳରେ ମିଶିଥିବା ନେଇ ମିତାରାଣୀ ସିଂ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ସିଂ, ହରମୋହନ ସିଂ, ସୁମନ୍ତ କୁମାର ସିଂ, ଡାକ୍ତର ସିଂ, ସଂଜୟ ସିଂ, ବୈଦ୍ୟନାଥ ସିଂ ପ୍ରମୁଖ ବିଜେପି ଦଳରେ ସାମିଲ ହୋଇଛନ୍ତି । ଏଥିପାଇଁ ବିଧାୟକ ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫/୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନିଜର ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ. ଜଗନମୋହନ ରେଡ୍ଡୀଙ୍କୁ ସାକ୍ଷାତ୍ କରିବା ସହ ଶିକ୍ଷା କ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆନ୍ଧ୍ରପ୍ରଦେଶରେ ନୂଆ ଜାତୀୟ ଶିକ୍ଷା ନୀତି-୨୦୨୦ (ଏନଇପି)କୁ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟରେ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା କ୍ଷେତ୍ରକୁ ଅଧିକ ମଜଭୂତ କରିବା ଦିଗରେ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ଯୁବପିଢିଙ୍କ ସର୍ବାଙ୍ଗୀନ ବିକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ପ୍ରାଥମିକତାରେ ରହିଛି । ନୂଆଯୁଗର କ୍ୟାରିୟର ପାଇଁ ଯୁବପିଢିଙ୍କ ଦକ୍ଷତା ବିକାଶ କରିବା ମୋଦି ସରକାରଙ୍କ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ତଥା ଯୁବପିଢିଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଆନ୍ଧ୍ରର ଯୁବପିଢ଼ିଙ୍କୁ ନୂତନ ଦକ୍ଷତା ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଶ୍ରୀ ପ୍ରଧାନ ଆଲୋଚନାକାଳରେ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ତୁଟିଲା ମାଟି ଉଠାଣ ବିବାଦ

ନୀଳଗିରି, ୦୫/୦୧ (ନି.ପ୍ର): ଜାତୀୟ ରାଜପଥ କାମ ପାଇଁ ଆବଶ୍ୟକ ହେଉଥିବା ମାଟିକୁ ବ୍ରିଜଗୋପାଲ କନଷ୍ଟ୍ରକସନ ନୀଳଗିରି ତହସିଲ ଅଧିନରେ ଥିବା ମିରିଗିଣି ଖାଣ୍ଡିଆ ହୁଡ଼ିରେ ଗଛିତ ମାଟିକୁ ସମସ୍ତ ଦସ୍ତାବେଜ ପ୍ରସ୍ତୁତ କରି କମ୍ପାନୀ ମାଟିର ଧାର୍ଯ୍ୟ ମୂଲ୍ୟକୁ ନୀଳଗିରି ତହସିଲରେ ଡିପୋଜିଟ୍ କରିଥିଲେ। ଉକ୍ତ ମାଟିକୁ ପରିବହନ କରିବା ପାଇଁ ନୀଳଗିରିରେ ଥିବା ଜୟ ମା' ଦୁର୍ଗା ସର୍ପ୍ଲାୟସ ସହିତ ଚୁକ୍ତି ହୋଇଥିଲା । ମାତ୍ର ଏହାକୁ ନୀଳଗିରି ଟ୍ରକ ମାଲିକସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ଏ ନେଇ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଅଧିକାରୀଙ୍କ ସମେତ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା କରାଯାଇଥିଲା। ଆଲୋଚନାରେ ସଠିକ୍ ରୂପରେଖ ନ ବାହାରିବାରୁ ଟ୍ରକ ମାଲିକ ସଂଘ ବୈଠକରୁପଳାଇ ଆସିଥିଲେ। ମାଟି ଉଠାଣକୁ ତୀବ୍ରତର କରିବା ପାଇଁଯୋଜନାବଦ୍ଧ ଭାବେ ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ଟ୍ରକ ମାଲିକ ସଂଘରର ସମସ୍ତ କର୍ମକର୍ତ୍ତା ମିରିଗିଣି ଟାୟାର ଦୋକାନ ଛକରେ ମାଟି ନେଇ ଆସୁଥିବା ଟ୍ରକ ଗୁଡ଼ିକୁ ଅଟକାଇବା ସହ ଟ୍ରକ ଗୁଡ଼ିକର ସଠିକ୍ କାଗଜପତ୍ର ନ ଥିବା ଦର୍ଶାଇ ଅଟକ ରଖିଥିଲେ। ଖବର ପାଇ ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ଏସ.ଡି.ପି.ଓ. ରିତେଶ ମହାପାତ୍ର, ତହସିଲଦାର ଅଶେଷ କୁମାର ନାୟକ, ସବଇନିସ୍‌ପେକ୍ଟର ବାସୁଦେବ ଜୟସିଂ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଂଚିଥିଲେ। ସଂଘ ପକ୍ଷରୁ ଟ୍ରକ ଗୁଡ଼ିକର ସଠିକ୍ କାଗଜପତ୍ର ନଥିବା, ମାଟି ଭିତରେ ପଥର ନେବା ଘଟଣା ଅଧିକାରୀମାନଙ୍କୁ ଜଣାଇଥିଲେ । ଟ୍ରକ ଗୁଡ଼ିକର କାଗଜପତ୍ର ତନଖି କରିବା ପାଇଁ ସଂଗେ ସଂଗେ ବାଲେଶ୍ୱର ଆର.ଟି.ଓ.ଙ୍କୁ ଜଣାଇଥିଲେ । ଆର.ଟି.ଓ. ନିଜର କର୍ମଚାରୀଙ୍କୁ ଧରି ଘଟଣାସ୍ଥଳରେ ପହଂଚି ଗାଡ଼ିର କାଗଜପତ୍ର ତନଖି କରିଥିଲେ । ଶେଷରେ ଉପସ୍ଥିତ ଅଧିକାରୀ, ଟ୍ରକ ମାଲିକ ସଂଘ ଏବଂ ଜୟଦୁର୍ଗା ସପ୍ଲାୟର୍ସ ର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇଥିଲା । ଚୁଡ଼ାନ୍ତ ନିଷ୍ପତି ଅନୁଯାୟୀ ବ୍ରିଜଗୋପାଲ କନଷ୍ଟ୍ରକସନ କମ୍ପାନୀ ସହିତ ମାଟି ଉଠାଣ ପାଇଁ ଟ୍ରକ ମାଲିକ ସଂଘ ଓ ଜୟଦୁର୍ଗା ସପ୍ଲାୟର୍ସ ମୁଖିଆଙ୍କ ସହିତ ପୁନଃ ଚୁକ୍ତିନାମା ହେବାର ସ୍ଥିର ହେଲା। କମ୍ପାନୀ ପ୍ରଦାନ କରିବାକୁ ଥିବା ଅର୍ଥରାଶି ଟ୍ରକ ମାଲିକ ସଂଘର ଏକାଉଂଟକୁ ଦିଆଯିବାର ନିଷ୍ପତି ନିଆଗଲା । ଏହି ନିଷ୍ପତିକୁ ଉଭୟ ପକ୍ଷ ମାନି ନେଇଥିଲେ । ନୀଳଗିରି ଉପଜିଲ୍ଲାପାଳ, ତହସିଲଦାର, ଏସ.ଡି.ପି.ଓ.ଙ୍କ ହସ୍ତକ୍ଷେପ ପରେ ସମାଧାନର ପନ୍ଥା ବାହାରିଥିବାରୁ ଉଭୟଗୋଷ୍ଠୀ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଉପାନ୍ତ ଗ୍ରାମରେ ଜନସେବା କେନ୍ଦ୍ର ଉଦ୍‌ଘାଟିତ

ଜଳେଶ୍ୱର, ୦୫/୦୧ (ନି.ପ୍ର): ନିପଟ ମଫସଲ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ସରକାରୀ ଯୋଜନାର ଲାଭ ଉଠାଇବା, ଶୀଘ୍ର ସେବା ଯୋଗାଇବା, ସମସ୍ତଙ୍କ ନିକଟରେ ଯୋଜନା ପହଞ୍ଚାଇବା ସହିତ ସରକାରଙ୍କ ନିକଟରେ ଗ୍ରାମାଞ୍ଚଳର କୋଣଅନୁକୋଣରୁ ତଥ୍ୟ ପହଞ୍ଚାଇବାରେ ଜନସେବା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଆଜି ଉପାନ୍ତ ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତ ଅଧିନ ନଛିମପୁର ଗ୍ରାମରେ ଜନସେବା କେନ୍ଦ୍ର (ସିଏସ୍‌ସି) କୁ ଉଦ୍‌ଘାଟନ କରି ଏହାର ଜିଲା ପରିଚାଳକ ଅରୁପ ମହାପାତ୍ର ଜନସେବା କେନ୍ଦ୍ର ଗୋଟିଏ ଡିଜିଟାଲ ସିପାହୀ ଭଳି କାର୍ଯ୍ୟ କରିଥାଏ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସିଏସ୍‌ସିର ଜିଲା ଭିଏଲ୍‌ଇ ବିଦ୍ୟାଧର ରାଉଳ, ବ୍ଲକ ଭିଏଲ୍‌ଇ ଅରବିନ୍ଦ କର, ସରପଂଚ ଦିପାଳୀ ଜେନା, ରବିନ୍ଦ୍ର ମିଶ୍ର, ଶିବନାରାୟଣ ମିଶ୍ର, ୱାର୍ଡ ସଦସ୍ୟ ସୁବର୍ଣ୍ଣ ଜେନା, କବି ନରୋତ୍ତମ ପ୍ରଧାନ, ଶିକ୍ଷକ ରବିନ୍ଦ୍ର ଗିରି, ସୁଧାଂଶୁ ପ୍ରଧାନ, ମଧୁସୂଦନ ସିଂ, ଦେବୁ ଦତ୍ତ ପ୍ରମୁଖ ଯୋଗ ଦେଇ ଏହି କେନ୍ଦ୍ରରୁ ଗ୍ରାମବାସୀମାନେ ସୁବିଧା ସୁଯୋଗ ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ । ସ୍ଥାନୀୟ ସିଏସ୍‌ସିର ମୁଖ୍ୟ ଦେବାଶିଷ ମିଶ୍ର ଗ୍ରାମାଂଚଳରେ ଲୋକଙ୍କୁ ଡିଜିଟାଲ ସେବା ଯୋଗାଇ ଦେବାର ପ୍ରତିଶୃତି ଦେଇଥିଲେ।

## ହାତୀ ମାନଙ୍କୁ କରେଣ୍ଟରୁ ବଂଚାଇବା ଦିଗରେ ସୁପ୍ରିମ୍ କୋର୍ଟରେ ଆବେଦନ

ନୂଆଦିଲ୍ଲୀ,୦୫/୦୧: ସୁପ୍ରିମ୍ କୋର୍ଟରେ ହାତୀ ମାନଙ୍କୁ କରେଂଟରୁ ବଂଚାଇବା ଦିଗରେ ଦାବୀ କରିଆସୁଥିବା ଆବେଦନ ଉପରେ ଶୁଣାଣୀ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଚିଫ୍ ଜଷ୍ଟିସ୍ ଏନବି ରମନାଙ୍କ ଅଧକ୍ଷତାର ବେଂଚ ଏହି ନୋଟିସ୍ ଜାରି କରିଛନ୍ତି । ସୁପ୍ରିମ୍ କୋର୍ଟରେ ପ୍ରେରଣା ସିଂହ ବିନ୍ଦାଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନରେ କୁହାଯାଇଛି ଯେ ହାତୀ ମାନଙ୍କର ଅପ୍ରାକୃତିକ ଭାବରେ ମୃତ୍ୟୁ ହେଉଛି । ଏଥି ମଧ୍ୟ ସବୁଠାରୁ ଅଧିକ ବିଜୁଳି ତାର ଦ୍ୱାରା ହେଉଛି ବୋଲି ଜଣା ଯାଇଛି । ଆବେଦନରେ କୁହାଯାଇଛି ଯେ ଲୋକସଭାର ଜଂଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରଣାଳୟର ଡାଟା ରେ ଦର୍ଶାଉଛି ଯେଉଁଠାରେ କୁହାଯାଇଛି ଯେ ୨୦୧୬-୧୭ରେ ବିଜୁଳି ରେ ହାତୀ ମାନଙ୍କ ମରିଥିବା ସଂଖ୍ୟା ୫୬ ଥିଲା ଯାହା ୨୦୧୮-୧୯ ରେ ଏହା ବଢ଼ି ୮୧ ରେ ପହଂଚିଲାଣି । ଏହି ଆବେଦନରେ କୁହାଯାଇଛି ଯେ ୨୦୦୯ ରୁ ୨୦୨୦ ପର୍ଯ୍ୟନ୍ତ ସମୁଦାୟ ୭୪୧ ହାତୀଙ୍କର ମୃତ ଘଟିଛି ।

# ଉତ୍କଳ ପବ୍ଲିଶର୍ସ ଏଣ୍ଡ୍ ବୁକସେଲର୍ସ ଆସୋସିଏସନ୍‌ର ବୈଠକ



ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଓଡିଶାର ପ୍ରମୁଖ ପ୍ରକାଶକ ସଂଘ 'ଉତ୍କଳ ପବ୍ଲିଶର୍ସ ଏଣ୍ଡ୍ ବୁକସେଲର୍ସ ଆସୋସିଏସନ୍' ତରଫରୁ ନୂଆ ବର୍ଷ ର ଏକ ବନ୍ଧୁ ମିଳନ ସହ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଗୁଆଝର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ପତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ପ୍ରଦୀପ୍ତ କୁମାର ବେହୁରା ଅତିଥି ପରିଚୟ ସହ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ଉପସଭାପତି ରାଜକିଶୋର ଦାସ, କୋଷାଧକ୍ଷ ଭିକାରୀ ଧଳଙ୍କ ସହ ସଦସ୍ୟ ଶୁଭ୍ରାଂଶୁ ପଣ୍ଡା, ଦେବରାଜ ସାହୁ, ତୁଷାର ବରଣ ସାହୁ, ରାଧାକୃଷ୍ଣ ଘଡେଇ, ଚିତ୍ତରଞ୍ଜନ ବଳିୟାରସିଂହ, ସୌମ୍ୟରଞ୍ଜନ ଭୂୟାଁ ପ୍ରମୁଖ ଯୋଗଦେଇ ପୁସ୍ତକ ପ୍ରକାଶନ ଓ ପ୍ରସାରଣ ସଂପର୍କରେ ଆଲୋଚନା ସହ କିଭଳି ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟରେ ଭାଗ ନେଇ ସୁଚାରୁରୂପେ ପୁସ୍ତକ ବିକ୍ରୟ କରି ହେବ, ସେ ସଂପର୍କରେ ଆଲୋଚନା କରିଥିଲେ। ଶେଷରେ ଶୁଭ୍ରାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ବିକାଶର କାର୍ଡ ବାଂଟିଲେ ସାଂସଦ ଓ ବିଧାୟକ

ନୀଳଗିରି, ୦୫/୦୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପି ଦଳର ଡବଲ ଇଞ୍ଜିନ କ୍ଷମତାକୁ ଆସିଲା ପରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଏବଂ ନୀଳଗିରି ନିର୍ବାଚନ ନିର୍ବାଚନ ମଣ୍ଡଳୀରେ ବହୁ ବିକାଶ ହୋଇଥିବା ନେଇ ଆଜି ନୀଳଗିରି ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିକାଶର କାର୍ଡ ଗଣମାଧମକୁ ସୂଚନା ଦେଇଛନ୍ତି । ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ଏକ ଐତିହାସିକ ବିକାଶ ବୋଲି ଉଭୟ ସାଂସଦ ଏବଂ ବିଧାୟକ ସୂଚନା ଦେଇଥିଲା ବେଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୂୟସୀ ପ୍ରଶଂସା କରିଛନ୍ତି ଏବଂ ଆସନ୍ତା ୭ତାରିଖରେ ଏହାର ଶୁଭ ଶିଳାନ୍ୟାସ ଖୋଦ୍ ରେଳମନ୍ତ୍ରୀଙ୍କ ଉପସ୍ଥିତରେ ଶିଳାନ୍ୟାସ ହେବ ବୋଲି ସୂଚନା ଦେଇଛନ୍ତି । ତତ୍‌ସହିତ ସେରଗଡ଼ରୁ ଝରଣାଘାଟି ୧୯ନମ୍ବର ରାଜ୍ୟ ରାଜପଥର ପ୍ରଶସ୍ତୀକରଣ, ଦୁଗ୍ଧ ଉତ୍ପାଦନ କେନ୍ଦ୍ର, ପ୍ରତି ଗାଁଆକୁ ପ୍ରଧାନମନ୍ତ୍ରୀ ରାସ୍ତା, ଖନ୍ତାପଡ଼ା ରେଳଷ୍ଟେସନର ସୁପରଫାଷ୍ଟ ଟ୍ରେନ ରହଣି , ବସ୍ତା ରେଳ ଷ୍ଟେସନର ଉନ୍ନତିକରଣ ସମେତ ବହୁ ବିକାଶ ମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ବୋଲି ସାଂସଦ ଓ ବିଧାୟକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଚନ୍ଦ୍ରଶେଖର ନନ୍ଦ ସଭାପତିତ୍ୱ କରିଥିଲେ ।

# ବିଶିଷ୍ଟ ସଂଖ୍ୟାଲଘୁ ବ୍ୟବସାୟୀ ସଫିର ଖାଁଙ୍କ ପରଲୋକ



ବାଲିଆପାଳ, ୦୫/୦୧ (ନି.ପ୍ର): ବାଲିଆପାଳ ଅଂଚଳର ବିଶିଷ୍ଟ ସଂଖ୍ୟାଲଘୁ ବ୍ୟବସାୟୀ ତଥା ଖାଁ ଟ୍ରାନ୍ସ ପୋର୍ଟର ମାଲିକ ହାଜି ସଫିର ଖାଁଙ୍କର ଗତ କାଲି ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ସଂଖ୍ୟାଲଘୁ ସଂପ୍ରଦାୟର ହେଲେ ମଧ ସ୍ଥାନୀୟ ଅଂଚଳର ସବୁ ସଂପ୍ରଦାୟର ଲୋକଙ୍କ ସହିତ ତାଙ୍କର ସୁସଂର୍ପକ ରହିଥିଲା। ବାଲିଆପାଳ ଦୁର୍ଗାପୂଜା କମିଟିର ସେ ବହୁ ଦିନ ଧରି ଜଣେ ସଂକ୍ରୀୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ୬୦-୭୦ ଦଶକରେ ତାଙ୍କ ଉଦ୍ୟମରେ ପ୍ରଥମେ ବାଲିଆପାଳରୁ ବାଲେଶ୍ୱର ବସ ଚଳାଚଳ ଆରମ୍ଭ କରିଥିଲା । ସେବେ ଠାରୁ ଜଣେ ଭଲ ବସ ମାଲିକ ଭାବେ ତାଙ୍କର ସୁନାମ ରହିଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ନଜିର ଖାଁ, କବିର ଖାଁ , ପୁତ୍ରବଧୂ, ନାତିନାତୁଣୀ ମାନେ ଉପସ୍ଥିତଥିଲେ । ତାଙ୍କ ମୃତ୍ୟୁ ଖବର ପାଇଁ ବାଲିଆପାଳ ସରପଂଚ ମଧୁସୂଦନ ବାରିକ , ବିଜେପି ନେତା ଅରବିନ୍ଦ ବେହେରା, ଅଜୟ ସାହ, ଜିଲ୍ଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଅ, ପଂଚାୟତ ସମିତି ଅଧକ୍ଷ ବିଜନ ନାୟକ, ସଂଖ୍ୟାଲଘୁନେତା ସାବୁଦ୍ଦିନ ସାହା ତଥା ବହୁ ବିଶିଷ୍ଟ ବ୍ୟାକ୍ତି ତାଙ୍କ ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଆଜି ବାଲିଆପାଳରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଚାନ୍ଦମାରୀ ପଡ଼ିଆବାସୀଙ୍କ ରାସ୍ତାରୋକ ୮ରେ

ବାଲେଶ୍ୱର,୦୫/୦୧ (ନି.ପ୍ର): ବାଲେଶ୍ୱର ପୌରାଞ୍ଚଳର ସହଦେବଖୁଣ୍ଟାସ୍ଥିତ ଚାନ୍ଦମାରି ପଡ଼ିଆକୁ ସଂଯୋଗ କରୁଥିବା ନିର୍ମାଣାଧୀନ ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ଆସନ୍ତା ୮ ତାରିଖ ଶନିବାର ଉତ୍କଳ ବାଳାଶ୍ରମଠାରେ ରାସ୍ତାରୋକ ପାଇଁ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଉପ-ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବୁଧବାରନ ଲିଖିତ ଭାବେ ଜଣାଇଛନ୍ତି। ପ୍ରାୟ ଅଢ଼େଇକୋଟି ଟଙ୍କା ବ୍ୟୟ ଅଟକଳ ଭିତ୍ତିକ ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ମନ୍ଥରଗତିରେ ଚାଲିଥିବା ସେମାନେ କହିଛନ୍ତି। ରାସ୍ତାର ଦୁରାବସ୍ଥା ଓ ଧୂଳି ଉଡ଼ିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେଉଥିବା ବେଳେ ସାଧାରଣ ଲୋକେ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ସହଦେବଖୁଣ୍ଟା ସହରାଞ୍ଚଳ ହସପିଟାଲ, ମାଧ୍ୟମିକ ଶିକ୍ଷା ପରିଷଦ ଶାଖା କାର୍ଯ୍ୟାଳୟ ସମେତ ବହୁ ଶିକ୍ଷାନୁଷ୍ଠାନ ରହିଛି। ଅନ୍ୟପକ୍ଷରେ ରାସ୍ତାର ପ୍ରବେଶ ପଥ ପାର୍ଶ୍ୱରେ ଥିବା ବେଆଇନ ଅବରୋଧ ଉଚ୍ଛେଦର କାଳକ୍ଷେପଣ ନୀତି ଯୋଗୁଁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଏଥି ସହିତ ବିଦ୍ୟୁତ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତର ନ ହେବାରୁ ରାସ୍ତା ସଂପ୍ରସାରଣ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ ସମସ୍ୟାର ପ୍ରତିକାର ହୋଇପାରୁନାହିଁ। ତେଣୁ ଠିକାଦାର ନିର୍ମାଣ କାର୍ଯ୍ୟ ମନ୍ଥର କରୁଥିବାର ଅଭିଯୋଗ ହୋଇଛି। ଦୁରନ୍ତ ଏ ବାବଦରେ ଉଚିତ ପଦକ୍ଷେନ ପିଆ ନଗଲେ ଆସନ୍ତା ୮ ତାରିଖରେ ରାସ୍ତା ଅବରୋଧ ନିଶ୍ଚିତ ହେବ ବୋଲି ବ୍ୟାସକବି ନଗର ବିକାଶ ପରିଷଦ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସମ୍ପର୍କରେ ପରିଷଦର ଏକ ପ୍ରତିନିଧି ଦଳ ଉପ-ଜିଲାପାଳଙ୍କ ଦପ୍ତର ଓ ପୌରପାଳିକା କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଛନ୍ତି।

## ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କଲେ ସମାଜସେବୀ ଓ ସାମାଜିକ ସଂଗଠନ

ଜଳେଶ୍ୱର, ୦୫/୧(ନିପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅଧିନ ୧୧ ୱାର୍ଡର ପରିତ୍ୟକ୍ତ ପୁରୁଣା ଟାଉନ୍‌ହଲ ମଧ୍ୟରେ ବହୁ ନିରାଶ୍ରୟ ଲୋକେ ମୁଣ୍ଡ ଗୁଞ୍ଜିଛନ୍ତି । ବିଶେଷ କରି ସେମାନେ ଭିକ୍ଷ୍ୟାବୃତ୍ତି କିମ୍ବା ସ୍ଥାନୀୟ ଲୋକଙ୍କ ବାସିପାଇଟି କରି ଚଳନ୍ତି। ସେମାନଙ୍କ ମଧ୍ୟରୁ ଭିନ୍ନକ୍ଷମ ବୃଦ୍ଧା ପାନ ବିନ୍ଧାଣି (୬୯) ନିଜ ସ୍ୱାମୀ ମନସୁର ଓ ଜଣେ ରୋଗିଣା ପୁଅ ସହିତ ଦିନ କାଟୁଥିବା ବେଳେ ଗତ କାଲି ସଂଧ୍ୟାରେ ତାର ମୃତ୍ୟୁ ଘଟିଛି। ଶବ ସତ୍କାର ଲାଗି ସେମାନଙ୍କ ନିକଟରେ କୌଣସି ଆର୍ଥିକ ସମ୍ବଳ ନ ଥିବାରୁ ଶବଟି ପ୍ରାୟ ୧୫ ଘଣ୍ଟା ଧରି ଏହି ପରିତ୍ୟକ୍ତ ଘରେ ପଡି ରହିଥିଲା । ଏ ସମ୍ପର୍କରେ ସ୍ଥାନୀୟ ଯୁବ ନେତା ଆନନ୍ଦ କର ଖବର ପାଇ ସେଠାରେ ପହଞ୍ଚି ବିଭିନ୍ନ ସାମାଜିକ ସଂଗଠନ ମାନଙ୍କ ସହିତ ଯୋଗାଯୋଗ କରିଥିଲେ। ଆଜି ସକାଳେ ସାମାଜିକ ସଂଗଠନ ଭୋଲାଭଣ୍ଡାରୀର ହରେକୃଷ୍ଣ ପଣ୍ଡା, ମେ ଆଇ ହେଲ୍ପ ୟୁ ର ଜଗନ୍ନାଥ ପରିଡା ଓ ହେଲ୍ପ ଫର ୟୁ ର ମାନସ ଧଳ ଓ ତାଙ୍କ ସହଯୋଗୀମାନେ ପହଞ୍ଚି ଶବସତ୍କାରର ବ୍ୟବସ୍ଥା କରିଥିଲେ। ଖବର ପାଇ ବିଜେଡି ରାଜ୍ୟପରିଷଦ ସଭ୍ୟ ପ୍ରତୀପ ପ୍ରଧାନ ପହଞ୍ଚି ପୌରଅଧ୍ୟକ୍ଷ ଅଜୟ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତତ୍‌କ୍ଷଣାତ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରିଥିଲେ । ଯୁବ ସମାଜସେବୀ ଓ ସାମାଜିକ ସଂଗଠନର ସଭ୍ୟମାନେ ମୃତ ପାନ ବିନ୍ଧାଣୀର ଶବକୁ ନେଇ ଶ୍ମଶାନରେ ଦାହ କରିଥିବାରୁ ଜଳେଶ୍ୱର ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି ।

## ନବ ନିଯୁକ୍ତ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ ଶ୍ରୀମନ୍ଦିର ପରିଦର୍ଶନ

ପୁରୀ,୦୫/୦୧ (ନି.ପ୍ର): ଭାରତ ଦର୍ଶନ କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ନୂତନ ନିଯୁକ୍ତି ପାଇଥିବା ୧୭ଜଣ ଭାରତୀୟ ପ୍ରଶାସନିକ ଅଧିକାରୀ ପୁରୀ ପରିଦର୍ଶନ କରିଛନ୍ତି। ସମ୍ପୃକ୍ତ ଅଧିକାରୀମାନେ ପୁରୀରେ ପହଞ୍ଚିବା ପରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ,ବିନୟ କୁମାର ଦାଶ,ଉପଜିଲ୍ଲାପାଳ ଭବତାରଣ ସାହୁ,ଡ଼େପୁଟି କଲେକ୍ଟର ସୁମନ୍ତ କୁମାର କର, ୱାଟକୋ ଜେନେରାଲ ମ୍ୟାନେଜର ଶରତ ମିଶ୍ର ଓ ଅନ୍ୟଅଧିକାରୀମାନେ ସେମାନଙ୍କୁ ଜିଲ୍ଲାରେ ଜାରି ରହିଥିବା ହେରିଟେଜ୍ କରିଡ଼ର,ଡ୍ରିଙ୍କ ଫର୍ ଟ୍ୟାଙ୍କ ଏବଂ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଲାଗି ହେଉଥିବା ଜମି ଅଧିଗ୍ରହଣ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ନୂତନ ନିଯୁକ୍ତି ପାଇଥିବା ଭାରତୀୟ ପ୍ରଶାସନିକ ଅଧିକାରୀମାନେ ତାଳବଣିଆ ଯାଇ ଡ୍ରିଙ୍କ ଫର୍ ଟ୍ୟାଙ୍କ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେମାନେ ବ୍ଲୁଫ୍ଲାଗ ବିଚ୍ ବୁଲିସାରିବା ପରେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ଅଧିକାରୀମାନେ ହେରିଟେଜ୍ କରିଡ଼ର ପରିଦର୍ଶନ କରିଥିଲେ। ହେରିଟେଜ୍ କରିଡ଼ର ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଦାଶ ସେମାନଙ୍କୁ ଏହାର ଜମି ଅଧିଗ୍ରହଣ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପୁରୀ ପରିଦର୍ଶନ କରି ସମ୍ପୃକ୍ତ ଅଧିକାରୀମାନେ ଖୁସି ବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ସମର୍ଥ ବର୍ମା ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଉପରମୁହାଁ କରୋନା : ରାଜ୍ୟରେ....

ହୋଟେଲ ଓ ରେଷ୍ଟୁରାଂଟ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ରାସ୍ତା କଡ ଦୋକାନ ଗୁଡିକ ମଧ୍ୟ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଦୋକାନ ସାମ୍ନାରେ ୫ରୁ ଅଧିକ ଲୋକ ରହିବେ ନାହିଁ। ବସ୍, କାର, ଟ୍ୟାକ୍ସି ଆଦିରେ ସମସ୍ତେ ମାସ୍କ ପିନ୍ଧିବା ବାଧତାମୂଳକ। ଯାତ୍ରାରେ ମଧ ପୂର୍ବଭଳି ୧୦୦୦ ଦର୍ଶକ ରହିପାରିବେ। କିନ୍ତୁ ମାସ୍କକୁ ଗୁରୁତ୍ୱ ଦିଆଯିବ। ସିନେମା ହଲ, ମଲ୍ଟିପ୍ଲେକ୍ସରେ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ନନ୍ଦନକାନନ ଓ ଉଦ୍ଭିଦ ଉଦ୍ୟାନରେ ଦର୍ଶକ ଅନ୍ ଲାଇନ୍ ରେ ଟିକେଟ କରିବେ। ଇନଡୋର ଓ ଆଉଟ୍ ଡୋର ଫିଲ୍ମ ସୁଟିଂ ହୋଇପାରିବ। ସେହିପରି ବିବାହ ସମାରୋହରେ ୧୦୦ ଲୋକ ଓ ଶୁଦ୍ଧିକ୍ରିୟାରେ ୫୦ ଜଣ ସାମିଲ ହୋଇପାରିବେ। ବିବାହ ଶୋଭାଯାତ୍ରାରେ ସାମିଲ ହେବାକୁ ୩୦ ଜଣଙ୍କୁ ଅନୁମତି ମିଳିବ। ବିବାହ ପାଇଁ ଏକାଧିକ କାର୍ଯ୍ୟକ୍ରମ ଯଥା ହଳଦୀ , ମେହେନ୍ଦୀ ଓ ଅନ୍ୟ ଆୟୋଜନ କରାଯାଇପାରିବ ନାହିଁ। ସରକାରୀ କାର୍ଯ୍ୟାଳୟ ୫୦ ପ୍ରତିଶତ କ୍ଷମତାରେ ପରିଚାଳିତ ହେବ। କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧିନ କାର୍ଯ୍ୟାଳୟରେ ମଧ କମ୍ କର୍ମଚାରୀରେ କାମ କରବାକୁ ଅନୁରୋଧ କରିବୁ ବୋଲି ଏସଆରସି କହିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଗଣମାଧମକୁ ଏହି ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ଗତ ୫ଦିନ ମଧରେ କରୋନା ସଂକ୍ରମିତ ସଂଖ୍ୟା ୧୨୦୦ରୁ ଅଧିକ ଛୁଇଁଲାଣି । ତେବେ ଜୀବିକା ଓ ଜୀବନ ମଧରେ ସମନ୍ୱୟ ରକ୍ଷା କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜୀବିକାକୁ ପ୍ରଭାବିତ ନକରି ଜୀବନକୁ ସୁରକ୍ଷିତ ରଖିବା ନିମନ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ବାରମ୍ବାର ହାତ ଧୋଇବା ଭଳି ୩ଟି ନିୟମକୁ ପାଳନ ସହ ସରକାରଙ୍କ ଗାଇଡଲାଇନକୁ ମାନିବାକୁ ସେ ପରାମର୍ଶ ଦେଇଛନ୍ତି। ସୋସିଆଲ ମିଡିଆରେ ଗୁଜବ ଉପରେ ବିଶ୍ୱାସ ନକରି କେବଳ ସରକାରୀ ପରାମର୍ଶକୁ ପାଳନ କରିବାକୁ ସେ କହିଛନ୍ତି। ଯେଉଁମାନେ ଡବଲ ଡୋଜ୍ ନେଇଛନ୍ତି, ସେମାନେ ମଧ ଓମିକ୍ରନ୍ ସଂକ୍ରମିତ ହେବାର ଆଶଙ୍କା ରହିଛି। ତେଣୁ ଯେଉଁମାନେ ଟିକା ନେଇ ନାହାନ୍ତି, ଶୀଘ୍ର ନେଇ ସରକାରଙ୍କୁ ସହଯୋଗ କରନ୍ତୁ।

## ପ୍ରକାଶ ପାଇଲା ଚୂଡାନ୍ତ....

ଉପଲବ୍ଧ ହୋଇପାରିବ । ସମସ୍ତ ଭୋଟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବସାଇଟ୍ www.ceoorissa.nic.in ରେ ତନଖି କରି ପାରିବେ । ଏହା ବ୍ୟତୀତ ଚଳିତ ଚୂଡାନ୍ତ ଭୋଟର ତାଲିକାରେ ଯଦି କୌଣସି ଭୋଟରଙ୍କ ତୃଟି ବିଚ୍ୟୁତି ଥାଏ ତାହେଲେ ସେମାନେ ତ୍ରୁଟି ସଂଶୋଧନ ନିମନ୍ତେ ପୂର୍ବଭଳି ଉଭୟ ଅନଲାଇନ୍ ଓ ଅଫ୍ ଲାଇନ୍ ମାଧମରେ ଆବେଦନ କରିପାରିବେ । ଯାହାକି ଧାରାବାହିକ ସଂଶୋଧନ ପ୍ରକ୍ରିୟାରେ କରାଯାଇପାରିବ । ଭୋଟର ମାନେ ଚାହିଁଲେ www.nvsp.inକୁ ଯାଇ ଏକକ ମୋବାଇଲ୍ ମାଧମରେ ସେମାନଙ୍କର ର-ରଚଓଉ ମଧ ଡାଉନଲୋଡ୍ କରି ନିଜ ମୋବାଇଲରେ ରଖି ପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ସମଗ୍ର ରାଜ୍ୟରେ ୨୦୨୨ ମସିହା ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପରେ ଗତ ନଭେମ୍ବର ୧ ତାରିଖ ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା ଓ ଭୋଟର ମାନଙ୍କର ଦାବୀ ଆପତି ଶୁଣିବା ନିମନ୍ତେ ଗତ ନଭେମ୍ବର ୧ ତାରିଖ ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା । ଏହି ସମୟ ମଧରେ ଦାବି ଆପତି ନିମନ୍ତେ ସମୁଦାୟ ୧୮,୬୫,୫୭୦ ଗୋଟି ଦାବି-ଆପତି ଫର୍ମ ଗ୍ରହଣ କରାଯାଇଥିଲା । ତନ୍ମଧରୁ ୧୨,୦୨,୧୦୧ ଅର୍ଥାତ୍ ୬୪.୪୪% ଦାବୀ ଓ ଆପତି ଅନଲାଇନ୍ ମାଧମରେ ଆସିଥିବା ବେଳେ ୬,୬୩,୪୬୯ ଅର୍ଥାତ୍ ୩୫.୫୬% ଦାବୀ ଓ ଆପତି ଅଫଲାଇନ୍ ମାଧମରେ ଗ୍ରହଣ କରାଯାଇଥିଲା ।

## ଓଡ଼ିଶାରେ ଆଉ ୨୪ ଓମିକ୍ରନ୍ ....

୬୦୦ରୁ ଅଧିକ ଆକ୍ରାନ୍ତି ଚିହ୍ନଟ ହୋଇଥିବା ଆଜି ଏହା ଏକାଥରକେ ୧୨୧୬ରେ ପହଞ୍ଚିଯାଇଛି। ଗୋଟିଏ ପରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଅନ୍ୟ ପଟେ ଓମିକ୍ରନ ମଧ ଲଗାତରେ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ଲଗାତର ଆକ୍ରାନ୍ତଙ୍କ ସଂଖା ବଢୁଥିବାରୁ ଏହାକୁ ବିଶେଷଜ୍ଞ ମାନେ ତୃତୀୟ ଲହର ବୋଲି କହିଛନ୍ତି। ଓମିକ୍ରନ ଡେଲ୍ଟା ଠାରୁ ତିନି-ଚାରି ଗୁଣା ଅଧିକ। ତେଣୁ ଏଥିରେ ଅଧିକ ଲୋକ ସଂକ୍ରମଣ ହେବାର ସମ୍ଭାବନା ରହିଛି। କିନ୍ତୁ ଆଶ୍ୱସ୍ତିକର କଥା ହେଉଛି ଓମିକ୍ରନରେ ଆକ୍ରାନ୍ତ ବେଶୀ ଗୁରୁତର ହେଉନାହାନ୍ତି।

## କ୍ୟାବିନେଟ୍ ନିଷ୍ପତ୍ତି : ଏଣିକି ....

କଟକଣାକୁ ପ୍ରତିହତ କରିବ ଲାଗି ବିଭିନ୍ନ ଅଧିକାରୀଙ୍କୁ କ୍ଷମତା ସଂପନ୍ନ କରିବାକୁ ସରକାର ଏହି ନିଷ୍ପତି ନେଇଛନ୍ତି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ପ୍ରୋସେସକୁ ଡିସେଂଟ୍ରାଲାଇଜ କରାଯିବ। ଟେମ୍ପୁଲ ମ୍ୟାନେଜିଂ କମିଟିକୁ ଏନେଇ ଦାୟିତ୍ୱ ଦିଆଯିବ। ବିଭିନ୍ନ ଲେବୁଲରେ ବିଭିନ୍ନ ପ୍ରକାର ଜମିକୁ ସେଟଲ୍ କରାଯାଇପାରିବ। ମହାପ୍ରଭୁଙ୍କ ଜମିରେ ଯେଉଁମାନେ ୪୦ରୁ ୫୦ ବର୍ଷ ହେବ ଲୋକେ ବସବାସ କରୁଛନ୍ତି, ସେମାନଙ୍କର ବହୁ ଦିନର ସମସ୍ୟା ସମାଧାନ ହୋଇଯିବ। ମନ୍ଦିର ପ୍ରଶାସନ ସେହି ଜମିରୁ କିଛି ଅର୍ଥ ପାଉନାହିଁ। ସେହି ଜମିଗୁଡ଼ିକ ବିକ୍ରି କରାଯାଇ ମନ୍ଦିର କାର୍ଯ୍ୟରେ ଲଗାଯିବ।

## ତୁଟୁନି ତପସ୍ୱିନୀ ସୁମିତଙ୍କ ....

ସେ ପରିବାର ଲୋକଙ୍କ ସହ ମିଶିକି ରହିବାକୁ ଚାହୁଁଛନ୍ତି । ବହୁ ଚର୍ଚ୍ଚିତ ସୁମିତ-ତପସ୍ୱିନୀ ବୈବାହିକ ବିବାଦ ତୁଟିବାର ନାଁ ନେଉ ନାହିଁ । କୋର୍ଟ ସୁମିତଙ୍କ ଘରେ ରହିବାକୁ ତପସ୍ୱିନୀଙ୍କୁ ନିର୍ଦ୍ଦେଶ ଦେବା ପରେ ତପସ୍ୱିନୀ କେଉଁଠି ରହିବେ ତାକୁ ନେଇ ନୂଆ ବିବାଦ ଦେଖା ଦେଇଛି । ସୁମିତଙ୍କ ବ୍ରହ୍ମନଗରସ୍ଥିତ ଉପର ମହଲାରେ ତପସ୍ୱନୀ ରହିବା ପାଇଁ କଠୋରୀ ସଫା-ସୁତରା କରାଯାଇଛି । କିନ୍ତୁ ତପସ୍ୱିନୀ ଉପର ମହଲାକୁ ଯିବାକୁ ରାଜି ନାହାନ୍ତି । ସୁମିତଙ୍କ ଗ୍ୟାରେଜରେ ଅଛନ୍ତି । କହୁଛନ୍ତି, ସେ ଉପର ମହଲା ଯିବେ ନାହିଁ, ପରିବାର ଲୋକଙ୍କ ସହ ମିଶିକି ରହିବେ । ଅନ୍ୟପଟେ ସୁମିତଙ୍କ ବାପା କହିଛନ୍ତି, ତପସ୍ୱିନୀଙ୍କ ରହିବା ପାଇଁ ଉପର ମହଲାରେ ବ୍ୟବସ୍ଥା କରାଯାଇଛି । ମାସର ୧୦ ତାରିଖ ସୁଦ୍ଧା ଚଳିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଟଙ୍କା ମଧ ଦିଆଯିବ । କିନ୍ତୁ ତପସ୍ୱିନୀଙ୍କୁ ସାଙ୍ଗରେ ରଖିହେବ ନାହିଁ । କାରଣ ତପସ୍ୱିନୀ ସାଙ୍ଗରେ ରହିଲେ ପୁଣି ଘରୋଇ ହିଂସାର ମିଛ ଅଭିଯୋଗ ଆଣିବା ସମ୍ଭାବନା ରହିଛି । ସେପଟେ ସୁମିତ ସାହୁଙ୍କ ଓକିଲ କହିଛନ୍ତି, ଜିଲ୍ଲା ଜଜଙ୍କ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଅପିଲ କରିବେ । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଜିଲ୍ଲା ଜଜ୍ ମଙ୍ଗଳବାର ତପସ୍ୱିନୀଙ୍କ ସପକ୍ଷରେ ରାୟ ଦେଇଥିଲେ । ତପସ୍ୱିନୀ ଶାଶୁ ଘରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ତପସ୍ୱିନୀଙ୍କୁ ଘରେ ରଖିବାକୁ ସୁମିତ ପରିବାର ରାଜିଥିବା ବେଳେ ସାଙ୍ଗରେ ରଖିବାକୁ ରାଜି ନାହାନ୍ତି ।

# ସିପିଆଇଏମ୍ ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ

ଜଳେଶ୍ୱର, ୦୫/୦୧ (ନି.ପ୍ର): ଜଳେଶ୍ୱର ବ୍ଲକର ସିପିଆଇ(ଏମ୍) ଓ ସିଆଇଟିୟୁ ସୁଗୋ ଶାଖା ପକ୍ଷରୁ ୬ଦଫା ଦାବିରେ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ପଂଚାୟତ ସରପଂଚଙ୍କ ନିଲମ୍ବନ ପରେ ଅଚଳାବସ୍ଥା ଲାଗି ରହିବାରୁ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ୩ ମାସ ପରେ ନାଏବ ସରପଂଚଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । କୋର୍ଟର ଆଦେଶ ବଳରେ ସରପଂଚ ପୁନଃଅବସ୍ଥାପିତ ହେବା ପରେ ଅଦ୍ୟାବଧି କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରି ନାହିଁ। ପଂଚାୟତ ନିର୍ବାଚନ ନିକଟ ହୋଇଥିବାରୁ ଲୋକଙ୍କୁ ସେମାନଙ୍କ ନ୍ୟାୟ ବିଲିବାରେ ଅହେତୁବ ବିଳମ୍ବ ହେବା ସମ୍ଭାବନା ରହିଛି । ପଂଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ବକେୟ ଅର୍ଥ ପୈଠ କରିବା, ଆବାସ ଯୋଜନାରେ ହିତାଧିକାରୀଙ୍କୁ ଜବ୍‌କାର୍ଡ ମଧ୍ୟମରେ ଟଙ୍କା ଦେବା, ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା, ଆଚରଣ ବିଧି ଲାଗୁ ପୂର୍ବରୁ ସମସ୍ତ ଉନ୍ନୟନ କାର୍ଯ୍ୟ ସମାପ୍ତ କରିବା, ଅତ୍ୟାବଶ୍ୟକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ରୋକିବା ଇତ୍ୟାଦି ଦାବିରେ ପଲ୍ଟୁ ଦାସ, ମଦନ ମାହାଲି, ଗଣେଶ ଜେନା, ସବିତା ଭୂୟାଁ, ଅଜିତ୍ ଦାସ, ଶରତ ମହାନ୍ତି, କୁନା ଟୁଡୁ, ସପନ କର, ଗଗନ ଗିରି, ପ୍ରଦୀପ ଦାସ, ମମତା ରାଜ, ସୂର୍ଯ୍ୟକାନ୍ତ ପାତ୍ର, ସୁଜିତ୍ କୁଅଁର ପ୍ରମୁଖ ଗଣବିକ୍ଷୋଭରେ ସାମିଲ ହୋଇଥିଲେ । ଏ ସମ୍ପର୍କରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ମିଶନ ଶକ୍ତି ଗୃହ ଉଦ୍‌ଘାଟନ କଲେ ବସ୍ତା ବିଧାୟକ



ବସ୍ତା, ୦୫/୦୧ (ନି.ପ୍ର): ବସ୍ତା ବ୍ଲକ ସଦସନନ୍ଦପୁର ପଞ୍ଚାୟତରେ ମିଶନ ଶକ୍ତିର ଗୃହ ଉଦଘାଟନ କଲେ ମାନ୍ୟବର ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ।ଉପସ୍ଥିତ ଥିଲେ ବସ୍ତା ସିଡିପିଓ ଚମ୍ପାରାଣୀ ମୁର୍ମୁଓ ମିଶନଶକ୍ତିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସଂଗଠନର ସଭାପତି ସବିତା ଜେନା ସମ୍ପାଦକ ମମତା ଦାସ । ସଦାନନ୍ଦପୁର ସରପଞ୍ଚ ଅନୀଲ କୁମାର ମହାନ୍ତିଙ୍କ ତତ୍ତ୍ୱାବୋଧନରେ ପରିଚାଳିତ ଉତ୍ସବରେ ଚେୟାରମେନ ଲକ୍ଷ୍ମୀଧର ଦାସ ଉପାଧକ୍ଷ ରଞ୍ଜନା ଦାସ ସଦସ୍ୟ ଆକ୍ଷୟ ବେହେରା ବ୍ରାହ୍ମଣଦା ସରପଞ୍ଚ ବିଷ୍ଣୁପ୍ରିୟା ବୁରୁଡି ପୂର୍ବତନ ଜିଲ୍ଲା ପରିଷଦ ହରଗୋପାଲ ସିଂ.ପୂର୍ବତନ ସଦାନନ୍ଦପୁର ସରପଞ୍ଚ ରଚିତା ମହାନ୍ତି ବରିଷ୍ଠ ବିଜେଡିନେତା ମହାଦେବ ଦାସ.ସମାଜସେବି ଶଙ୍କର କର ବିଜେଡି ବ୍ଲକ ମିଡିଆସେଲ ସଂଯୋଜକ ବିରାଜ ସିଂଦେଓ ଯୁବସଭାପତି ଦେବାଶିଷ କର ସମେତ ବହୁ ମିଶନଶକ୍ତିର ମହିଳା ବିଜେଡି କର୍ମୀ ଉପସ୍ଥିତଥିଲେ । ତେବେ ପଞ୍ଚାୟତର ୭୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ୮୦୦ ଜଣ ସଦସ୍ୟ ଯୋଗ ଦେଇଥିଲେ।

ବାଲେଶ୍ୱର, ଗୁରୁବାର, ୦୬ ଜାନୁଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ରେଳମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ୭ରେ

ବାଲେଶ୍ୱର,୦୫/୦୧ (ନି.ପ୍ର): ଆସନ୍ତା ୭ ତାରିଖରେ ବାଲେଶ୍ୱର ଆସୁଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରସ୍ତୁତି ଜୋରଦାର ଚାଲିଛି। ମନ୍ତ୍ରୀ ଶ୍ରୀ ବୈଷ୍ଣବ ବାଲେଶ୍ୱରରେ ପହଞ୍ଚିବା ପରେ ସାଢ଼େ ୧୨ଟା ବେଳେ ପ୍ରଥମେ ବାଲେଶ୍ୱର-ଭୁବନେଶ୍ୱର ମେମୋ ଟ୍ରେନର ଶୁଭାରମ୍ଭ କରିବେ। ପରେ ବାଲେଶ୍ୱର ଷ୍ଟେସନ ପରିସରରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବେ ବୋଲି ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସଭାପରେ ମନ୍ତ୍ରୀ ନୀଳଗିରି ନୀଳଗିରିକୁ ଯାଇ ଯାତ୍ରୀ ପରିବହନ ଆରମ୍ଭ ପାଇଁ ସେଠାକାର ଷ୍ଟେସନ ନିର୍ମାଣର ଶିଳନ୍ୟାସ ସହ ଆୟୋଜିତ ଜନସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବୋଲି ସାଂସଦ କହିଛନ୍ତି। ଆଦିବାସୀ ଅଧୁଷିତ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ଦୀର୍ଘ ଦିନରୁ ହୋଇ ଆସୁଥିବା ଦାବି ଏବେ ଫଳବତୀ ହେବାକୁ ଯାଉଥିବା ବେଳେ ଏହା ବାଲେଶ୍ୱର ଜିଲା ପାଇଁ ବଡ଼ ସଫଳତା। ଏହାର ନିର୍ମାଣ ଦୁଇ ମାସ ମଧ୍ୟରେ ଶେଷ ହେବ ବୋଲି ସାଂସଦଶ୍ରୀ ଷଡ଼ଙ୍ଗୀ ଆଶାପ୍ରକାଶ କରିଛନ୍ତି। ଏଥି ପାଇଁ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ନୀଳଗିରିରୁ ଫେରି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ରେମୁଣା କ୍ଷୀରଚୋରା ମନ୍ଦିର ଯାଇ ଶ୍ରୀଗୋପୀନାଥ ଭଗବାନଙ୍କୁ ଦର୍ଶନ କରିବେ। ସେହିପରି ଅପରାହ୍ଣରେ ଭଦ୍ରକ-ଖଡ଼ଗପୁର ଡିଭିଜନ ମଧ୍ୟରେ ତୃତୀୟ ରେଳ ଲାଇନ ନିର୍ମାଣ ସହ ବସ୍ତା ରେଳ ଷ୍ଟେସନର ନୂତନ ଷ୍ଟେସନ ଗୃହକୁ ମନ୍ତ୍ରୀ ଉଦଘାଟନ କରିବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଡାକ୍ତର ନିଯୁକ୍ତି ଦାବିରେ ଅହୋରାତ୍ର ଆମରଣ ଅନଶନ ୨ୟ ଦିନରେ : ୨ ବୃଦ୍ଧ ଅସୁସ୍ଥ



ଜଳେଶ୍ୱର, ୦୫/୦୧ (ନି.ପ୍ର): ଓଡିଶା ଉପାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଥିବା ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଅଧିକାଂଶରେ ଡାକ୍ତର ନାହାନ୍ତି । ଖୁଆଡ, ଓଲମରା, ନାମ୍ପୋ, ଛମୌଜ, ଜମାଲପୁରରେ, ଲକ୍ଷ୍ମଣନାଥ, ଶିଖରପୁର ଓ ଜଳେଶ୍ୱର ପୁରୁଣା ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି । ନାମ୍ପୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବର୍ଷରୁ ସ୍ଥାୟୀ ଡାକ୍ତର ନଥିବାରୁ ଗ୍ରାମବାସୀମାନେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ । ପୂର୍ବ ସୂଚନା ଅନୁଯାୟୀ ଗତକାଲି ମଂଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଅହରାତ୍ର ଆମରଣ ଅନସନ ଆରମ୍ଭ ହୋଇଛି । ଖାଲିନା, ସମ୍ପଡିଆ, ନେତୁଆ, ସୁଗୋ, ବର୍ଡ଼ନା, ବାଇଗଣବାଡିଆ ଆଦି ପଂଚାୟତର ବହୁ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି । ଦୀର୍ଘ ୧୫ବର୍ଷ ଧରି ଏଠାରେ କେହି ସ୍ଥାୟୀ ଡାକ୍ତର ନ ଥିବାରୁ ଆଂଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବିଜେପିର ନାମ୍ପୋ ଶାଖା ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି । ଗତକାଲି ଅପରାହ୍ନରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରଭାସଚନ୍ଦ୍ର ନାୟକ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ରଂଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ସପ୍ତାହକୁ ୨ଦିନ ଜଣେ ଡାକ୍ତରଙ୍କୁ ପଠାଇବା ଓ ୧ମାସ ପରେ ଡାକ୍ତର ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଅଡି ବସିଥିଲେ । ଅହରାତ୍ର ଆମରଣ ଅନସନରେ ବସିଥିବା ଆନ୍ଦୋଳନକାରୀଙ୍କ ମଧ୍ୟରୁ ଆଜି ବୁଧବାର ମଧ୍ୟାହ୍ନରେ ସୁଧିର ଭୂୟାଁ(୭୩) ଓ ବିଜୟ ପାତ୍ର (୬୭) ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିବା ଜଣାଯାଇଛି । ଏହି ଆନ୍ଦୋଳନରେ ନେତୃତ୍ୱ ନେଉଥିବା ଗୋପାଳ ଦତ୍ତ, ସୁମତି ଦେ, ଜଗନ୍ନାଥ ପ୍ରଧାନ, ପ୍ରତାପ ସେନାପତି, ସୋରୂପ ସିଂହ, ହରିଶଚନ୍ଦ୍ର ହୁଇ, ସୁଧିର ଭୂୟାଁ, ଜ୍ୟୋତିବ୍ରହ୍ମ ଦେ, ଜନ୍ମେଜୟ ଚନ୍ଦ, ବିନୟ ଭୂୟାଁ, ଅକ୍ଷୟ ଜେନା, ଦିଲ୍ଲିପ ଦାସ ପ୍ରମୁଖ ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସେମାନେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଆଜି ପ୍ରଶାସନ ପକ୍ଷରୁ ସେମାନଙ୍କ ନିକଟକୁ କେହି ଆସିନଥିବା କ୍ଷୋଭର ବିଷୟ ବୋଲି କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଡିଜିପି

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଓଡିଶାର ନବ ନିଯୁକ୍ତ ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ସାକ୍ଷାତ କରିଛନ୍ତି। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳିବ ସ୍ୱେଟର

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଶୀତଦିନ ପାଇଁ ସ୍ୱେଟର ମିଳିବ। ରାଜ୍ୟରେ ଥିବା ୧୦୪ଟି ଶିକ୍ଷାନୁଷ୍ଠାନ (ସ୍ୱତନ୍ତ୍ର ବିଦ୍ୟାଳୟ)ର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ସ୍ୱେଟର ଦିଆଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏଥି ପାଇଁ ଅର୍ଥ ମଂଜୁର କରାଯାଇଛି।

# ବକେୟା ଦରମା ଦାବିରେ ଏମବିକେ-ସିଆରପିଙ୍କ ଗଣଧାରଣା

ବାଲେଶ୍ୱର,୦୫/୦୧ (ନି.ପ୍ର): ବିଭିନ୍ନ ଦାବିନେଇ ରେମୁଣା ବ୍ଲକ ବଡ଼ପାଳ ପଞ୍ଚାୟତ ମାଷ୍ଟର ବୁକ କିପର(ଏମବିକେ) ଏବଂ କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି)ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ତେବେ ସଂଧ୍ୟା ସୁଦ୍ଧା ଧାରଣା ସ୍ଥଳରେ ପ୍ରଶାସନର କୌଣସି ଅଧିକାରୀ ନ ପହଞ୍ଚିବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ପାଇଁ ବଡ଼ପାଳ ପଞ୍ଚାୟତରେ କାର୍ଯ୍ୟରତ ଏମବିକେ ଓ ସିଆରପିମାନେ ୧୪ ମାସ ଧରି ଦରମା ପାଇ ନଥିବା ସେମାନେ କହିଛନ୍ତି। ବକେୟା ଦରମା ପ୍ରଦାନ ଦାବିରେ ଗତବର୍ଷ ଅଗଷ୍ଟ ମାସରେ ୬ଜଣ ସିଆରପି ଓ ଜଣେ ଏମବିକେ ରେମୁଣା ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ସେମାନଙ୍କୁ ୧୨ ମାସ ଦରମାରୁ ୧୦ ମାସ ଦରମା ପ୍ରଦାନ କରାଯାଇଥିଲା । ଏହି ଘଟଣା ପରଠାରୁ ଅଦ୍ୟାବଧି ୧୪ ମାସର ଦରମା ସେମାନଙ୍କୁ ମିଳି ନାହିଁ ବୋଲି ଧାରଣାରତ ମହିଳାମାନେ ସୂଚନା ଦେଇଛନ୍ତି। ଗତ ଏପ୍ରିଲ ମାସରେ କାର୍ଯ୍ୟକାରିଣୀ କମିଟିର ସଦସ୍ୟା ଓ ଏସଏଚଜିର ସଦସ୍ୟାମାନଙ୍କ ଦ୍ୱାରା ନୂତନ ସଭାନେତ୍ରୀ ଓ ସଂପାଦିକା ଚୟନ କରାଯାଇଥିଲା । ଏହାପରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଆଧାରରେ ବ୍ୟାଙ୍କ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଏମବିକେ ଏବଂ ସିଆରପିଙ୍କର ୪ ମାସର ଦରମା ସ୍ୱୟଂ ସାହାୟକ ଗୋଷ୍ଠୀଙ୍କ ଜମାଖାତାକୁ ପଠାଇ ଦିଆଯାଇଥିଲା। ମାତ୍ର ପୂର୍ବତନ ସଭାନେତୀ ଓ ସମ୍ପାଦିକାମାନେ ବ୍ଲକ କତ୍ତପକ୍ଷ ସେହି ଆକାଉଣ୍ଟକୁ ସିଜ କରିବା ପାଇଁ ଜଣାଇଥିଲେ । ସେହିଅନୁସାରେ ସେମାନଙ୍କ ଜମାଖାତାକୁ ଜବତ କରାଯାଇଥିବା ଧାରଣାକାରୀମାନେ ଅଭିଯୋଗ କରିଥିଲେ । ଏ ଦିଗରେ ଜିଲାପାଳ ବିଚାର କରିବା ସହ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ପଦକ୍ଷେପ ଗ୍ରହଣ ପାଇଁ ସେମାନେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ବଡ଼ପାଳ ଏମବିକେ-ସିଆରପି ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ନୀଳଗିରିକୁ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ କେନ୍ଦ୍ରର ମଞ୍ଜୁର



ନୀଳଗିରି, ୦୫/୦୧ (ନି.ପ୍ର): ନୀଳଗିରି ବାସୀଙ୍କ ବହୁଦିନର ଆଶା ଆକାଂକ୍ଷାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବହୁ ପୂର୍ବରୁ ଦାବୀ କରି ଆସୁଥିବା ବେଳେ ପୂର୍ବ ରେଳମନ୍ତ୍ରୀ ପିୟୁଷ ଗୋଏଲ ଏବଂ ବର୍ତମାନର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବହୁବାର ଚିଠି ଲେଖିବା ସହ ସାକ୍ଷାତ କରିଥିଲେ । ଶେଷରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦାବୀ କୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀବୈଷ୍ଣବେ ସବୁଜ ସଂକେତ ଦେବା ସହ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି ଟୁଇଟ କରି ଜଣାଇଛନ୍ତି । ଏଥି ପାଇଁ ଶ୍ରୀଯୁକ୍ତ ଷଡ଼ଙ୍ଗୀ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏକ ସାମ୍ବାଦିକ ସମ୍ମୀଳନୀରେ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନର ଚଳାଚଳକୁ ସବୁଜ ସଂକେତ ମିଳିଥିବାରୁ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବକୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଯାତ୍ରୀବାହୀ ଟ୍ରେନ ଚାଲିବା ଦ୍ୱାରା ଅଂଚଳର ବିକାଶ ହେବା ସହ ବେକାର ଯୁବକ ଯୁବତୀ ନିଜର କର୍ମସଂସ୍ଥାନର ଉନ୍ନତି ଘଟିବ ବୋଲି ଶ୍ରୀଯୁକ୍ତ ନାୟକ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, ରାଧାଗୋବିନ୍ଦ ଖଟୁଆ, ପ୍ରଫୁଲ୍ଲ ଦଳେଇ, ନିତ୍ୟାନନ୍ଦ ପୃଷ୍ଟି, ଦେବାଶିଷ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ବିଶ୍ୱାଳ, କରୁଣାକର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ ।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ଦ୍ୱାରା କୋଟି କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର, ୦୫/୦୧ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ କୋଟି କୋଟି ଟଙ୍କା ଅଟକଳର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ ସୋମବାର ହେଉଇଯାଇଛି । ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏମୁଖ୍ୟଅତିଥି ଭାବେ ଯୋଗଦେଇ ୩୧୮. ୨୫ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଚାରିଗୋଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। ଏଥିରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରଥମେ ଚାନ୍ଦିପୁର ଗ୍ରାମ ପଂଚାୟତରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । ପରେ ସୋନାପୁର ଛକଠାରେ ଜଳ ନିକାସ ବିଭାଗ ପକ୍ଷରୁ ୨ କୋଟି ୮୫ ଲକ୍ଷ ଟଙ୍କାର ୮ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଅନୁରୂପ ଭାବେ ଶ୍ରୀକୋଣା ଗ୍ରାମ ପଞ୍ଚାୟତର ପଟାପୋଲଠାରେ ୩୪ ପଞ୍ଚାୟତବାସୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ୨୭୬ କୋଟି ଟଙ୍କା ଖର୍ଚ୍ଚ ଅଟକଳର ବୃହତ ପାଇପ ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ସଦର ବ୍ଲକର ୧୪ ଗୋଟି ପଞ୍ଚାୟତ ଓ ରେମୁଣା ବ୍ଲକର ୨୦ ଗୋଟି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି କୁହାଯାଇଛି । ସେହିପରି ସେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧ ନମ୍ବର ୱାର୍ଡ଼ର ପରମିଟ ଘାଟ ଫାଣ୍ଡିଠାରେ ୪.୩୯ କୋଟି ଟଙ୍କା ବ୍ୟୟରେ ଜଳସେଚନ ବିଭାଗ ତରଫରୁ ବୁଢ଼ାବଳଙ୍ଗ ନଦୀର ନଦୀବନ୍ଧ ସୁରକ୍ଷା ପ୍ରାଚୀରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ସହ ସଦର ବିଧାୟକ ଶ୍ରୀ ଦାସ ଉପସ୍ଥିତ ଥିଲେ। ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ତାଙ୍କୁ ସେମାନେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ସବୁ ପ୍ରକଳ୍ପ ଦ୍ୱାରା ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ସଂଖ୍ୟାଧିକ ଜନସାଧାରଣ ଉପକୃତ ହେବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ସମୀର ଚନ୍ଦ୍ର ଦେ, ସହକାରୀ ଯନ୍ତ୍ରୀ କମଳାକାନ୍ତ ପାତ୍ର, କନିଷ୍ଠ ଯନ୍ତ୍ରୀ ମୀରାଳୀନ ପାତ୍ର, ୨୬ ନମ୍ବର ଜୋନ ଜିଲା ପରିଷଦ କମଳ ସାହୁ, ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ସଦର ବିଡ଼ିଓ ନଗେନ୍ଦ୍ର ନାଥ ଖମାରୀ, ଚାନ୍ଦିପୁର ସରପଞ୍ଚ ତପନ ଜେନା, ଶ୍ରୀକଣା ସରପଞ୍ଚ ପିଆଲି ପ୍ରଧାନ ପ୍ରମୁଖ ଏହି ଶିଳାନ୍ୟାସ ପର୍ବରେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଆଗଧାଡିର ବହୁ ନେତା ଓ ଛାମୁଆ କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟ ରଞ୍ଜନ ଦାସ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଟାଉନ ମହିଳା ସଭାପତି ମୀନା ମହାନ୍ତି, ବରିଷ୍ଠ ନେତା ଯଯାତି ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ଦେବାଲି ସାହୁ, ଶେଖ ଶାକିର ଖାନ, ଅସମା ବିବି, ଶେଖ ରାଜୁ, ଜଗନ୍ନାଥ ମହାରଣା, ଆଶ୍ରିତା ତରେଇ, ସନ୍ଧ୍ୟାରାଣୀ ଜେନା, ରାମଚନ୍ଦ୍ର ନାଥ, ଶକ୍ତିପଦ ରାୟ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# କୃଷ୍ଣପ୍ରସାଦ ବ୍ଲକ୍‌ରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୫/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫେରେନ୍‌ସିଂ ଜରିଆରେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍ ରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରକୁ ଉଦ୍ ଘାଟନ କରିଛନ୍ତି । ୧୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଆଇଟିଆଇରେ ଇଲେକ୍ଟ୍ରିସିଆନ, ଫିଟର, ଇଲେକ୍ଟ୍ରୋନିକ୍ସ ମେକାନିକ୍ ଓ ଡ୍ରେସ ମେକିଂ ପରି ୪ଟି ଟ୍ରେଡ୍ ରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ବର୍ତମାନ ଓ ଭବିଷ୍ୟତର ଶିଳ୍ପଗୁଡିକର ନିଯୁକ୍ତି ଚାହିଦାକୁ ଦେଖି ଏହି ତାଲିମ ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ଆଉ ଅଧିକ ଟ୍ରେଡରେ ତାଲିମ ଦେବାର ବ୍ୟବସ୍ଥା କରାଯିବ। ଏଥିରେ ଆଧୁନିକ ଲାବୋରେଟୋରୀ, ୱାର୍କସପ୍, ହଷ୍ଟେଲ ଆଦି ସମସ୍ତ ସୁବିଧା କରାଯାଇଛି । ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ବିକାଶ ହେବା ସହିତ ଦକ୍ଷ ଯୁବକଯୁବତୀଙ୍କର ଆବଶ୍ୟକତା ମଧ ରହିଛି । ଓଡିଶାରେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପିଲାମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସ୍କିଲଡ୍ ଇନ୍ ଓଡିଶା କାର୍ଯ୍ୟକ୍ରମକୁ ମିଶନ ମୋଡ୍ ରେ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ବିଶ୍ୱ ନିଯୁକ୍ତି ବଜାରରେ ଓଡିଶାର ପିଲାମାନଙ୍କର ଚାହିଦା ସବୁଠାରୁ ଅଧିକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଓଡିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଦେଶର ୧୨ ହଜାର ଆଇଟିଆଇ ମଧ୍ୟରୁ ଶ୍ରେଷ୍ଠ ଶହେଟି ମଧ୍ୟରେ ଓଡିଶାର ୧୦ଟି ଆଇଟିଆଇ ସ୍ଥାନ ପାଇଛନ୍ତି । ଏହା ଏକ ଗୌରବର କଥା । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଓଡିଶାର ପିଲାମାନେ ଜାତୀୟ ଓ ଆନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗୀତାରେ ଉନ୍ନତ ପ୍ରଦର୍ଶନ କରି ଓଡିଶା ପାଇଁ ସୁନାମ ଆଣୁଛନ୍ତି। ଆଗାମୀ ଦିନରେ ମଧ ଓଡିଶାର ପିଲାମାନେ ଏଭଳି ସଫଳତାର ଧାରା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଂଜୟ ଦାସବର୍ମା କହିଲେ ଯେ କୃଷ୍ଣପ୍ରସାଦ ଅଂଚଳ ଚିଲିକା ଓ ସମୁଦ୍ର ମଧ୍ୟରେ ୧୪ଟି ପଂଚାୟତର ଏକ ଦୁର୍ଗମ ଅଂଚଳ। ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିକାଶ ପାଇଁ ଅନେକ ପଦକ୍ଷେପନ ନେଇଛନ୍ତି । ଆଜି ଆଇଟିଆଇ ସ୍ଥାପନ ଦ୍ୱାରା ଏହି ଅଂଚଳରେ ଶିକ୍ଷା ଓ ତାଲିମ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଆରମ୍ଭ ହୋଇଛି ବୋଲି ସେ କହିଥିଲେ ।

# ବାଲେଶ୍ୱର ମାଟିର ଇଂରାଜୀ ପ୍ରୀତି ଦେଖି ପର୍ଯ୍ୟଟକ ମାନେ ଆଶ୍ଚର୍ଯ୍ୟ




ଉଦଳା, ୦୫/୦୧ (ନି.ପ୍ର): ଓଡ଼ିଶାର ଅନ୍ୟ କୌଣସି ସ୍ଥାନ ନୁହେଁ ଖୋଦ ଫକିରମୋହନ ସେନାପତିଙ୍କ ମାଟି ବାଲେଶ୍ୱର ଜିଲ୍ଲାରେ ଇଂରାଜୀ ପ୍ରିତି ପର୍ଯ୍ୟଟକ ମାନଙ୍କୁ ଆଶ୍ଚର୍ଯ୍ୟ କରୁଛି । ଆପଣ ଥରଟିଏ ବାଲେଶ୍ୱର ଜିଲ୍ଲାରେ ଥିବା ରିଷିଆବନ୍ଧକୁ ବୁଲି ଆସନ୍ତୁ । ଦେଖିବେ ଏହାର ବାସ୍ତବ ଚିତ୍ର । ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିବାକୁ ଯେଉଁ ସୂଚନା ଫଳକ ଲଗାଯାଇଛି ତାହା ସମ୍ପୂର୍ଣ୍ଣ ଇଂରାଜୀରେ ଲେଖା ଯାଇଛି । ଏହା ଦେଖି ଏଠାକୁ ଆସୁଥିବା ପର୍ଯ୍ୟଟକ ମାନେ ଆଶ୍ଚର୍ଯ୍ୟ ହେବା ସହିତ ଉକ୍ତ ଅଞ୍ଚଳକୁ ଫକିରମୋହନଙ୍କ ମାଟି ନା ଅନ୍ୟ ଅଞ୍ଚଳର ବୋଲି ପ୍ରଶ୍ନ କରୁଛନ୍ତି । ୧୯୮୯ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହି ଜଳସେଚନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ ।

## ସାର୍ଟିଫିକେଟ୍, ଲାପଟପ୍ ଫେରିପାଇଲେ ଇଂଜିନିୟରିଂ ଛାତ୍ର

ପୁରୀ,୦୫/୦୧ (ନି.ପ୍ର): ପୁରୀ ଆରପିଏଫ୍ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଂଜିନିୟରିଂ କଲେଜର ଜଣେ ଛାତ୍ର ତପସ୍ୱୀନି ଏକ୍ସପ୍ରେସ୍‌ରେ ଛାଡ଼ିଯାଇଥିବା ନିଜର ଓରିଜିନାଲ୍ ସାର୍ଟିଫିକେଟ୍, ଲାପ୍‌ଟପ୍,ହାତଘଣ୍ଟା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଥିବା ଏକ ବ୍ୟାଗ୍ ଫେରିପାଇଛନ୍ତି । ଆଜି ସକାଳେ ୧୮୪୫୧ନମ୍ବର ତପସ୍ୱୀନି ଏକ୍ସପ୍ରେସ୍ ପୁରୀ ରେଲୱେ ଷ୍ଟେସନ୍‌ର ୩ନମ୍ବର ପ୍ଲାଟ ଫର୍ମରେ ଲାଗିଥିଲା। ଟ୍ରେନ୍‌ଟି ଲାଗିବା ପରେ ଷ୍ଟେସନ୍‌ରେ କାର୍ଯ୍ୟରତ ଆରପିଏଫ୍ ଏଏସ୍‌ଆଇ କାଳୀପ୍ରସାଦ ପାଣି ଓ ଅନ୍ୟକର୍ମଚାରୀମାନେ ଗାଡ଼ିକୁ ଯାଞ୍ଚ କରୁଥିବା ସମୟରେ ବି-୨ଏସି କୋଚର ସିଟ୍ ନମ୍ବର ୩୬ ତଳେ ଏକ ବ୍ୟାଗ୍‌ଥିବା ଦେଖିବାକୁ ପାଇଥିଲେ। ଅବଶ୍ୟକୀୟ ସୁରକ୍ଷା ସମ୍ବନ୍ଧିତ ଯାଞ୍ଚ ପରେ ବ୍ୟାଗ୍‌ଟିକୁ ଆରପିଏଫ୍ ପୋଷ୍ଟରେ ଜିମା ଦେଇଥିଲେ। ଆରପିଏଫ୍ ଇନ୍ସପେକ୍ଟର ଅନୀଲ କୁମାର ସିଂ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତରେ ବ୍ୟାଗ୍‌ଟିକୁ ଖୋଲିବା ପରେ ସେଥିରେ ବିହାରର ବୈଶାଳୀ ଜିଲ୍ଲା ଅନ୍ତର୍ଗତ ଭଗବାନପୁରର ନିହାଲ ସିଂ (୨୨)ପି- ସୁନୀଲ ସିଂଙ୍କ ଓରିଜିନାଲ ସାର୍ଟିଫିକେଟ୍, ଲାପ୍‌ଟପ୍,କି ବୋର୍ଡ୍,ଡ଼ଙ୍ଗଲ, ଚାର୍ଯ୍ୟର ଓ ହାତଘଣ୍ଟା ସମେତ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଇଂଜିନିୟରିଂ କଲେଜର ଆଇକାର୍ଡ଼ଥିବା ଦେଖାଯାଇଥିଲା। ଆରପିଏଫ୍ ଇନ୍ସପେକ୍ଟର ଅନୀଲ କୁମାର ସିଂ ଠିକଣା ଆଧାରରେ ଯୋଗାଗଯୋଗ କରିବା ପରେ ନିହାଲ ପୁରୀ ଆସି ତାଙ୍କର ସମସ୍ତ ସାମଗ୍ରୀଥିବା ବ୍ୟାଗ୍‌କୁ ନେଇଥିଲେ। ନିହାଲ ବିହାରରୁ ତପସ୍ୱୀନି ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଆସୁଥିଲେ। ଗାଡ଼ି ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ତାଙ୍କର ଅନ୍ୟ ଆସବାବପତ୍ର ଧରି ଓହ୍ଲାଇଯାଇଥିବାବେଳେ ତାଙ୍କର ଓରିଜିନାଲ ସାର୍ଟିଫିକେଟ୍, ଲାପ୍‌ଟପ୍, ହାତଘଣ୍ଟା ଓ ଅନ୍ୟ ସାମଗ୍ରୀ ଥିବା ଏହି ବ୍ୟାଗଟକୁ ସିଟ୍ ନିକଟରେ ଛଡ଼ିଯାଇଥିଲେ। ଆରପିଏଫ୍‌ରୁ ସୂଚନା ପାଇ ସେ ପୁରୀ ଆସି ତାଙ୍କର ସମସ୍ତ ସାମଗ୍ରୀଥିବା ବ୍ୟାଗକୁ ନେବା ସହିତ ପୁରୀ ଆରପିଏଫ୍ ଇନ୍ସପେକ୍ଟର ଓ ଅନ୍ୟକର୍ମଚରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ନିଷ୍ପତ୍ତି

ବାଲେଶ୍ୱର, ୦୫/୦୧ (ନି.ପ୍ର): ବାଲିଆ, ନୂଆସାହି, ଭାସ୍କରଗଞ୍ଜ, ଗୋଡ଼ିପଦା ଓ ଶୋଭାରାମପୁର ଅଞ୍ଚଳର ବାସିନ୍ଦାଙ୍କୁ ନେଇ ଗତ ୫ବର୍ଷ ତଳେ ଗଠିତ 'ଜଳ ନିଷ୍କାସନ କମିଟି'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ରୟାଲ କୁଇନ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ମଳ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇ ସାମ୍ନା କରୁଥିବା ବର୍ଷାଜଳ ନିଷ୍କାସନ ଜନିତ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋଚନା କରିଥିଲେ। ତାମୁଲିଆଠାରୁ ଓ ରେଳଧାରଣା ପାର୍ଶ୍ୱରୁ ବର୍ଷାଜଳ ସ୍ଥାନୀୟ ଅଞ୍ଚଳ ବାସିନ୍ଦାମାନଙ୍କ ଘରକୁ ପ୍ରବେଶ କରିବା ଫଳରେ ପ୍ରତିବର୍ଷ ଦୁଇତିନିଥର ବ୍ୟାପକ କ୍ଷତି ହେଉଛି। ବିଶେଷ କରି ସହଦେବଖୁଣ୍ଟା ବସଷ୍ଟାଣ୍ଡରୁ ରେମୁଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହୋଇ ନୂଆସାହି ଛକ ନିକଟରେ ଯାତାୟାତରେ ବାଧାସୃଷ୍ଟି କରୁଛି। ଏହାର ପ୍ରତିକାର ପାଇଁ କମିଟି ତରଫରୁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଓ ରେଳ ବିଭାଗକୁ ବହୁ ଆବେଦନ ନିବେଦନ କଲେ ମଧ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇପାରୁନାହିଁ। ତେଣୁ ଆସନ୍ତା ୭ ତାରିଖରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ଅବସରରେ କମିଟି ତରଫରୁ ତାଙ୍କୁ ଏକ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଦାରବିନ୍ଦ ମହାପାତ୍ର, ସନ୍ତୋଷ କୁମାର ସିଂହ, ବିନୋଦ କୁମାର ଦାସ, ଗିରିଧର ବିନ୍ଧାଣୀ, ପୂର୍ବତନ କାଉନସିଲର ଚିତ୍ତରଂଜନ ପଣ୍ଡା, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସରିଲା ପକ୍ଷୀ ଗଣନା : ଠାବ ହେଲା ୩୮ ପ୍ରଜାତିର ପକ୍ଷୀ



ନୀଳଗିରି, ୦୫/୦୧ (ନି.ପ୍ର): ଆଜି କୁଲଡିହା ବନବିଭାଗ ଓ ନୀଳଗିରି ବନବିଭାଗ ପକ୍ଷରୁ ପକ୍ଷୀଗଣନା କାର୍ଯ୍ୟ ଚାଲିଥିବା ବେଳେ ପ୍ରଥମ ଥର ପାଇଁ କୁଲଡିହା ଅଭୟାରଣ୍ୟରେ ବିଦେଶୀ ମାଛ ଖିଆ ଛଂଚାଣକୁ ଠାବ କରାଯାଇଛି । କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନା ଓ ନୀଳଗିରି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ବିଭିନ୍ନ ଟିମ୍ ଗଠନ କରାଯାଇ ଉଭୟ କୁଲଡିହା ଓ ନୀଳଗିରି ରେଞ୍ଜ ଅଧୀନ ବିଭିନ୍ନ ସ୍ଥାନରେ ଉଚ୍ଚ ସଂପନ୍ନ କ୍ୟାମେରା ସାହାଯ୍ୟରେ ପକ୍ଷୀ ଗଣନା କରାଯାଇଥିଲା । ମୋଟ ୨୮ ପ୍ରଜାତିର ପକ୍ଷୀ ଚିହ୍ନଟ କରାଯାଇଥିବାର ଜଣାଯାଇଛି । କୁଲଡିହା ବନବିଭାଗ ଅଧିନସ୍ଥ ରଷିଆ, ଖୁମକୁଟ, ସାତଘାଟି, ବୁଗାଳିବନ୍ଧ ଠାରେ ସକାଳ ୬ଘଟିକାରୁ ପକ୍ଷୀ ଗଣନା କରାଯାଇଥିଲା । ଅନୁରୂପ ଭାବେ ନୀଳଗିରି ରେଞ୍ଜର ପଦ୍ମତୋଳା ଠାରେ ୧୦ ପ୍ରକାର ପ୍ରଜାତିର ପକ୍ଷୀ ଠାବ କରାଯାଇଛି । କୁଲଡିହା ଅଭୟାରଣ୍ୟର ଗ୍ରେହେଡେଡ୍ ଫିସ୍ ଇଗଲ, ପଣ୍ଡ ହେରନ୍, ଲିଟିଲ୍ କରମାରେଂଟା ଏହି ପକ୍ଷୀଗଣନା କାର୍ଯ୍ୟକ୍ରମର ପକ୍ଷୀ ବିଶେଷଜ୍ଞ ମେଘା ନାୟକ, ସୁବ୍ରତ ନାୟକ, ମନୋରଂଜନ ଦାସ, ପୂର୍ବତନ ୱାର୍ଡେନ ପ୍ରକାଶ ମର୍ଦ୍ଦରାଜ ପକ୍ଷୀଗଣନା ରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo